RNI Regd No: ODIODI/2013/49749 ▸ Postal Regd. No: CK/N/19/2025-27 ▸ Website : www.swadhikar.in/epaper ▸ E-Mail: swadhikar.news@gmail.com

ସାଧାରଣ ଜନତାର ସ୍ୱର

ସ୍ୱାଧିକାର

Swadhikar

ପୃଷ୍ଠାରେ...
- ୨ ଯୋଗ୍ୟ ବ୍ୟକ୍ତି ଭତ୍ତାରୁ ବଂଚିତ ହେବେନି : ମନ୍ତ୍ରୀ
- ୩ ସମ୍ବଲପୁର-ଝାରସୁଗୁଡା ୪ ଲେନ ଗ୍ରୀନ୍ ଫିଲ୍ଡ
- ୬ ସିଆରପିଏଫ ପାଟ୍ରୋଲିଂ ଉପରେ ଆକ୍ରମଣ
- ୮ ପୁଣି ଚର୍ଚ୍ଚାରେ ଡାକ୍ତର ମୋତିଲାଲ ଗୌଡ

VOLUME-14 ◆ ISSUE-218 ◆ KENDRAPADA ◆ THURSDAY, 12 NOVEMBER 2026 ◆ PAGE-8 ◆ ₹3.00 ବର୍ଷ-୧୪ ◆ ସଂଖ୍ୟା-୨୧୮ ◆ କେନ୍ଦ୍ରାପଡ଼ା ◆ ନଭେମ୍ବର ୧୨, ୨୦୨୬ ◆ ଗୁରୁବାର ◆ ପୃଷ୍ଠା-୦୮ ◆ ମୂଲ୍ୟ-ଟ୩.୦୦

ଓଡ଼ିଶା-ଜାପାନ ସମ୍ପର୍କରେ ନୂଆ ଅଧ୍ୟାୟ



ତୋତ୍ତୋରି ପ୍ରିଫେକ୍ଚର୍ ସହ 'ମୈତ୍ରୀ ସମ୍ପର୍କ ଚୁକ୍ତି' ସ୍ୱାକ୍ଷରିତ

ଶିଳ୍ପ, ସଂସ୍କୃତି, ଦକ୍ଷତା ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରରେ ବଢ଼ିବ ସହଯୋଗିତା

ଓଡ଼ିଶା ସହ ସହଯୋଗିତାର ବ୍ୟାପକ ସମ୍ଭାବନା ରହିଛି : ଶିଞ୍ଜୀ

ସ୍ଥାୟୀ ସମ୍ପର୍କ ଓ ଦ୍ୱିପାକ୍ଷିକ ଅଭିବୃଦ୍ଧି ପାଇଁ ଆମେ ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ

ଜାପାନର ନିବେଶକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶାକୁ ଆମନ୍ତ୍ରଣ



ଭୁବନେଶ୍ୱର,୧୧।୧୧(ସ୍ୱାଧିକାରନ୍ୟୁଜ): ଓଡ଼ିଶା ଏବଂ ଜାପାନର ତୋତ୍ତୋରି ପ୍ରିଫେକ୍ଚର୍ (ରାଜ୍ୟ) ମଧ୍ୟରେ ଆଞ୍ଚଳିକ, ଆର୍ଥିକ, ସାଂସ୍କୃତିକ ଏବଂ ଶିକ୍ଷାଗତ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଆଜି ସ୍ଥାନୀୟ ଲୋକସେବା ଭବନସ୍ଥିତ କନଭେନ୍ସନ୍ ସେଣ୍ଟରଠାରେ ଏକ ଐତିହାସିକ 'ମୈତ୍ରୀ ସମ୍ପର୍କ ଚୁକ୍ତି' ସ୍ୱାକ୍ଷରିତ ହୋଇଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତୋତ୍ତୋରି ପ୍ରିଫେକ୍ଚର୍'ର ଗଭର୍ଣ୍ଣର ଶ୍ରୀ ଶିଞ୍ଜୀ ହିରାଇଙ୍କ ଉପସ୍ଥିତିରେ ଏହି ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି। ଏହି ବୁଝାମଣା ଫଳରେ ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବୈଦେଶିକ ନିଯୁକ୍ତି, ଏମଏସଏମଇ ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ବିନିଯୋଗ, କୌଶଳ ବିକାଶ ଏବଂ ପର୍ଯ୍ୟଟନର ବ୍ୟାପକ ବିକାଶ ପାଇଁ ନୂତନ ଦିଗ ଉନ୍ମୋଚିତ ହୋଇଛି।

ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ଅବସରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ପ୍ରଥମ ବୁଝାମଣା ପତ୍ରଟି 'ଷ୍ଟାର୍ଟଅପ୍ ଓଡ଼ିଶା' ଏବଂ ତୋତ୍ତୋରି ପ୍ରିଫେକ୍ଚର୍ ମଧ୍ୟରେ ସ୍ୱାକ୍ଷରିତ ହୋଇଛି, ଯାହା ଦ୍ୱାରା ଉଭୟ ଅଞ୍ଚଳ ମଧ୍ୟରେ ବ୍ୟବସାୟିକ, ନିବେଶକ ସଂଯୋଗ ଏବଂ ଏମଏସଏମଇ ସଂସ୍ଥାଗୁଡ଼ିକ ମଧ୍ୟରେ ସୁଦୃଢ଼ ସହଯୋଗିତା ଗଢ଼ିଉଠିବ। ଦ୍ୱିତୀୟ ବୁଝାମଣା ପତ୍ରଟି ଓଡ଼ିଶାର 'ୱାର୍ଲ୍ଡ ସ୍କିଲ୍ ସେଣ୍ଟର' (ଡବ୍ଲୁଏସ୍‌ସି), ତୋତ୍ତୋରି ପ୍ରିଫେକ୍ଚର୍ ଏବଂ 'ନିହନ୍ ଏଜୁଟେକ୍' ମଧ୍ୟରେ ସ୍ୱାକ୍ଷରିତ ହୋଇଛି, ଯାହା ଓଡ଼ିଶାର ଦକ୍ଷ ଯୁବଶକ୍ତି ପାଇଁ ଜାପାନରେ ବୈଦେଶିକ ନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି କରିବ।ଏହି ସମାରୋହରେ ଅଭିଭାଷଣ ରଖି ଜାପାନୀ ଭାଷାରେ "କୋନିଚିୱା" ଅର୍ଥାତ୍ 'ହେଲୋ' କହି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୋତ୍ତୋରିର ଗଭର୍ଣ୍ଣର ଶିଞ୍ଜୀ ହିରାଇ ଏବଂ ଆଗତ ପ୍ରତିନିଧିମଣ୍ଡଳୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମିକୁ ସ୍ୱାଗତ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ଏବଂ ଜାପାନ ମଧ୍ୟରେ ଗଭୀର ବିଶ୍ୱାସ, ପରସ୍ପର ପ୍ରତି ସମ୍ମାନ ଏବଂ ବହୁ ପୁରାତନ ସଭ୍ୟତାଗତ ସମ୍ପର୍କ ରହିଛି। ଆଜିର ଏହି ମୈତ୍ରୀ ଚୁକ୍ତି ଓଡ଼ିଶା ଏବଂ ତୋତ୍ତୋରି ମଧ୍ୟରେ ସେହି ଐତିହାସିକ ସମ୍ପର୍କକୁ ପ୍ରାଦେଶିକ ସ୍ତରକୁ ନେଇ ଏ ସମ୍ପର୍କକୁ ଆହୁରି ଗଭୀର କରିବା ସହିତ ଦୁଇ ଅଞ୍ଚଳର ଜନସାଧାରଣ, ଅନୁଷ୍ଠାନ ଓ ସମୁଦାୟକୁ ନିକଟତର କରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଓ ନିବେଶ ସମ୍ପର୍କରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଇଣ୍ଡୋ ନିସିନ୍, ନିପନ୍ ଷ୍ଟିଲ୍, ଜେ.ଏଫ୍.ଇ. ଷ୍ଟିଲ୍, କ୍ରୋସାକି, ଟିଓ୍ୱାଇକେ, ୟୋକୋହାମା, ଆଇ.ଏଚ୍.ଆଇ. ଏବଂ ଟୋରେ ଭଳି ପ୍ରମୁଖ ଜାପାନୀ ଶିଳ୍ପ ସଂସ୍ଥାଗୁଡ଼ିକ ଓଡ଼ିଶାର ଶିଳ୍ପ ଇକୋ-ସିଷ୍ଟମ ଉପରେ ଗଭୀର ଆସ୍ଥା ପ୍ରକଟ କରିଛନ୍ତି। ଏହି ସଂସ୍ଥାଗୁଡ଼ିକ ରାଜ୍ୟକୁ ନୂତନ ପୁଞ୍ଜିନିବେଶ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଓଡ଼ିଆ ଯୁବବର୍ଗଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନର ସୁଯୋଗ ଆଣିଦେଇଛନ୍ତି। ଏଥିସହିତ ତୋତ୍ତୋରିର ବ୍ୟବସାୟିକ ନେତୃବୃନ୍ଦଙ୍କୁ ଓଡ଼ିଶାର ଏମଏସଏମଇ , ଷ୍ଟାର୍ଟଅପ୍, ଶିଳ୍ପ କ୍ଲଷ୍ଟର ଏବଂ ଦକ୍ଷ ଯୁବଶକ୍ତିର ସାମର୍ଥ୍ୟକୁ ଅନୁଧାନ କରିବା ପାଇଁ ସେ ଆମନ୍ତ୍ରଣ ଜଣାଇବା ସହ ନୂତନ ବିଚାରକୁ ସ୍ଥାୟୀ ସହଯୋଗିତାରେ ପରିଣତ କରିବା ପାଇଁ ଓଡ଼ିଶା ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଉଭୟ ଅଞ୍ଚଳ ମଧ୍ୟରେ ଥିବା ସାଂସ୍କୃତିକ ଓ ଭୌଗୋଳିକ ସାଦୃଶ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଓଡ଼ିଶା ଏବଂ ତୋତ୍ତୋରି ଦୁଇଟିଯାକ ଅଞ୍ଚଳ ମନୋରମ ସମୁଦ୍ରକୂଳ, ଉର୍ବର କ୍ଷେତ ଏବଂ ପାର୍ବତ୍ୟ ମାଳା ଦ୍ୱାରା ସମୃଦ୍ଧ। ଓଡ଼ିଶାର ପଟ୍ଟଚିତ୍ର, ଚାନ୍ଦୁଆ ଓ ପ୍ରସ୍ତର କଳା ଏବଂ ତୋତ୍ତୋରିର ପାରମ୍ପରିକ ହସ୍ତଶିଳ୍ପ ସୂକ୍ଷ୍ମତା ଓ ନିଷ୍ଠାର ପ୍ରତୀକ ଅଟନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗିତା ବୃଦ୍ଧି କରିବା ପାଇଁ ଜାପାନର ପ୍ରତିନିଧିମାନେ ଓଡ଼ିଶାର (ପୃ-୭)

କଟକ ବାଲିଯାତ୍ରାରେ ରାଷ୍ଟ୍ରପତି ମୁଖ୍ୟ ଅତିଥି



କଟକ,୧୧।୧୧(ସ୍ୱାଧିକାରନ୍ୟୁଜ): ଚଳିତ ବର୍ଷ ଐତିହାସିକ କଟକ ବାଲିଯାତ୍ରାରେ ମୁଖ୍ୟ ଅତିଥି ହେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସନ୍ତା ୨୪ ତାରିଖ ବାଲିଯାତ୍ରାକୁ ଉଦଘାଟନ କରିବେ ରାଷ୍ଟ୍ରପତି । ଏ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ଯାଏଁ ହେବ ବାଲିଯାତ୍ରା । ଏଥିପାଇଁ ପ୍ଲଟ୍ ଆବଣ୍ଟନ ଆରମ୍ଭ ହୋଇସାରିଛି । ଚଳିତ ବାଲିଯାତ୍ରାକୁ ପ୍ରଦୂଷଣ ମୁକ୍ତ ଏବଂ ପଲିଥିନ୍ ମୁକ୍ତ କରିବାକୁ ବିଶେଷ ଧ୍ୟାନ ଦିଆଯାଇଛି। ବାଲିଯାତ୍ରା ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କୋଟି ଟଙ୍କାର ଅନୁଦାନ ପ୍ରସ୍ତାବ ରହିଛି। ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ବିଶେଷ ଗୁରୁତ୍ୱ ଦିଆଯିବ। ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି ପକ୍ଷରୁ ୫୦୦ଟି ଷ୍ଟଲ୍ ଖୋଲାଯିବ। ଏହାଦ୍ୱାରା ସ୍ଥାନୀୟ କାରିଗର ଓ ଶିଳ୍ପୀମାନେ ନିଜର ପାରମ୍ପରିକ କଳାକୃତି ଓ ଉତ୍ପାଦକୁ ପ୍ରଦର୍ଶନ କରିବା ସହ ବିକ୍ରିର ସୁଯୋଗ ପାଇବେ। ବାଲିଯାତ୍ରାକୁ ଅନ୍ତର୍ଜାତୀୟ ରୂପ ଦେବା ପାଇଁ ମଧ୍ୟ ଯୋଜନା ହୋଇଛି। ବାଲିରୁ ଏକ ପ୍ରତିନିଧି ଦଳ ଏହି ମହୋତ୍ସବକୁ ଆସିବାର ସମ୍ଭାବନା ରହିଛି। ପ୍ରାଚୀନ କଳିଙ୍ଗ ଓ ବାଲି ଦ୍ୱୀପ ମଧ୍ୟରେ ଥିବା ଐତିହାସିକ ସମ୍ପର୍କକୁ ମଜଭୁତ କରିବା।କୁ ସୁଦୂର ବାଲିରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

୧୫ରେ ଅବପାତ ସମ୍ଭାବନା

ଭୁବନେଶ୍ୱର,୧୧।୧୧(ସ୍ୱାଧିକାରନ୍ୟୁଜ): ଆଜି ବୁଧବାର ଦକ୍ଷିଣଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ୧୩ ତାରିଖ ବେଳକୁ ଲଘୁଚାପ ସୃଷ୍ଟି ସମ୍ଭାବନା ଥିବା ବେଳେ, ଉତ୍ତରପଶ୍ଚିମ ଦିଗରେ ଗତି ସହ ୧୪ରେ ସ୍ୱଷ୍ଟ-ଚିହ୍ନିତ ଲଘୁଚାପ ଏବଂ ୧୫ ବେଳକୁ ଆହୁରି ଘନୀଭୂତ ହୋଇ ଅବପାତର ରୂପ ନେବା ସମ୍ଭାବନା ରହିଛି। ପାଣିପାଗ ବିଭାଗର ପ୍ରାଥମିକ ଆକଳନ ଅନୁଯାୟୀ, ଏହି ସମ୍ଭାବ୍ୟ ଅବପାତର କୌଣସି ବଡ଼ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ରାଜ୍ୟରେ ଶୀତର ପ୍ରକୋପ ଜାରି ରହିବା ସହ ଆସନ୍ତା ସାତ ଦିନ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ। ତେବେ ଉପକୂଳବର୍ତ୍ତୀ କିଛି ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିପାରେ।

ତେବେ ଏହି ସିଷ୍ଟମ ପ୍ରଭାବରେ ନଭେମ୍ବର ୧୩ ରୁ ୧୬ ତାରିଖ ମଧ୍ୟରେ ଆଣ୍ଡାମାନ ସାଗର, ଦକ୍ଷିଣ-ପୂର୍ବ ଓ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିବ। ଏହି ସମୟରେ ସମୁଦ୍ର ମଧ୍ୟରେ ଘଣ୍ଟାପ୍ରତି ୪୦ ରୁ ୬୦ କିଲୋମିଟର ବେଗରେ ଝଡ଼ ପବନ ବହିବା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ନଯିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଗଞ୍ଜାମ ବନ୍ୟାକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ସ୍ପଷ୍ଟୀକରଣ

ଅପ୍ରତ୍ୟାଶିତ ପ୍ରାକୃତିକ ବର୍ଷା ଦାୟୀ

ଭୁବନେଶ୍ୱର,୧୧।୧୧(ସ୍ୱାଧିକାରନ୍ୟୁଜ): ଅପ୍ରତ୍ୟାଶିତ ଓ ଆଶାତୀତ ବନ୍ୟା ବିପର୍ଯ୍ୟୟର କାରଣ ଥିଲା, ମାତ୍ର ନଦୀ ଜଳ ପରିଚାଳନାରେ କୌଣସି କୌଣସି ତ୍ରୁଟି ହୋଇନାହିଁ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି। ବାତ୍ୟା ଅର୍ଣ୍ଣବ ପାଇଁ ଗଞ୍ଜାମ ଜିଲ୍ଲାର ପ୍ରଳୟଙ୍କରୀ ବନ୍ୟାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି। ଏ ନେଇ

ସରକାରଙ୍କ ପରିଚାଳନାରେ କୌଣସି ତ୍ରୁଟି ହୋଇନି

ଜିଲ୍ଲାରେ କୌଣସି ଜୀବନହାନି ନ ଘଟିବା ବଡ ସଫଳତା



ଶାସକ-ବିରୋଧୀ ମୁହାଁମୁହିଁ ହୋଇଥିବାବେଳେ ଆଜି ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବ ଅନୁ ଗର୍ଗ ସାମ୍ନାକୁ ଆସି ତଥ୍ୟ ସହ ସ୍ପଷ୍ଟୀକରଣ ରଖିଛନ୍ତି।

ଆଜି ଲୋକସେବା ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ନେତୃତ୍ୱରେ ଆସିଥିବା କେନ୍ଦ୍ରୀୟ ଟିମ୍ ଗଞ୍ଜାମର ସ୍ଥିତି ଅନୁଧ୍ୟାନ କରିବା ପରେ ଏହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ପ୍ରାକୃତିକ ବର୍ଷା ଯୋଗୁଁ ଘଟିଛି ବୋଲି ନିର୍ଦ୍ଧାରଣ କରିଛନ୍ତି। ବର୍ଷାର ପରିମାଣ ପାତ୍ରପୁର ବ୍ଲକରେ ମାତ୍ର ଗୋଟିଏ ଦିନରେ ୫୪୬ ମିଲିମିଟର ଓ ତିନି ଦିନରେ ପ୍ରାୟ ୮୦୮ ମିଲିମିଟର ବର୍ଷା ହୋଇଥିଲା, ଯାହା ୧୯୯୦ ମସିହାର ଐତିହାସିକ ବର୍ଷା ତଥା ୨୦୧୩ ଫାଇଲିନ୍ ତୁଳନାରେ ମଧ୍ୟ ପ୍ରାୟ ୬୫ ପ୍ରତିଶତ ଅଧିକ। ଫାଇଲିନବେଳେ ମାତ୍ର ଗୋଟିଏ ଦିନ ବର୍ଷା ହୋଇଥିବାବେଳେ ଏଥର କ୍ରମାଗତ ତିନି ଦିନ ଧରି ମୂଷଳଧାରାରେ ବର୍ଷା ଲାଗିରହିଥିଲା।

କ୍ୟାଚମେଣ୍ଟ ଏରିଆ ବା ଅବବାହିକା ସମ୍ପର୍କରେ ତଥ୍ୟ ରଖି ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ଋଷିକୁଲ୍ୟା ଓ ବାହୁଦା ନଦୀର ସମୁଦାୟ କ୍ୟାଚମେଣ୍ଟ ଏରିଆ ପ୍ରାୟ ୯୮୦୦ ବର୍ଗ କିମି, ଯାହା ମଧ୍ୟରୁ ଡ୍ୟାମ୍ ମଧ୍ୟକୁ ମାତ୍ର ୮୮୦ ବର୍ଗ କିମି ବା ପ୍ରାୟ ୧୦ ପ୍ରତିଶତ ଅଂଚଳର ପାଣି ଆସିଥାଏ । ଅବଶିଷ୍ଟ ୯୦ ପ୍ରତିଶତ ପାଣି ସିଧାସଳଖ ନଦୀକୁ ଯାଏ, ଯାହା ଉପରେ କୌଣସି ଡ୍ୟାମ୍ ବା ନିୟନ୍ତ୍ରଣ ବ୍ୟବସ୍ଥା ନଥାଏ। ଡ୍ୟାମ ଥାଉ ବା ନଥାଉ, ସେହି ୯୦ ପ୍ରତିଶତ ଜଳ ସିଧାସଳଖ ନଦୀରେ ପ୍ରବାହିତ ହୋଇଥାଏ।

ଡ୍ୟାମ୍ ପରିଚାଳନାରେ ଅବହେଳା ଓ ହଠାତ୍ ଗେଟ୍ ଖୋଲିବା ଅଭିଯୋଗକୁ ଖଣ୍ଡନ କରି ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ସରକାରୀ ପ୍ରୋଟୋକଲ୍ ଅନୁଯାୟୀ ବର୍ଷା ପୂର୍ବରୁ ହିଁ ଯନ୍ତ୍ରୀମାନେ ସ୍ଥିତି ଆକଳନ କରି କେନାଲ ମାଧ୍ୟମରେ ପାଣି ନିଷ୍କାସନ କରି ବିଭିନ୍ନ ଡ୍ୟାମକୁ ୫୫ ରୁ ୬୫ ପ୍ରତିଶତ ପର୍ଯ୍ୟନ୍ତ ଖାଲି ରଖିଥିଲେ। ପରବର୍ତ୍ତୀ ସମୟରେ ଯେତେବେଳେ ପ୍ରବଳ ପାଣି ପ୍ରବେଶ କଲା, ସେତେବେଳେ ଡ୍ୟାମର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇ ଯନ୍ତ୍ରୀମାନେ ପର୍ଯ୍ୟାୟକ୍ରମେ ଓ ନିୟନ୍ତ୍ରିତ ଭାବେ ଗେଟ୍ ଖୋଲିଥିଲେ। ପୁରୁଷୋତ୍ତମପୁର ନିକଟରେ ନଦୀର ଜଳ ଧାରଣ କ୍ଷମତାଠାରୁ ଦୁଇଗୁଣରୁ ଅଧିକ ଜଳ ପ୍ରବାହିତ ହେଉଥିଲା। (ପୃ-୭)

ସ୍ୱଚ୍ଛ ସର୍ବେକ୍ଷଣରେ ଓଡ଼ିଶାକୁ ଜାତୀୟ ସ୍ୱୀକୃତି

ଭୁବନେଶ୍ୱର,୧୧।୧୧(ସ୍ୱାଧିକାରନ୍ୟୁଜ): ସହରାଂଚଳର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୁସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ନିରନ୍ତର ପ୍ରୟାସକୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ରେ ଓଡ଼ିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କଠାରୁ ରାଜ୍ୟ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ। ଏହି ସଫଳତାରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି ପୁରୀ। ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି ଓଡ଼ିଶାର ପ୍ରଥମ ରାଜ୍ୟସ୍ତରୀୟ ସ୍ୱଚ୍ଛ ସହର ଭାବେ ଭୁବନେଶ୍ୱରକୁ ସ୍ୱୀକୃତି ମିଳିଥିବାବେଳେ, ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବର୍ଗର ସହରାଂଚଳ ସ୍ଥାନୀୟ ସଂସ୍ଥା (ଟଖଇ) ମଧ୍ୟରେ ଆସିକା ପୌରପାଳିକା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ସଫଳତା ରାଜ୍ୟର ସହର ଓ ନଗରଗୁଡ଼ିକରେ ସ୍ୱଚ୍ଛତା, ଉନ୍ନତ ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ସୁପରିଚାଳନା ଏବଂ ଜନସାଧାରଣଙ୍କ ସକ୍ରିୟ ସହଭାଗିତାର ପ୍ରତିଫଳନ।

ଏହି ଜାତୀୟ ସ୍ୱୀକୃତି ଓଡ଼ିଶାର ସ୍ୱଚ୍ଛ, ସୁସ୍ଥ ଓ ବାସଯୋଗ୍ୟ ସହର ଗଠନ ଦିଗରେ ନିରନ୍ତର ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଏଥିସହ ରାଜ୍ୟ ସରକାର, ସହରାଂଚଳ ସ୍ଥାନୀୟ ସଂସ୍ଥା, ସଫେଇ କର୍ମଚାରୀ ଓ ନାଗରିକମାନଙ୍କର ସମ୍ମିଳିତ ପ୍ରୟାସକୁ ମଧ୍ୟ ଏହା ସ୍ୱୀକୃତି ପ୍ରଦାନ କରିଛି। ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ସହ ନାଗରିକଙ୍କ ସହଭାଗିତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ଦିଗରେ ଏହି ପ୍ରୟାସ ଗୁରୁତ୍ୱ ବହନ କରୁଛି। ସ୍ୱଚ୍ଛ ଭାରତ ମିଶନ୍-ସହରାଂଚଳ ଅଧୀନରେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ ହେଉଛି ଏହାର ଦଶମ ସଂସ୍କରଣ। ଏହା ବିଶ୍ୱର ସର୍ବବୃହତ୍ ସହରାଂଚଳ ସ୍ୱଚ୍ଛତା ଓ ପରିମଳ ମୂଲ୍ୟାୟନ କାର୍ଯ୍ୟକ୍ରମ ଭାବେ ପରିଚିତ। ଚଳିତ ବର୍ଷର ବିଷୟବସ୍ତୁ 'ସ୍ୱଚ୍ଛତା କି ନୟୀ ପହେଲ୍ - ବଢ଼ାଏଁ ହାଥ, କରେଁ ସଫାଇ ସାଥ୍' ମାଧ୍ୟମରେ ନାଗରିକଙ୍କ ସହଭାଗିତା, ଅନୁଷ୍ଠାନିକ ଉତ୍ତରଦାୟିତ୍ୱ ଏବଂ ସହରଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଜରିଆରେ ସହରାଂଚଳ ପରିମଳ ବ୍ୟବସ୍ଥାରେ ଗତ ଏକ ଦଶନ୍ଧି ଧରି ଆସିଥିବା ପରିବର୍ତ୍ତନକୁ ଉତ୍ସବ (ପୃ-୭)

ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ପ୍ରଥମ

ଓଡ଼ିଶାର ପ୍ରଥମ ରାଜ୍ୟସ୍ତରୀୟ ସ୍ୱଚ୍ଛ ସହର ଭାବେ ଭୁବନେଶ୍ୱରକୁ ସ୍ୱୀକୃତି; ଆସିକାକୁ ଦ୍ୱିତୀୟ ସ୍ଥାନ




ଦେଶର ଏକ ନମ୍ବର ସ୍ୱଚ୍ଛ ସହର ନଭି ମୁମ୍ବାଇ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଦେଶର ସ୍ୱଚ୍ଛ ସହର ତାଲିକାରେ ଏଥର ବଡ଼ ଧରଣର ପରିବର୍ତ୍ତନ ଆସିଛି। ଦୀର୍ଘ ୮ ବର୍ଷ ଧରି ସ୍ୱଚ୍ଛତା ରାଙ୍କିଂରେ ଶୀର୍ଷ ସ୍ଥାନ ଦଖଲ କରିଆସୁଥିବା ମଧ୍ୟପ୍ରଦେଶର ଇନ୍ଦୋର ଏଥର ପଛରେ ପଡ଼ିଥିବା ବେଳେ ମହାରାଷ୍ଟ୍ରର ନଭି ମୁମ୍ବାଇ ଦେଶର ସବୁଠୁ ସ୍ୱଚ୍ଛ ସହର ମାନ୍ୟତା ହାସଲ କରିଛି। ଅନ୍ୟପଟେ ଓଡ଼ିଶା ପାଇଁ ଗର୍ବର ବିଷୟ ହେଉଛି, ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି।କେନ୍ଦ୍ର ସରକାରଙ୍କ ବାର୍ଷିକ ସ୍ୱଚ୍ଛତା ସର୍ବେକ୍ଷଣରେ ନଭି ମୁମ୍ବାଇ ପ୍ରଥମ ସ୍ଥାନରେ ରହିଥିବା ବେଳେ ଗୁଜରାଟର ସୁରଟ ଦ୍ୱିତୀୟ ଏବଂ ଆନ୍ଧ୍ରପ୍ରଦେଶର ବିଜୟୱାଡା ତୃତୀୟ ସ୍ଥାନ ହାସଲ କରିଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସର୍ବେକ୍ଷଣରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା (ପୃ-୭)

୬ ଜିଲ୍ଲାର ପୁନରୁଦ୍ଧାର ପାଇଁ ୪୮୨.୪୨ କୋଟି ମଞ୍ଜୁର

ଭୁବନେଶ୍ୱର,୧୧।୧୧(ସ୍ୱାଧିକାରନ୍ୟୁଜ): : ବାତ୍ୟା 'ଅର୍ଣ୍ଣବ' ଏବଂ ଏହା ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଓଡ଼ିଶାର ୬ଟି ଜିଲ୍ଲାକୁ ମିଳିବ ଆର୍ଥିକ ସହାୟତା। ପ୍ରଭାବିତ ଅଞ୍ଚଳରେ ଭିତ୍ତିଭୂମିର ମରାମତି ଓ ପୁନର୍ନିର୍ମାଣ ପାଇଁ ରାଜ୍ୟ ସରକାର ୪୮୨ କୋଟି ୪୨ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି।



ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏହି ଅର୍ଥ ଖର୍ଚ୍ଚ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍ଆରସି)ଙ୍କ ଅଧୀନରେ ଥିବା ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ।ବାତ୍ୟା ଓ ବନ୍ୟାରେ ରାଜ୍ୟର ଗଞ୍ଜାମ, ଗଜପତି, କନ୍ଧମାଳ, ନୂଆପଡ଼ା, ନବରଙ୍ଗପୁର ଏବଂ ରାୟଗଡ଼ା ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି ଜିଲ୍ଲାଗୁଡ଼ିକରେ ସାଧାରଣ ଲୋକଙ୍କ ଜୀବନଯାପନ ସହ ଜଡ଼ିତ ଅନେକ ସରକାରୀ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ପୁନରୁଦ୍ଧାରକୁ ପ୍ରାଥମିକତା ଦିଆଯାଇଛି। କ୍ଷୟକ୍ଷତି ଅନୁଯାୟୀ ଜିଲ୍ଲାଗୁଡ଼ିକ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାକୁ ସର୍ବାଧିକ ୩୦୬ କୋଟି ୫୪ ଲକ୍ଷ ଟଙ୍କା ମିଳିଛି। ଅନ୍ୟ ଜିଲ୍ଲାଗୁଡ଼ିକ ପାଇଁ ମଧ୍ୟ ଅର୍ଥ ଅନୁମୋଦନ କରାଯାଇଛି।ଜିଲ୍ଲାୱାରୀ ଅନୁଦାନ- ଗଞ୍ଜାମ: ୩୦୬ କୋଟି ୫୪ ଲକ୍ଷ ଟଙ୍କା, ଗଜପତି: ୧୦୯ କୋଟି ୯୭ ଲକ୍ଷ ଟଙ୍କା, କନ୍ଧମାଳ: ୪୨ କୋଟି ୫୭ ଲକ୍ଷ ଟଙ୍କା, ନୂଆପଡ଼ା: ୧୫ କୋଟି ୮ ଲକ୍ଷ ଟଙ୍କା, ନବରଙ୍ଗପୁର: ୭ କୋଟି ୭୮ ଲକ୍ଷ ଟଙ୍କା, ରାୟଗଡ଼ା: ୯୭ ଲକ୍ଷ ୬୦ ହଜାର ଟଙ୍କା। ମଞ୍ଜୁର ହୋଇଥିବା ଅର୍ଥରେ ବାତ୍ୟା ଓ ବନ୍ୟା ଯୋଗୁଁ ନଷ୍ଟ ହୋଇଥିବା ବିଭିନ୍ନ ସରକାରୀ ଭିତ୍ତିଭୂମିର ମରାମତି କରାଯିବ। ଏଥିରେ ବିଦ୍ୟାଳୟ ଗୃହ, କମ୍ୟୁନିଟି ହଲ୍, ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପୁନର୍ନିର୍ମାଣ ସାମିଲ ରହିଛି। ସେହିପରି ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ଅଧୀନରେ ଥିବା ରାସ୍ତା, ପୋଲ, କଲଭର୍ଟ ଆଦିର ମରାମତି କରାଯିବ। ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ସହ କ୍ଷତିଗ୍ରସ୍ତ ଜଳ ପ୍ରକଳ୍ପ ଓ ନଳକୂପଗୁଡ଼ିକର ମଧ୍ୟ ପୁନରୁଦ୍ଧାର ହେବ।

ଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧୧(ସ୍ୱାଧିକାରନ୍ୟୁଜ): କାର୍ତ୍ତିକ ବ୍ରତ କେବଳ ଏକ ଧର୍ମୀୟ ଅନୁଷ୍ଠାନ କିମ୍ବା କାର୍ଯ୍ୟକ୍ରମ ନୁହେଁ, ଏହା ଆମ ମା'ମାନଙ୍କର ସହନଶୀଳତାର ପ୍ରତୀକ। ରାଜ୍ୟର ଅଧା ଜନସଂଖ୍ୟା ହେଉଛନ୍ତି ମହିଳା, ତେଣୁ ପ୍ରତ୍ୟେକ ବର୍ଗର ମହିଳାଙ୍କ ବିକାଶ ଓ ସଶକ୍ତିକରଣ ପାଇଁ ଆମ ସରକାର

ଶ୍ରୀକ୍ଷେତ୍ରରେ ରାଜ୍ୟସ୍ତରୀୟ ହବିଷ୍ୟାଳୀ ସମାରୋହରେ ମୁଖ୍ୟମନ୍ତ୍ରୀ

୨୯ଟି ଜିଲ୍ଲାରୁ ଆସି କାର୍ତ୍ତିକ ବ୍ରତ କରୁଛନ୍ତି ୨୬୫୮ ହବିଷ୍ୟାଳୀ

କାର୍ତ୍ତିକ ବ୍ରତ କେବଳ ଧର୍ମୀୟ ଅନୁଷ୍ଠାନ ନୁହେଁ, ମା'ମାନଙ୍କ ସହନଶୀଳତାର ପ୍ରତୀକ: ମୁଖ୍ୟମନ୍ତ୍ରୀ

ପ୍ରଥମ ଦିନରୁ ପ୍ରତିଶ୍ରୁତିବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି । ଆଜି ଶ୍ରୀକ୍ଷେତ୍ର ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ ହବିଷ୍ୟାଳୀ ମା' ମାନଙ୍କ ସମାରୋହରେ ଯୋଗଦେଇ ଏହି ବଳିଷ୍ଠ ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ପବିତ୍ର କାର୍ତ୍ତିକ ମାସର ଅମୃତମୟ ବେଳାରେ ରାଜ୍ୟର ୨୯ଟି ଜିଲ୍ଲାରୁ ଆସିଥିବା ୨୬୫୮ ଜଣ ହବିଷ୍ୟାଳୀ ମା' ଓ ମାଉସୀ ମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାର୍ତ୍ତିକ ବ୍ରତ ହେଉଛି ଆତ୍ମଶୁଦ୍ଧି, ତ୍ୟାଗ, ସମର୍ପଣ ଏବଂ ଭକ୍ତିର ଏକ ଅପୂର୍ବ ସଙ୍ଗମ।

ପୂର୍ବରୁ ମା'ମାନେ ବିଭିନ୍ନ ଅସୁବିଧା ଭିତରେ ମଠ ଓ ଧର୍ମଶାଳାରେ ରହି ବ୍ରତ ପାଳନ କରୁଥିଲେ, କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ପାଇଁ ସମସ୍ତ ସୁରକ୍ଷିତ ଏବଂ ଆରାମଦାୟକ ବ୍ୟବସ୍ଥା କରାଯାଇଛି।

ହବିଷ୍ୟାଳୀ ବ୍ରତର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, "ଆମ ଓଡ଼ିଶାରେ ସଂସ୍କୃତି, ପରମ୍ପରା ଏବଂ ଆଧ୍ୟାତ୍ମିକ ଚେତନା ସହିତ କାର୍ତ୍ତିକ ମାସର ନିବିଡ଼ ସମ୍ପର୍କ ରହିଛି। ଏହି ମାସ ହେଉଛି ଆତ୍ମଶୁଦ୍ଧି, ତ୍ୟାଗ, ସମର୍ପଣ ଏବଂ ଭକ୍ତିର ଏକ ଅପୂର୍ବ ସଙ୍ଗମ। କାର୍ତ୍ତିକ ବ୍ରତ ମାହାତ୍ମ୍ୟରେ କୁହାଯାଇଛି ଯେତେ ତୀର୍ଥ, ଯେତେ ଯାଗଯଜ୍ଞ ଇତ୍ୟାଦି ଅଛି, ସେସବୁର ଧର୍ମକୁ ଏକାଠି କଲେ କାର୍ତ୍ତିକ ବ୍ରତ ସହିତ ସମାନ ହେବ ନାହିଁ।



ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଭାରତ ବର୍ଷର ସବୁ ତୀର୍ଥ ସ୍ଥଳୀରୁ ଅନନ୍ୟ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ। ଆଗରୁ ନିଜ ସୁବିଧା ଅନୁସାରେ ମା'ମାନେ ଶ୍ରୀକ୍ଷେତ୍ରର ବିଭିନ୍ନ ମଠ, ଧର୍ମଶାଳା ଇତ୍ୟାଦିରେ ରହି କଷ୍ଟରେ ବ୍ରତ ପାଳନ କରୁଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ରାଇଦାମୋଦର ବ୍ରତ ବା ହବିଷ୍ୟାଳୀ ବ୍ରତ ନାମରେ ମା'ମାନଙ୍କ ପାଇଁ ସୁରୁଖୁରୁରେ ଏହି ବ୍ରତ ପାଳନ କରିବା ପାଇଁ ସମସ୍ତ ପ୍ରକାର ଆଧୁନିକ ସୁବିଧା ସୁଯୋଗ ବିନା ମୂଲ୍ୟରେ କରାଯାଇଛି।

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ବୃନ୍ଦାବତୀ ନିବାସ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚି ସାହି କଲ୍ୟାଣ ମଣ୍ଡପଠାରେ ହବିଷ୍ୟାଳୀମାନଙ୍କ ରହିବା, ମହାପ୍ରସାଦ ସେବନ, ପ୍ରତି ସନ୍ଧ୍ୟାରେ ଭଜନ-ପ୍ରବଚନ ଏବଂ ମାଗଣା ବ୍ରତ ସରଞ୍ଜାମ (ଶାଢ଼ୀ, ଜପାମାଳୀ, ବ୍ରତ ବହି, ଉତ୍ତରୀୟ ଓ ଶୁଖିଲା ଭୋଗ) କିଟ୍ ବ୍ୟାଗ ପ୍ରଦାନ ପାଇଁ ୩ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟବସ୍ଥା କରାଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହବିଷ୍ୟାଳୀ ମା' ମାନଙ୍କ ସହ କଥାବାର୍ତ୍ତା ହେବା ସହିତ ସେମାନଙ୍କ ସମସ୍ତ ସୁବିଧା, ରହିବା ବ୍ୟବସ୍ଥା ବିଷୟରେ ବୁଝିଥିଲେ।

ମହିଳା ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅଭିନବ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, 'ସୁଭଦ୍ରା ଯୋଜନା' ମାଧ୍ୟମରେ ଆଜି ରାଜ୍ୟର ଏକ କୋଟିରୁ ଅଧିକ ମହିଳା ବାର୍ଷିକ ୧୦,୦୦୦ ଟଙ୍କା ପାଉଛନ୍ତି। ଏହାସହିତ 'ଲକ୍ଷପତି ଦିଦି' ଯୋଜନାରେ ଓଡ଼ିଶାର ପ୍ରାୟ ୨୭ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇ ସାରା ଦେଶରେ ରାଜ୍ୟକୁ ଶୀର୍ଷରେ ରଖିଛନ୍ତି। ଚଳିତ ରାଜ୍ୟ ବଜେଟର ପ୍ରାୟ ୪୦ ପ୍ରତିଶତ ଅର୍ଥାତ୍ ୧ ଲକ୍ଷ ୨୨ (ପୃ-୭)

ସ୍ୱାଧିକାର
Swadhikar

ଯୋଗ୍ୟ ବ୍ୟକ୍ତି ଭତ୍ତାରୁ ବଞ୍ଚିତ ହେବେ ନାହିଁ : ରାଜସ୍ୱ ମନ୍ତ୍ରୀ

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଭତ୍ତା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ରାଜ୍ୟର ୫ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ଚଳିତ ବର୍ଷ ଅକ୍ଟୋବରରୁ ଭତ୍ତା ପ୍ରଦାନ ଆରମ୍ଭ ହୋଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୨୩,୮୯୭ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ବୁଧବାର ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏକ ଭବ୍ୟ ସମାରୋହରେ ଏହାର ଶୁଭାରମ୍ଭ ହୋଇଯାଇଛି। ଏଥିସହ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ୍ ଏବଂ ଜନସଚେତନତା ରଥର ଶୁଭାରମ୍ଭ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀଙ୍କ ପାଇଁ ଭତ୍ତା ବଣ୍ଟନର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ଯୋଜନାରୁ କୌଣସି ଯୋଗ୍ୟ ବ୍ୟକ୍ତି ବଞ୍ଚିତ ହେବେ ନାହିଁ। ବୟସ୍କ, ଅସହାୟ ତଥା ଦିବ୍ୟାଙ୍ଗମାନଙ୍କୁ ଭତ୍ତା ପାଇବା ପାଇଁ ଆଉ କାର୍ଯ୍ୟାଳୟ ଧାଇଁବାକୁ ପଡ଼ିବ ନାହିଁ ବରଂ ଅଧିକାରୀମାନେ ନିଜେ ଘରେ ପହଞ୍ଚି ଭତ୍ତା ଯୋଗାଇଦେବେ। ୬୦ ବର୍ଷ ପୂରଣ କରିଥିବା ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ବ୍ଲକ୍ କାର୍ଯ୍ୟାଳୟ କିମ୍ବା ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଗୋଟିଏ ମାସ ମଧ୍ୟରେ ଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ମିଳିବ। ସେହିପରି ହିତାଧିକାରୀଙ୍କୁ



ମଧୁବାବୁ ପେନସନ ଯୋଜନାରେ ୨୩,୮୯୭ ନୂଆ ହିତାଧିକାରୀ ସାମିଲ

୮୦ ବର୍ଷ ପୂରଣ ହେବା ପରେ କୌଣସି ଆବେଦନ ବିନା ସ୍ୱତଃପ୍ରବୃତ୍ତ ଭାବେ ବର୍ଦ୍ଧିତ ୩,୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯିବ। କେନ୍ଦ୍ରାପଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ୫ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ପୂର୍ବରୁ ୧,୪୧,୦୨୪ ଜଣ ଭତ୍ତା ପାଉଥିବା ବେଳେ ଏବେ ନୂତନ ୨୩, ୮୯୭ ଜଣଙ୍କୁ ମିଶାଇ ମୋଟ ହିତାଧିକାରୀ ସଂଖ୍ୟା ୧,୬୪,୯୨୧ରେ ପହଞ୍ଚିଛି। ନୂତନ ତାଲିକା ଅନୁଯାୟୀ ଆଳିରେ ୨,୩୯୪, ଡେରାବିଶରେ ୨,୩୮୫, ଗରଦପୁରରେ ୧,୨୫୮, କେନ୍ଦ୍ରାପଡ଼ା ବ୍ଲକରେ ୩,୨୩୧, ମହାକାଳପଡ଼ାରେ ସର୍ବାଧିକ ୪,୪୬୦, ମାର୍ଶାଘାଇରେ ୧,୬୮୯, ପଟ୍ଟାମୁଣ୍ଡାଇ ବ୍ଲକରେ ୨,୯୮୩, ରାଜକନିକାରେ ୨,୮୫୪, ରାଜନଗରରେ ୧,୫୦୯, କେନ୍ଦ୍ରାପଡ଼ା ପୌରାଞ୍ଚଳରେ ୫୭୭ ଏବଂ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ୫୫୭ ଜଣ ଉପକୃତ ହୋଇଛନ୍ତି। ସମାରୋହରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ସିଡିଓ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ମନ୍ତ୍ରୀ କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ସେବା ପ୍ରଦାନ ବ୍ୟବସ୍ଥାର ସମୀକ୍ଷା କରିଥିଲେ।

ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି କେନ୍ଦ୍ରାପଡ଼ା ସର୍କିଟ୍ ହାଉସଠାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଏବଂ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗ ଦେଇଥିଲେ। ଏଥିସହ ଜିଲ୍ଲାପାଳ ରଘୁରାମ ଆର. ଆୟର, ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଁକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏବଂ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ତାତନାରେ କାଳୀ ପୂଜା

ପଟ୍ଟାମୁଣ୍ଡାଇ, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୮ନଂ ୱାର୍ଡ ସ୍ମାର୍ଟ ପାର୍କ ନିକଟରେ ମା କାଳୀଙ୍କ ପୂଜା ଉତ୍ସବ ସମାରୋହରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ପାଳିତ ହେଉଛି । କାଳୀ ପୂଜା ପାଇଁ ତାତନା ଓ ଦକ୍ଷିଣଦିଆ ଗ୍ରାମ ଉତ୍ସବ ମୁଖର ହୋଇପଡିଛି । ଦୂର ଦୁରାନ୍ତରେ ଥିବା ଗାଁ ଲୋକମାନେ ଗାଁକୁ ଆସି ପୂଜା ଉତ୍ସବର ମଜ୍ଜା ନେଇଛନ୍ତି । ପ୍ରତ୍ୟେକ ଘରେ ବନ୍ଧୁ କୁଣିଆ ଭିଡ଼ ଦେଖିବାକୁ ମିଳିଛି ଓ ୫ ଦିନ ବ୍ୟାପି ଆୟୋଜିତ ଏହି ମହାର୍ଘ୍ୟ ପୂଜା ଉତ୍ସବରେ ପ୍ରତ୍ୟହ ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ବେଦଜ୍ଞ ବ୍ରାହ୍ମଣ ଓ ପୂଜକମାନେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା କରିଥିବାବେଳେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ରାଜେଶ ଦାଶ, ସୁସାନ୍ତ ଦାଶ, ପରମାନନ୍ଦ ନାୟକ, ବିଚିତ୍ର ନାୟକ, ମିଳନ କୁମାର ଦାସ, ନିର୍ମଳ ଭୂୟାଁ , ସୁକାନ୍ତ ସାହୁ , ପ୍ରଶାନ୍ତ ସେଠୀ, ଚମଲ ନାୟକ, ଗୌରୀ ମଳିକ, କାଳୀ ପୂଜା କମିଟି ତାତନା ଓ ଦକ୍ଷିଣଦିଆ ଗ୍ରାମବାସୀମାନେ ପରିଚାଳନା କରୁଛନ୍ତି । ଆସନ୍ତା ଶୁକ୍ରବାର ଦିନ ମା କାଳୀଙ୍କ ଭଷାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କାଳୀ ପୂଜା କମିଟି ପକ୍ଷରୁ ସୂଚନା ଦିଆ ଯାଇଛି ।

ଅଣ୍ଡରା ରାସ୍ତାର ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭. ୭ କୋଟି ଟଙ୍କା ବ୍ୟୟ ଅଟକଳରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ଗ୍ରାମର ୫କିମି ସଂଯୋଗୀକରଣ ରାସ୍ତା ଶିଳାନ୍ୟାସ କରାଯାଇଛି। ଏହି ଉପଲକ୍ଷେ ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟ ଦର୍ଶନୀ ତରାଇ ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ଅଣ୍ଡରା ସରପଞ୍ଚ କଳ୍ପନା ଜେନା ଓ ସିଂହ ଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ ଯୋଗଦେଇଥିଲେ। ଯୁବନେତା ମଣ୍ଟୁ ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଅଣ୍ଡରା ଗ୍ରାମର ଦୀର୍ଘଦିନର ଦାବିକୁ ବିଧାୟକ ପୂରଣ କରିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ।

କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡ଼ା ଜିଲ୍ଲା କରଣ ସମାଜ ପକ୍ଷରୁ କୁଳଗୁରୁ ଚିତ୍ରଗୁପ୍ତଙ୍କ ପୂଜା ସ୍ଥାନୀୟ ପାହାଡ଼ପୁର ମଠରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂଜା, ହୋମ, ପୁଷ୍ପାଞ୍ଜଳି ପ୍ରଭୃତି ଅନୁଷ୍ଠିତ ହୋଇଥିଲା । ପୂଜା କାର୍ଯ୍ୟ ଶେଷ ହେବା ପରେ କରଣ ସମାଜର ସଭାପତି ସୁଧାଂଶୁ ରାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ବ୍ଲକ୍ କମିଟି ଗଠନ, ଜନଗଣନା, ପରିବାର ମିଳନ କାର୍ଯ୍ୟକ୍ରମ କରିବା ପାଇଁ ଉପସ୍ଥିତ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ଦାସ, ଶୈଳେନ୍ଦ୍ର ମହାନ୍ତି, ମନୋଜ ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି, ବିଚିତ୍ର ମହନ୍ତି, ଚିତ୍ତରଞ୍ଜନ ଚୌଧୁରୀ, ଅଶ୍ୱିନୀ ପରିଜା, ଅଶୋକ ମହାନ୍ତି, ସଲିଳେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

ଘରୋଇ ହିଂସା ଅଧିନିୟମ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗିତା ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ- ୨୦୦୫ ଉପରେ ଏକ ଦିନିକିଆ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହିଳା ସଶକ୍ତିକରଣ ଜିଲ୍ଲା ସଂଯୋଜକ ଲଲାଟେନ୍ଦୁ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ରିସୋର୍ସପର୍ସନ ଭାବରେ ବରିଷ୍ଠ ଆଇନଜୀବୀ ତଥା ପ୍ରାକ୍ତନ ପବ୍ଲିକ ପ୍ରସିକ୍ୟୁଟର ଭୀମସେନ ଭୂୟାଁ ଯୋଗଦେଇ ଜଣେ ମହିଳା ନିର୍ଯ୍ୟାତନାର ଶିକାର ହେବା ପରେ କିଭଳି ଜିଲ୍ଲା ସମାଜମଙ୍ଗଳ ବିଭାଗର ମହିଳା ସୁରକ୍ଷା ଅଧିକାରୀ ତାଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କି କି ପଦକ୍ଷେପ ନେବେ ଏବଂ ପିଡିତା ମାଗଣା ଆଇନ ସହାୟତା ପାଇପାରିବେ ଏବଂ ପିଡିତା ଚାହିଁଲେ କିଭଳି ସିଧାସଳଖ କୋର୍ଟରେ କେଶ କରିପାରିବେ ସେ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀ ମହିଳାମାନେ ମତବ୍ୟକ୍ତ କରିଥିଲେ ଯେ ଘରୋଇ ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ଆଇନରେ ଥିବା ୯୦ଦିନ ମଧ୍ୟରେ କୋର୍ଟରେ ବିଚାର ଶେଷ ହୋଇପାରୁନାହିଁ ଏବଂ ଏଥିନିମନ୍ତେ ବର୍ଷ ବର୍ଷ ଧରି ସମୟ ଲାଗୁଥିବାରୁ ପିଡିତାମାନେ ଆବଶ୍ୟକ ସାମାଜିକ ସୁରକ୍ଷା ପାଇପାରୁ ନାହାନ୍ତି। ତେଣୁ ଜିଲ୍ଲାରେ ଏହି ମାମଲା ଗୁଡିକର ବିଚାର କରିବା ପାଇଁ ସରକାର ଏକ ସ୍ୱତନ୍ତ୍ର ଜେଏମଏଫସିଙ୍କ କୋର୍ଟ ଖୋଲିବାକୁ ଦାବି କରିଥିଲେ।

ଧୋୟାଞ୍ଚଳ ବିକାଶ ପାଇଁ ମୁଁ ସମର୍ପିତ : ଗଣେଶ୍ୱର

ପଟ୍ଟାମୁଣ୍ଡାଇ, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ଧୋୟାଞ୍ଚଳର ଜୀବନରେଖା କୁହାଯାଉଥିବା ଅଳପୁଆ ଦାମୋଦରପାଟଣା ଠାରୁ ଜଗନ୍ନାଥପୁର ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତିକରଣ ପାଇଁ ୩୫. ୫୩ କୋଟି ଟଙ୍କା ବ୍ୟୟରେ ଅଳପୁଆ ଠାରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମାଜସେବୀ ବିଭୁତି ଭୂଷଣ ପଟ୍ଟନାୟକଙ୍କ ପୌରୋହିତ୍ୟ ଓ ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗ



୩୫ କୋଟି ଟଙ୍କା ବ୍ୟୟରେ ଅଳପୁଆ-ଜଗନ୍ନାଥପୁର ରାସ୍ତା ଶିଳାନ୍ୟାସ

ଦେଇ ଅଂଚଳବାସୀଙ୍କ ଦୀର୍ଘ ଦିନ ଦାବୀ ଉତ୍ତମ ଗମନାଗମନ ବ୍ୟବସ୍ଥା ପୂରଣ ହୋଇଛି ଓ ଧୋୟାଞ୍ଚଳର ସମସ୍ତ ୭ଟି ପଂଚାୟତର ରାସ୍ତାଘାଟ ବିକାଶ ପାଇଁ ପଦକ୍ଷେପ ନିଆଯାଇ ଅର୍ଥ ବରାଦ କରାଯାଇଛି । ମୋଟାମୋଟି ଭାବେ ଧୋୟା ଅଞ୍ଚଳ ବିକାଶ ପାଇଁ ସେ ସମର୍ପିତ ବୋଲି ବିଧାୟକ ପ୍ରକାଶ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଭାଷଣ ଦେଇ ବିକାଶର କୌଣସି ଦଳ ନଥିବାରୁ ବିକାଶକୁ ନେଇ ହୀନ ରାଜନୀତିକୁ ତୀବ୍ର ସମାଲୋଚନା କରିବା ସହିତ ଧୋୟାଞ୍ଚଳର ବିକାଶ ଧାରା ରେ ସାମିଲ ହୋଇ ବିଧାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ । ୧୫ନଂ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ସରପଞ୍ଚ ପଦ୍ମିନୀ ବେହେରା ଓ ସମିତି ସଭ୍ୟ ରାମଚନ୍ଦ୍ର ସେଠୀ ପଂଚାୟତ ବିଜେଡି ସଭାପତି ସୁକାନ୍ତ ରାଉତ ପ୍ରମୁଖ ସ୍ଥାନୀୟ ଲୋକ ପ୍ରତିନିଧି ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଉପସ୍ଥିତ ଥିଲେ ।

ବାର୍ ଆସୋସିଏସନରେ ରାଜସ୍ୱ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ରାପଡା ଗସ୍ତରେ ଆସିଥିବା ବେଳେ ଆଜି ଜିଲ୍ଲା ଓକିଲ ସଂଘ ପରିଦର୍ଶନ କରିଥିଲେ। ତାଙ୍କର ଏହି ପରିଦର୍ଶନ ସମୟରେ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ପୂର୍ବତନ ଓକିଲ ସଂଘ



ସଭାପତି ଦୁର୍ଯ୍ୟୋଧନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସହିତ ଜିଲ୍ଲା ଓକିଲ ସଂଘର ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କୋର୍ଟ ପରିସରକୁ ଲାଗି ରହିଥିବା ସରକାରୀ ଜମିକୁ ଓକିଲ ସଂଘର ପାଠାଗାର ପାଇଁ ପ୍ରଦାନ କରିବା ଓ ନୂତନ ପୁସ୍ତକ କ୍ରୟ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ସହ ତାହାର ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା ଓ ଏଥିସହ ରାଜସ୍ୱ କୋର୍ଟ ମାନଙ୍କରେ ବିଭିନ୍ନ ରାଜସ୍ୱ ମାମଲା ପଡି ରହିଥିବାରୁ ଏଗୁଡିକୁ ତୁରନ୍ତ ଫଇସଲା କରିବା ପାଇଁ ମନ୍ତ୍ରୀ ପ୍ରକାଶ କରିଛନ୍ତି। ଆୟୋଜିତ ଏହି ସଭାରେ ଜିଲ୍ଲା ଓକିଲ ସଂଘର ଉପସଭାପତି ନୃସିଂହ ଚରଣ ରାଉତ, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ସଂଜୟ କୁମାର ପତ୍ରୀ, ବୈଦ୍ୟନାଥ ଚାଟାର୍ଜୀ, ନେହେରୁ ସାହୁ, ହରିପ୍ରସାଦ କର, ପ୍ରାର୍ଥ ଚକ୍ରବର୍ତ୍ତୀ, ମମତା ସାମଲ, ମିନାକ୍ଷୀ ସାମନ୍ତରାୟ, ମନୋରଞ୍ଜନ ବେହେରା, ରାଜୀବ ପାତ୍ରଙ୍କ ସହିତ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ଜେନା, ଭାବଗ୍ରାହୀ ପତି, ଗୋବର୍ଦ୍ଧନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡ଼ା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ କେନ୍ଦ୍ରାପଡ଼ା ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୬ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ଲକ୍ ସ୍ତରୀୟ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଉପ ନିର୍ଦ୍ଦେଶକ ଡ଼ା.ତୁଷାରକାନ୍ତ ମିଶ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ଯାମିନୀ ମହାପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ଆଲୋକ କୁମାର ନାଥ, କେନ୍ଦ୍ରାପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ବିଚିତ୍ର ପ୍ରଧାନ, କେନ୍ଦ୍ରାପଡ଼ା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକ ଚାଷୀମାନଙ୍କ ପାଇଁ ରାଜ୍ୟ ସରକାର ଯେଉଁ ଯୋଜନା ଗୁଡିକ କାର୍ଯ୍ୟକାରୀ କରିଛନ୍ତି, ସେହି ଯୋଜନାର ଲାଭାର୍ଥୀ ହେବାକୁ ମୁଖ୍ୟ ଅତିଥିମତ ପ୍ରକାଶ କରିଥିଲେ। ପ୍ରାଣୀ ସମ୍ପଦ ବିଭାଗରେ କାର୍ଯ୍ୟକାରୀ ହେଉଥିବା କାମଧେନୁ ଯୋଜନା, ଛେଳି, ବତକ ଓ କୁକୁଡ଼ା ପାଳନ, ନୂତନ ଗୋଶାଳା ପ୍ରତିଷ୍ଠା ଏବଂ ମତ୍ସ୍ୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ଗାଁ ପୋଖରୀରେ ମତ୍ସ୍ୟ ଚାଷ ପ୍ରଭୃତି ଯୋଜନାର ସଫଳତା ସମ୍ପର୍କରେ ନିଜସ୍ୱ ମତାମତ ସେ ପ୍ରଦାନ କରିଥିଲେ।

ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମା□ଳର ମହିଳାମାନେ ମତ୍ସ୍ୟଚାଷୀ ଓ ପ୍ରାଣୀ ପାଳକ ଚାଷୀ ହୋଇ ନିଜର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି କରିବା ସହ ସଶକ୍ତ ଓଡ଼ିଶା ଗଠନରେ ଭାଗିଦାରୀ ହେବାକୁ ଅତିଥିମାନେ ମତ ପ୍ରକାଶ କରିଥିଲେ। ସଫଳ ମତ୍ସ୍ୟଚାଷୀ ଓ ପ୍ରାଣୀ ପାଳକ ଚାଷୀମାନେ ନିଜର ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ସଫଳ କାହାଣୀ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ବ୍ଲକର ବିଭିନ୍ନ ପ□ାୟତରୁ ଚାଷୀ, ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀମାନେ ଉକ୍ତ ଉତ୍ସବରେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଯୋଜନା ସମ୍ପର୍କରେ ଖୋଲା ଯାଇଥିବା ୧୨ ଟି ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରିଥଲେ। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଗୋଟିଏ ଷ୍ଟଲ ମଧ୍ୟ ଖୋଲାଯାଇଥିଲା। ପ୍ରାରମ୍ଭରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଉତ୍ସବକୁ ଶୁଭ ଉଦ୍ଘାଟନ କରିବା ସହ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ବ୍ଲକ୍ କଳା ସାଂସ୍କୃତିକ ସଂଘ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ଆଲୋକ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡା ଜିଲ୍ଲାରେ କେନ୍ଦ୍ରୀୟ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ର ତରଫରୁ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରର ମୁଖ୍ୟ ଡକ୍ଟର ପ୍ରାଣବଲ୍ଲଭ ସାହାଣୀ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲ ଯୋଗଦେଇ



କେନ୍ଦ୍ରୀୟ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ର ଭାରତ ସରକାରଙ୍କର କୃଷି ମନ୍ତ୍ରାଳୟ ଅଧିନସ୍ଥ ବନସ୍ପତି ସଂରକ୍ଷଣ ଅଟେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସାମଲ ରାସାୟନିକ ବିଷର କୁପ୍ରଭାବ, ରାସାୟନିକ ବିଷକୁ କିପରି ସଠିକ୍ ସମୟରେ ସଠିକ୍ ମାତ୍ରାରେ ଏବଂ ସଠିକ୍ ବିଷ ରୋଗ ପୋକ ପାଇଁ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ବିଶେଷଜ୍ଞମାନେ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଚାଷୀମାନଙ୍କୁ ସରକାରଙ୍କ ତରଫରୁ ଦିଆଯାଇଥିବା କୀଟନାଶକର ସବ୍‌ସିଡି, କିଷାନ୍ ଏବଂ ବିଭିନ୍ନ ଫସଲରେ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଲୋଚନା କରିଥିଲେ।

ସନ୍ନ୍ୟାସୀ ସାହୁଙ୍କ ଦ୍ୱାଦଶାହ

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ ଦୁତିଆଳ ଗ୍ରାମର କେନ୍ଦ୍ରାପଡା ବ୍ୟବସାୟୀ ସଂଘର ପୂର୍ବତନ ସଭାପତି ସନ୍ନ୍ୟାସୀ ସାହୁଙ୍କର ଦ୍ୱାଦଶାହ କାର୍ଯ୍ୟ ସମାପନ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଥିଲା। ସେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଏବଂ ଦୁତିଆଳ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଥିଲେ ବୋଲି ମତପ୍ରକାଶ ପାଇଥିଲା। ଉକ୍ତ ସଭାରେ ହରେକୃଷ୍ଣ କଣ୍ଡ, ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡା, ରାଜକିଶୋର ନାୟକ, ସମାଜସେବୀ ଧୀରେନ୍ କୁମାର ବେହେରା, ଶିକ୍ଷକ ନେତା ନବଘନ ମହାରଣା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କର ଭାଇ ହୃଷିକେଶ ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତାଙ୍କର ପୁତ୍ର ଶୁଭେନ୍ଦୁ, ଅରବିନ୍ଦ, ରାଜେନ୍ଦ୍ର ଏବଂ ରିଙ୍କୁ ପ୍ରମୁଖ ଶୋକସଭାକୁ ପରିଚାଳନା କରିଥିଲେ। ତାଙ୍କ ଉଦ୍ଦେଶ୍ୟରେ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଦୁର୍ଗା ପତି ଉପସ୍ଥିତ ଥିଲେ।

ଦତ୍ତୋପନ୍ତ ଠେଙ୍ଗଡ଼ିଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ସ୍ୱଦେଶୀ ଜାଗରଣ ମଞ୍ଚ ତରଫରୁ ଆଜି ଭାରତର ମହାନ ରାଷ୍ଟ୍ରଚିନ୍ତକ, ଦୂରଦର୍ଶୀ ସମାଜ ସଂସ୍କାରକ, ପ୍ରଖର ରାଷ୍ଟ୍ରବାଦୀ ବିଚାରକ ତଥା ଅସାଧାରଣ ସମାଜ ସଂଗଠକ ଦତ୍ତୋପନ୍ତ ବାପୁରାଓ ଠେଙ୍ଗଡ଼ି ଜୀଙ୍କ ୧୦୬ ତମ ଜୟନ୍ତୀ ସ୍ଥାନୀୟ ଅଯୋଧ୍ୟା ନଗର ସ୍ଥିତ ତୁଳସୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ନଗର ସଂଯୋଜକ ଜିତେନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବରେ ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲ୍ଲା ସମନ୍ୱୟକ ଅଭିମନ୍ୟୁ ଗୋଛାୟତ



ଯୋଗଦେଇ କହିଲେ ଯେ, ମହାରାଷ୍ଟ୍ରର ୱାର୍ଧା ଜିଲ୍ଲାର ଆର୍ଭିଠାରେ ଜନ୍ମଗ୍ରହଣ କରିଥିବା ଠେଙ୍ଗଡ଼ି ଜୀ ନିଜର ସମଗ୍ର ଜୀବନକୁ ମାତୃଭୂମିର ସେବା, ଶ୍ରମିକ ଓ କୃଷକଙ୍କ କଲ୍ୟାଣ, ସାମାଜିକ ସମରସତା ଏବଂ ଭାରତର ଆର୍ଥିକ ଓ ସାମାଜିକ ସଶକ୍ତୀକରଣ ପାଇଁ ସମର୍ପିତ କରିଥିଲେ। ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ସଂଗଠନାତ୍ମକ ଅବଦାନରୁ ଅନେକ ଜାତୀୟ ସଂଗଠନ ଗଢ଼ି ଉଠିଥିଲା। ସେଥିମଧ୍ୟରୁ ଭାରତୀୟ ମଜଦୁର ସଂଘ (୧୯୫୫), ଭାରତୀୟ କିଷାନ ସଂଘ (୧୯୭୯), ସ୍ୱଦେଶୀ ଜାଗରଣ ମଞ୍ଚ (୧୯୯୧) ଇତ୍ୟାଦି। ଜଣେ ଦକ୍ଷ ଚିନ୍ତାନାୟକ, ପ୍ରଖ୍ୟାତ ଲେଖକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଭାବେ ସେ ସ୍ୱଦେଶୀ, ସ୍ୱାବଲମ୍ବନ, ଜାତୀୟ ବିକାଶ, ସାମାଜିକ ସମରସତା ଓ ଶ୍ରମର ମର୍ଯ୍ୟାଦାକୁ ସର୍ବଦା ଗୁରୁତ୍ୱ ଦେଇଥିଲେ। ସ୍ୱଦେଶୀ, ସ୍ୱାବଲମ୍ବନ ଓ ରାଷ୍ଟ୍ର ସର୍ବୋପରି ମହାନ ବିଚାରଧାରା ଆଜି ମଧ୍ୟ ଆମକୁ ଏକ ଆତ୍ମନିର୍ଭର, ସମୃଦ୍ଧ ଓ ଶକ୍ତିଶାଳୀ ଭାରତ ଗଠନର ମାର୍ଗରେ ପ୍ରେରଣା ଯୋଗାଇ ଚାଲିଛି।

ଜାତୀୟ ଶିକ୍ଷା ଦିବସ ପାଳିତ

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମଦ୍ରାସା ଆରଭିୟାରେ ଜାତୀୟ ଶିକ୍ଷା ଦିବସ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ (ମୌଲବୀ) ମହମ୍ମଦ ଜାହାଙ୍ଗୀରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାକଟ ମଙ୍ଗଳା କ୍ଲଷ୍ଟରର ସିଆର୍‌ସିସି ସଦାଶିବ ସାହୁ, ଜିଲ୍ଲା ମଙ୍ଗଳ ବିଭାଗର ଭାରପ୍ରାପ୍ତ ବରିଷ୍ଠ କିରାଣୀ ଉମେଶ ଚନ୍ଦ୍ର



ମାହାଳି, ପୂର୍ବତନ ମୌଲବୀ ମୌଲାନା ସେକ୍ ଆଇନୁଲ୍ ହକ୍, ସଭ୍ୟ ସେକ୍ ଗାଲିବୁଦ୍ଦିନ୍ ପ୍ରମୁଖ ଉପସ୍ଥିତ ହୋଇ ଜାତୀୟ ଶିକ୍ଷା ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତର ପୂର୍ବତନ ଶିକ୍ଷାମନ୍ତ୍ରୀ ମୌଲାନା ଆବୁ କଲାମ୍ ଆଜାଦ୍‌ଙ୍କ ଜନ୍ମକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ମଦ୍ରାସାରେ ଶିକ୍ଷାରତ ଥିବା ଛାତ୍ର ଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଭା ଶେଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହମ୍ମଦ ଜାହାଙ୍ଗୀର୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଦ୍ରାସାର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ତାଲା ଭାଙ୍ଗି ୨୫ ଲକ୍ଷର ସୁନାଗହଣା ଲୁଟିନେଲେ ଦୁର୍ବୃତ୍ତ

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ବାହାଘର ଉତ୍ସବରେ ଯୋଗଦେବାକୁ ପରିବାର ଲୋକେ ଯାଇଥିବା ବେଳେ ଆଜି ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟ୍ ହୋଇଥିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଅଞ୍ଚଳରେ ଘଟିଥିବା ଏହି ବଡ଼ ଧରଣର ଚୋରି ଘଟଣାରେ ଦୁର୍ବୃତ୍ତମାନେ କଟର ମେସିନ ସାହାଯ୍ୟରେ ଲୁହା ଲକର କାଟି ପ୍ରାୟ ୨୫ ଲକ୍ଷ ଟଙ୍କାର ସୁନାଗହଣା, ପାସପୋର୍ଟ, ବ୍ୟାଙ୍କ ତଥା ଜମିଜମା କାଗଜପତ୍ର ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତନାଘନା ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ନଜମା ବିବିଙ୍କ ସ୍ୱାମୀ ମୀର ଖୁର୍ସିଦ ଅଲ୍ଲୀ ସାଉଦି ଆରବରେ କାର୍ଯ୍ୟରତ ଅଛନ୍ତି। ନଜମା ବିବି ନିଜ ଭାଇଙ୍କ ବାହାଘର ଉତ୍ସବରେ ସାମିଲ ହେବା ପାଇଁ ଯମଧରସ୍ଥିତ ନିଜ ଘରେ ତାଲା ପକାଇ କେନ୍ଦ୍ରାପଡ଼ା ସହରର ଜୟପୁରା ଅଞ୍ଚଳକୁ ଯାଇଥିଲେ। ସେଠାରେ ବାହାଘର କାର୍ଯ୍ୟକ୍ରମ ସାରି ଯେତେବେଳେ ସେ ଓ ତାଙ୍କ ପରିବାର ଲୋକେ ଘରକୁ ଫେରିଥିଲେ, ସେତେବେଳେ ଘରର ମୁଖ୍ୟ ଫାଟକ ଓ ଭିତର କବାଟର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରକୁ ଯାଇ ଦେଖିଲା ବେଳକୁ ସମସ୍ତ ଆସବାବପତ୍ର ଛିନ୍ନଛତ୍ର ହୋଇ ପଡ଼ିରହିଥିଲା ଏବଂ ଆଲମିରା ତଥା ଲକର କଟା ହୋଇଥିବା ନଜରକୁ ଆସିଥିଲା। ଦୁର୍ବୃତ୍ତମାନେ ଅତି ଯୋଜନାବଦ୍ଧ ଭାବେ କଟର ମେସିନ ବ୍ୟବହାର କରି ଲୁହା ଆଲମିରା ଏବଂ ଲକରକୁ କାଟି ସେଥିରେ ଥିବା ପ୍ରାୟ ୨୫ ଲକ୍ଷ ଟଙ୍କା ମୂଲ୍ୟର ସୁନାଗହଣା ଲୁଟି ନେଇଛନ୍ତି। କେବଳ ସୁନା ଅଳଙ୍କାର ନୁହେଁ, ବରଂ ଲକରରେ ଗଚ୍ଛିତ ଥିବା ସ୍ୱାମୀଙ୍କ ପାସପୋର୍ଟ, ଏଲଆଇସି କାଗଜପତ୍ର, ଆଧାର କାର୍ଡ ଏବଂ ଗୁରୁତ୍ୱପୂର୍ଣ୍ଣ ଜମିଜମା ସମ୍ପର୍କିତ ଦଲିଲପତ୍ର ମଧ୍ୟ ଚୋରମାନେ ସାଙ୍ଗରେ ଲୁଟି ନେଇଯାଇଛନ୍ତି। ବିଦେଶରେ କାର୍ଯ୍ୟରତ ସ୍ୱାମୀଙ୍କର ଏହି ଜରୁରୀ ପରିଚୟପତ୍ର ଓ କାଗଜପତ୍ର ହରାଇ ପରିବାର ଲୋକେ ଏବେ ଗଭୀର ଚିନ୍ତାରେ ପଡ଼ିଯାଇଛନ୍ତି।

ଘଟଣା ସମ୍ପର୍କରେ ତୁରନ୍ତ ସଦର ଥାନାକୁ ଖବର ଦିଆଯାଇଥିଲା। ଖବର ପାଇ ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରି ପୋଲିସ ଟିମ୍ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଥାନାରେ ଏକ ମାମଲା ରୁଜୁ କରାଯାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ସମଗ୍ର ଘର ତଥା ଆଖପାଖ ଅଞ୍ଚଳରେ ଛାନଭିନ କରିଛି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପରିବାର ଲୋକେ କେବେ ବାହାଘରକୁ ଯିବେ ଏବଂ ଘର କେତେବେଳେ ଖାଲି ରହିବ, ସେ ବିଷୟରେ ଦୁର୍ବୃତ୍ତମାନଙ୍କ ପାଖରେ ପୂର୍ବରୁ ସଠିକ୍ ସୂଚନା ଥିଲା। ଏପରିକି ଘରେ କେଉଁ ସ୍ଥାନରେ ମୂଲ୍ୟବାନ ଗହଣା ଓ ଲକର ରହିଛି, ତାହା ମଧ୍ୟ ସେମାନେ ଜାଣିଥିଲେ।

ଖୁବ୍‌ଶୀଘ୍ର ଚୋରଙ୍କୁ ଚିହ୍ନଟ କରି ଗିରଫ କରାଯିବା ସହ ଲୁଟ୍ ହୋଇଥିବା ସୁନାଗହଣା ଓ ଜରୁରୀ କାଗଜପତ୍ର ଜବତ କରାଯିବ ବୋଲି ଥାନାଧିକାରୀ ଶ୍ରୀମତୀ ପ୍ରଧାନ ପ୍ରକାଶ କରିଛନ୍ତି ।

ସମ୍ବଲପୁର - ଝାରସୁଗୁଡ଼ା ୪ ଲେନ୍ ଗ୍ରୀନ୍ ଫିଲ୍ଡ ରାସ୍ତା



ଭୁବନେଶ୍ୱର, ୧୧।୧୧ (ସ୍ୱାଧିକାରନ୍ୟୁଜ): ସମ୍ବଲପୁର-ଝାରସୁଗୁଡ଼ାକୁ ୪ ଥାକିଆ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ରାସ୍ତା ଭାବେ ବିକଶିତ କରାଯିବ। ଏହାସହ ପୁରୀ-ଭୁବନେଶ୍ୱର ରାସ୍ତା ୬ ଥାକିଆ ହେବ ବୋଲି ଆଜି ପୂର୍ତ୍ତ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ଧାରରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ: ଅଧା ଜଳୁଛି, ଅଧା ଖରାପ ଆଜି (ବୁଧବାର) ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟରେ ନିର୍ମାଣ ହେଉଥିବା ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ନେଇ ନିର୍ମାଣ ସୌଧ ସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିଥିଲେ।

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ : ବେଆଇନ ଭାବେ ମେଡିଆନ୍‌କୁ କାଟି ତିଆରି ହୋଇଥିବା ଗଳାବାଟରେ ବିପଦପୂର୍ଣ୍ଣ ଭାବେ ରାସ୍ତା ଅତିକ୍ରମ

ଏହି ସମୀକ୍ଷା ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଏନ୍‌ଏଚ୍ ଡିଭିଜନ୍‌ର ୫୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଠକରେ ୨୪୦ କିମି ଦୀର୍ଘ ରାୟପୁର-ବିଶାଖାପାଟଣା ରୋଡ୍ କରିଡ଼ର, ଚଣ୍ଡିଖୋଲ-ପାରାଦୀପକୁ ସଂଯୋଗ କରୁଥିବା ରାସ୍ତା, କଟକ-ଅନୁଗୁଳ-ସମ୍ବଲପୁର କରିଡ଼ର, ସମ୍ବଲପୁର ବାଇପାସ୍, କଟକ-କନ୍ଦରପୁର ରାସ୍ତା, କୋଷ୍ଟାଲ ହାଇୱେ (ରାମେଶ୍ୱର-ପାରାଦୀପ, ପାରାଦୀପ-ଦୀଘା), ୪ ଲେନ୍‌ବିଶିଷ୍ଟ ରେଢ଼ାଖୋଲ-ସମ୍ବଲପୁର ରାସ୍ତା, ୪ ଲେନ୍‌ବିଶିଷ୍ଟ ରାଉରକେଲା-ରାଞ୍ଚି ରାସ୍ତା, ୬ ଲେନ୍‌ବିଶିଷ୍ଟ କୋଇଡ଼ା-ବଡ଼ବିଲ୍-ଚଣ୍ଡିଖୋଲ ରାସ୍ତା, ଏନ୍‌ଏଚ୍-୧୬ରେ ଥିବା ୬ ଲେନ୍‌ବିଶିଷ୍ଟ ପୁଇଁତଳା-ଟାଙ୍ଗୀ ରାସ୍ତା, ୪ ଲେନ୍‌ବିଶିଷ୍ଟ ଝାରସୁଗୁଡ଼ା- ତିଳେଇବେଣି ଏବଂ ସମ୍ବଲପୁର-ଝାରସୁଗୁଡ଼ା ୪ ଲେନ୍‌ବିଶିଷ୍ଟ ଗ୍ରୀନ୍ ଫିଲ୍ଡ ରାସ୍ତା, ସର୍ଭିସ୍ ରୋଡ୍ ଥାଇ ୬ ଲେନ୍‌ବିଶିଷ୍ଟ ପୁରୀ-ଭୁବନେଶ୍ୱର ରାସ୍ତା ସହ କ୍ୟାପିଟାଲ୍ ରିଜିୟନ୍ ରିଂ-ରୋଡ୍ ଆଦି ଜାତୀୟ ରାଜପଥ ପ୍ରାଧିକରଣ ରାସ୍ତାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା।

ସେହିପରି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଏନ୍‌ଏଚ୍ ଡିଭିଜନ୍ ଅଧୀନରେ ଥିବା କୋକସରା-ନବରଙ୍ଗପୁର ରାସ୍ତାର ପ୍ରଶସ୍ତୀକରଣ, ଏନ୍‌ଏଚ୍-୫୯ ଅଧୀନରେ ଥିବା ଦାରିଙ୍ଗବାଡ଼ି ଘାଟି ରାସ୍ତା, ମୋହନା-କୋରାପୁଟ ରାସ୍ତାର ପ୍ରଶସ୍ତିକରଣ, ଏନ୍‌ଏଚ୍-୧୫୭ରେ ଥିବା ଭଞ୍ଜନଗର-ଆସ୍କାର ରାସ୍ତାର ପ୍ରଶସ୍ତୀକରଣ, ବ୍ରହ୍ମପୁର ବାଇପାସ୍ ରାସ୍ତା, ଖୋର୍ଦ୍ଧା ବାଇପାସ୍ ରାସ୍ତା, ୪ ଲେନ୍‌ବିଶିଷ୍ଟ ଖରିଆର୍ ରୋଡ୍ ଆର୍‌ଓବି, ୪ ଲେନ୍‌ବିଶିଷ୍ଟ କେସିଙ୍ଗା ଆର୍‌ଓବି, ଏନ୍‌ଏଚ୍-୨୬୦ର ୪ ଲେନ୍‌ବିଶିଷ୍ଟ ଜୟପୁର ବାଇପାସ୍ ରାସ୍ତା ନିର୍ମାଣ, ମାଲକାନଗିରି-ମୋଟୁ ରାସ୍ତାରେ ହାଇଲେବୁଲ୍ ସେତୁ ନିର୍ମାଣ ଏବଂ କନ୍ଦରପୁର-ବାଲିକୁଦା ରାସ୍ତାର ପ୍ରଶସ୍ତୀକରଣ ଏବଂ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ଜଙ୍ଗଲ ଜମି ସମସ୍ୟା ଦୂରୀକରଣ, ୟୁଟିଲିଟି ସିଫଟିଂ ଓ ଅନ୍ୟାନ୍ୟ ସମସ୍ୟା ନେଇ ଆଲୋଚନା ହୋଇଥିଲା।

ବୈଠକରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ବିଭିନ୍ନ ରାସ୍ତାର ଅଗ୍ରଗତି ଏବଂ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସହିତ ନିର୍ମାଣ କାର୍ଯ୍ୟରେ ଅବହେଳା କରୁଥିବା ଠିକାସଂସ୍ଥା ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଯନ୍ତ୍ରୀ ତଥା ଅଧିକ୍ଷକ ଯନ୍ତ୍ରୀଙ୍କୁ ସେ ପରାମର୍ଶ ଦେଇଥିଲେ।

ଆଜିର ବୈଠକରେ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ସମୀର ହୋତା, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ୍ ଓ ରୋଡ୍ସ) ଇଂ ସତ୍ୟବ୍ରତ ବେହେରା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସ୍ୱୟମ୍ ମଲ୍ଲିକ, ମୁଖ୍ୟଯନ୍ତ୍ରୀ ଏନ୍‌ଏଚ୍-୧ ଇଂ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ ଏନ୍‌ଏଚ୍-୨ ଇଂ ଦୀପକ ପାଣିଗ୍ରାହୀ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ ଇଂ ସୁନୀଲ କୁମାର, ଏନ୍‌ଏଚ୍‌ଏଆଇର ଆଞ୍ଚଳିକ ଅଧିକାରୀ ଇଂ ପ୍ରଦୀପ ଲାଲ, ଅତିରିକ୍ତ ଶାସନ ସଚିବ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଜୋନ୍‌ର ମୁଖ୍ୟଯନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀ ପ୍ରମୁଖ ଯୋଗ ଦେଇଥିଲେ।

ଜାପାନ ପ୍ରତିନିଧିଙ୍କ କିଟ୍ ଓ କିସ୍ ପରିଦର୍ଶନ



ଭୁବନେଶ୍ୱର, ୧୧।୧୧ (ସ୍ୱାଧିକାରନ୍ୟୁଜ): ଜାପାନ ଟୋଟୋରିରୁ ୩୫ ଜଣିଆ ପ୍ରତିନିଧିମଣ୍ଡଳୀ ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍ ପରିଦର୍ଶନ କରିବା ସହ ଏଠାକାର କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷା ଓ ଗବେଷଣା ଉପରେ ଆଲୋଚନା କରିଥିଲେ। କିସ୍ ଓ କିଟ୍ ପରିଦର୍ଶନ କରିବା ପରେ ସେମାନେ ବେଶ୍ ସନ୍ତୋଷ ବ୍ୟକ୍ତ କରି ଏଭଳି ପ୍ରୟାସ ପାଇଁ ସେମାନେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିଲେ।

ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଜାପାନର ଟୋଟୋରି ବିଶ୍ୱବିଦ୍ୟାଳୟ, ଓନେଷ୍ଟ୍ରକ୍ସନ, ଟିଓଏ ସଫ୍ଟୱେର ଏବଂ ଆଇଇପିଏମ୍‌ଏଫ୍ ଓ ଆର ଜିରୋ ମଧ୍ୟରେ ୪ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଜରିଆରେ ଶିକ୍ଷା, ମିଳିତ ଗବେଷଣା ଏବଂ ଶିଳ୍ପ ସହଯୋଗକୁ ଅଧିକ ସୁଦୃଢ଼ କରାଯିବ। ଏହାଦ୍ୱାରା ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପାଇଁ ଇର୍ଣ୍ଟର୍ନସିପ୍, ନିଯୁକ୍ତି ଏବଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଦିଗରେ ସୁଯୋଗ ସୃଷ୍ଟି ହେବ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହି ବୁଝାମଣା ମାଧ୍ୟମରେ ଉଚ୍ଚଶିକ୍ଷା, ଗବେଷଣା ଓ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭାରତ ଓ ଜାପାନ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି। ବିଶେଷକରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍‌ସ, ସାଇବର ସିକ୍ୟୁରିଟି, ବ୍ଲକଚେନ୍, ରୋବୋଟିକ୍ସ ଏବଂ ସେମିକଣ୍ଡକ୍ଟର ଭଳି ଅତ୍ୟାଧୁନିକ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି।

ଏହି ଅବସରରେ ଜାପାନୀ ପ୍ରତିନିଧିମଣ୍ଡଳୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ବୁଝାମଣାରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଲେ, ଏଭଳି ସହଯୋଗ ଜରିଆରେ ନୂତନ ପାଠ୍ୟକ୍ରମ ପ୍ରଚଳନ, ଦକ୍ଷତା ବିକାଶ, ଗବେଷଣା, ଶିଳ୍ପଭିତ୍ତିକ ପ୍ରଶିକ୍ଷଣ ଏବଂ ଜ୍ଞାନର ଆଦାନପ୍ରଦାନକୁ ଗୁରୁତ୍ୱ ଦିଆଯିବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ସଂପର୍କରେ ଶିକ୍ଷା ହାସଲ କରିବା ସହ ପ୍ରାୟୋଗିକ ଅନୁଭୂତି ପାଇପାରିବେ। ଏଥିସହ ଜାପାନ ସମେତ ଭାରତ ଓ ବିଦେଶରେ ଉଚ୍ଚଶିକ୍ଷା, ଇର୍ଣ୍ଟର୍ନସିପ୍, ଗବେଷଣା ଓ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏଥିସହ କିଟ୍ ସହ ବୁଝାମଣା କରିଥିବାରୁ ଶ୍ରୀ ସାମନ୍ତ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

କର୍ମଚାରୀଙ୍କ ସନ୍ଦେହଜନକ ମୃତ

କଟକ, ୧୧।୧୧ (ସ୍ୱାଧିକାରନ୍ୟୁଜ): କଟକର ଏକ ସରକାରୀ କାର୍ଯ୍ୟାଳୟ ପରିସରରୁ ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକ ହେଉଛନ୍ତି ଦୀନେଶ ଶତପଥୀ। ସେ କଟକ ଜିଲ୍ଲା ଜଳ ପରୀକ୍ଷାଗାର ଓ ପରିମଳ କାର୍ଯ୍ୟାଳୟର ମାନବ ସମ୍ବଳ ବିଭାଗରେ କାର୍ଯ୍ୟରତ ଥିଲେ। ତାଙ୍କ ଘର କଟକ ଜିଲ୍ଲାର ଟାଙ୍ଗୀ ଅଞ୍ଚଳରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କାର୍ଯ୍ୟାଳୟ ଭିତରେ ଦୀନେଶଙ୍କ ମୃତଦେହ ବେକରେ ରଶି ଲାଗି ଝୁଲୁଥିବା ଅବସ୍ଥାରେ ଠାବ ହୋଇଥିଲା। ଏ ସମ୍ପର୍କରେ ଖବର ପାଇ ଚାଉଳିଆଗଞ୍ଜ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହକୁ ଉଦ୍ଧାର କରିବା ସହ ଆବଶ୍ୟକ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ଏସସିବି ମେଡିକାଲକୁ ପଠାଯାଇଛି। ତେବେ ଦୀନେଶଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ଘଟିଛି, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଏହା ଆତ୍ମହତ୍ୟା ନା ମୃତ୍ୟୁ ପଛରେ ଅନ୍ୟ କୌଣସି କାରଣ ରହିଛି, ସେନେଇ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

ସିସିଟିଭି ନିରୀକ୍ଷଣ ବ୍ୟବସ୍ଥାରେ ପୂର୍ବ ତଟ ରେଳପଥ ସଫଳତା

ଭୁବନେଶ୍ୱର, ୧୧।୧୧ (ସ୍ୱାଧିକାରନ୍ୟୁଜ): ରେଳ ସୁରକ୍ଷା ଓ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ପୂର୍ବ ତଟ ରେଳପଥ ପକ୍ଷରୁ ସୌରଚାଳିତ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ବ୍ୟବସ୍ଥା ଅଧୀନରେ ନିରୀକ୍ଷଣ କରାଯାଉଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଅପରାଧ ଓ ସୁରକ୍ଷା ସମ୍ବନ୍ଧୀୟ ଘଟଣାରେ ପ୍ରାୟ ୮୦% ହ୍ରାସ ଘଟିଛି।

ସୌରଚାଳିତ ସିସିଟିଭି କ୍ୟାମେରା ସ୍ଥାପନ ପରେ ୨୦୨୬ ମସିହା ଜାନୁଆରୀ ୧ରୁ ଅକ୍ଟୋବର ୨୦ ମଧ୍ୟରେ ଘଟିଥିବା ଅପରାଧିକ ଘଟଣାଗୁଡ଼ିକୁ ୨୦୨୫ ମସିହାର ସମାନ ଅବଧି ସହିତ ତୁଳନା କରି କରାଯାଇଥିବା ବିଶ୍ଳେଷଣରୁ ବିଭିନ୍ନ ବର୍ଗର ଅପରାଧ ଘଟଣାରେ ଉଲ୍ଲେଖନୀୟ ହ୍ରାସ ଜଣାପଡ଼ିଛି। ଭଙ୍ଗାରୁଜା ଓ ରେଳ ଧାରଣା ଉପରେ ବାହ୍ୟ ବସ୍ତୁ ରଖିବା ମାମଲା ୨ରୁ ଶୂନ୍ୟକୁ, କେବୁଲ୍ କାଟିବା ମାମଲା ୧୦ରୁ ୩କୁ, ପଥର ଫିଙ୍ଗିବା ମାମଲା ୨୦ରୁ ୩କୁ ଏବଂ ଯାତ୍ରୀଙ୍କ ସାମଗ୍ରୀ ଚୋରି ମାମଲା ୨ରୁ ଶୂନ୍ୟକୁ ହ୍ରାସ ପାଇଛି। ସେହିପରି, ଆଲାର୍ମ ଚେନ୍ ଟାଣିବା ଘଟଣା ୧୮୬ରୁ ୪୨କୁ ଏବଂ ଅନ୍ୟାନ୍ୟ ଅପରାଧ ମାମଲା ୯ରୁ ୧କୁ ହ୍ରାସ ପାଇଛି। ସାମଗ୍ରିକ ଭାବେ, ଏହି ବର୍ଗଗୁଡ଼ିକରେ ମୋଟ ଅପରାଧିକ ଘଟଣା ୨୦୨୫ ମସିହାରେ ୨୨୯ ଥିବାବେଳେ ୨୦୨୬ ମସିହାରେ ଏହା ୪୯କୁ ହ୍ରାସ ପାଇଛି, ଯାହା ପ୍ରାୟ ୭୯% ହ୍ରାସକୁ ଦର୍ଶାଉଛି। ଏହି ପଦକ୍ଷେପ ଅଧୀନରେ ପୂର୍ବ ତଟ ରେଳପଥର ରେଳ ସୁରକ୍ଷା ବଳ ପକ୍ଷରୁ ନାମକ ଏକ ସ୍ଥାୟୀ ଓ ସୌରଚାଳିତ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହା ବିଶେଷ ଭାବେ ଦୁର୍ଗମ, ବିଦ୍ୟୁତ୍ ଯୋଗାଣରେ ଅସୁବିଧା ଥିବା ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳ ପାଇଁ ପରିକଳ୍ପନା କରାଯାଇଛି। ବଜ୍ରପାତରୁ ସୁରକ୍ଷା ପାଇଁ ସମନ୍ୱିତ ବ୍ୟବସ୍ଥା ସହିତ ଏହି କ୍ୟାମେରାଗୁଡ଼ିକୁ ରେଳ ଷ୍ଟେସନ, ଲେଭଲ୍ କ୍ରସିଂ, ବ୍ରିଜ୍, ଟନେଲ୍, ନିଛାଟିଆ ରେଳ ଧାରଣା, ୟାର୍ଡ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ରଣନୀତିକ ଭାବେ ସ୍ଥାପନ କରାଯାଇଛି।

ଏହି ବ୍ୟବସ୍ଥା ଦ୍ୱାରା ଦିନରାତି ନିରନ୍ତର ରିଅଲ୍ ଟାଇମ୍ ମନିଟରିଂ ଏବଂ ଭିଡିଓ ରେକର୍ଡିଂ ସମ୍ଭବ ହେଉଛି। ଏହା ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିବା, ତୁରନ୍ତ ପ୍ରତିରୋଧକ ପଦକ୍ଷେପ ଗ୍ରହଣ କରିବା ଏବଂ ତଦନ୍ତକୁ ସୁଦୃଢ଼ କରିବାରେ ରେଳ ସୁରକ୍ଷା ବଳକୁ ସହାୟତା କରୁଛି। ଏହାଦ୍ୱାରା ରେଳ ଭିତ୍ତିଭୂମିର ସୁରକ୍ଷା ସହିତ ଯାତ୍ରୀମାନଙ୍କ ନିରାପତ୍ତା ମଧ୍ୟ ବୃଦ୍ଧି ପାଉଛି।

ପୂର୍ବ ତଟ ରେଳପଥର ତିନୋଟି ମଣ୍ଡଳରେ ପ୍ରଥମ ପର୍ଯ୍ୟାୟରେ କା ର୍ଯ୍ୟ ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଅଧୀନରେ ମୋଟ ୨,୪୫୯ଟି ସୌରଚାଳିତ ସିସିଟିଭି କ୍ୟାମେରା ସ୍ଥାପନ ପାଇଁ ମଞ୍ଜୁରି ମିଳିଛି। ଏଥିମଧ୍ୟରୁ ୧,୦୦୬ଟି କ୍ୟାମେରା ସ୍ଥାପନ କରାଯାଇସାରିଛି। ସେଥିମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୫୪୩ଟି, ରାୟଗଡ଼ା ମଣ୍ଡଳରେ ୬୬ଟି ଏବଂ ସମ୍ବଲପୁର ମଣ୍ଡଳରେ ୩୯୭ଟି କ୍ୟାମେରା ସ୍ଥାପନ କରାଯାଇଛି। ଅବଶିଷ୍ଟ ୧,୪୫୩ଟି କ୍ୟାମେରା ସ୍ଥାପନ କାର୍ଯ୍ୟ ଜାରି ରହିଛି। ଏଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୫୦୦ଟି, ରାୟଗଡ଼ା ମଣ୍ଡଳରେ ୩୫୦ଟି ଏବଂ ସମ୍ବଲପୁର ମଣ୍ଡଳରେ ୬୦୩ଟି କ୍ୟାମେରା ସ୍ଥାପନ କରାଯିବ।

ଠିକା ଶ୍ରମିକଙ୍କ ଆମରଣ ଅନଶନ ଜାରି



ଖୋର୍ଦ୍ଧା, ୧୧।୧୧ (ସ୍ୱାଧିକାରନ୍ୟୁଜ): ଟାଟା ବିଦ୍ୟୁତ ବିଭାଗରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ଛଟେଇ କରାଯିବା ଘଟଣାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଭୁବନେଶ୍ୱର ପିଏମଜି ଛକଠାରେ ଠିକା ଶ୍ରମିକମାନେ ଆମରଣ ଅନଶନରେ ବସି ରହିଛନ୍ତି। ଅନ୍ୟପକ୍ଷରେ ଟାଟା କମ୍ପାନୀର ସିଇଓଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଥିବା ତଥ୍ୟ ଓ ମନ୍ତବ୍ୟକୁ ଶ୍ରମିକମାନେ ବିଭ୍ରାନ୍ତିକର ବୋଲି ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆନ୍ଦୋଳନରତ ଠିକା ଶ୍ରମିକମାନଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ କମ୍ପାନୀର କାର୍ଯ୍ୟପ୍ରଣାଳୀ ଓ ଶ୍ରମିକ ଛଟେଇ ସମ୍ପର୍କରେ ନିଜର ପକ୍ଷ ରଖାଯାଇଛି। ଶ୍ରମିକ ପ୍ରତିନିଧିମାନଙ୍କ କହିବା ଅନୁଯାୟୀ, ସେମାନେ ଦୀର୍ଘ ୧୫ରୁ ୨୦ ବର୍ଷ ଧରି ବିଦ୍ୟୁତ ବିଭାଗର ବିଭିନ୍ନ କାର୍ଯ୍ୟରେ ନିଯୋଜିତ ହୋଇ ଆସୁଥିଲେ। ଲାଇନମ୍ୟାନ୍, ମିଟର ରିଡର୍, ବିଲ୍ କଲେକ୍ଟର ଓ ଅନ୍ୟାନ୍ୟ କାର୍ଯ୍ୟରେ ନିଜର ସେବା ଯୋଗାଇ ଆସୁଥିବା ଶ୍ରମିକମାନଙ୍କୁ ଛଟେଇ କରାଯିବା ଫଳରେ ସେମାନଙ୍କ ପରିବାର ଜୀବିକା ସଙ୍କଟରେ ପଡ଼ିଛି। ଶ୍ରମିକମାନଙ୍କ ଅଭିଯୋଗ, କମ୍ପାନୀର ସିଇଓ ସାମ୍ବାଦିକ ସମ୍ମିଳନୀରେ ଯେଉଁ ତଥ୍ୟ ଉପସ୍ଥାପନ କରିଛନ୍ତି, ତାହା ଭୂମିସ୍ତରର ବାସ୍ତବ ସ୍ଥିତି ସହ ମେଳ ଖାଉନାହିଁ। ତେଣୁ ଶ୍ରମିକଙ୍କ ପ୍ରକୃତ ସମସ୍ୟାକୁ ଅଣଦେଖା ନକରି ତାହାର ସମାଧାନ କରିବାକୁ ସେମାନେ ଦାବି ଜଣାଇଛନ୍ତି। ଛଟେଇ ନିଷ୍ପତ୍ତି ପ୍ରତ୍ୟାହାର, କାର୍ଯ୍ୟରୁ ବାଦ୍ ପଡ଼ିଥିବା ଶ୍ରମିକଙ୍କ ପୁନଃ ନିଯୁକ୍ତି ଏବଂ ଦୀର୍ଘବର୍ଷର ସେବାକୁ ଉଚିତ ସ୍ୱୀକୃତି ପ୍ରଦାନ କରିବା ଦାବିରେ ଶ୍ରମିକମାନେ ଆମରଣ ଅନଶନ ଜାରି ରଖିଛନ୍ତି। ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଆନ୍ଦୋଳନକାରୀମାନେ ନିଜର ମତ ପ୍ରକାଶ କରିଛନ୍ତି।

ଠିକା ଶ୍ରମିକ ମାନଙ୍କ ଆନ୍ଦୋଳନ ୪୨ ତମ ଦିନରେ ଏବଂ ଆମରଣ ଅନଶନ ଅଷ୍ଟମ ଦିନରେ ପହଞ୍ଚିଛି। ଏହା ସତ୍ତ୍ୱେ ଆମର ଦାବି ପ୍ରତି ସରକାର ଓ ଟାଟା ପାୱାରର ନୀରବତା ଅତ୍ୟନ୍ତ ଦୁଃଖଦ। ଯେ ପର୍ଯ୍ୟନ୍ତ ଆମର ନ୍ୟାୟ ସଙ୍ଗତ ଦାବି ପୂରଣ ହୋଇନାହିଁ, ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ଏବଂ ଆହୁରି ତୀବ୍ର ହେବ। ଏହି ଆନ୍ଦୋଳନର ପରିଣାମ ପାଇଁ ଟାଟା ପାୱାରର ସିଇଓ ଏବଂ ରାଜ୍ୟର ଶକ୍ତି ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ନୈତିକ ଦାୟିତ୍ୱ ବହନ କରିବେ।

ପୂଜ୍ୟ ପୂଜା, ଓଡିଶା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

କଟକ, ୧୧।୧୧ (ସ୍ୱାଧିକାରନ୍ୟୁଜ): ସୁନାମଧନ୍ୟ ଚିକିତ୍ସକ ତଥା ପୂଜ୍ୟ ପୂଜା, ଓଡିଶାର ମୁଖ୍ୟ ଉପଦେଷ୍ଟା ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଙ୍କ ବିୟୋଗ ରେ ଏକ ଶ୍ରଦ୍ଧାଞ୍ଜଳି ସଭା ବିରଜା ପ୍ରସାଦ ଶତପଥୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଅଛି, ବକ୍ତା ଓ ଆଲୋଚକ ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପ୍ରଭାତ ଚନ୍ଦ୍ର ପାଠ, ଡକ୍ଟର ସତ୍ୟନାରାୟଣ ମିଶ୍ର, ନାଟ୍ୟକାର ବିଜୟ କୁମାର ମହାନ୍ତି, ଶରତ ଚନ୍ଦ୍ର ରଥ, ଗଣେଶ ଚନ୍ଦ୍ର ପଣ୍ଡା, ସୁବାସ ଚନ୍ଦ୍ର ସାହୁ, ଇଂ ନିରଞ୍ଜନ ପଣ୍ଡା, ମନୋଜ କୁମାର ଜେନା, ଭାଗିରଥୀ ନାୟକ, ପ୍ରତାପ କୁମାର ନାୟକ, ବାରରୀ ବନ୍ଧୁ ପଟନାୟକ, ସୁନୀଲ କୁମାର ମହାପାତ୍ର ଆଦି ଯୋଗଦାନ କରି ଡାକ୍ତର ମହାପାତ୍ର ଙ୍କ ବହୁ ମୁଖି ପ୍ରତି ଭା



ଉପରେ ସୁବିସ୍ତୃତ ଆଲୋଚନା କରି ତାଙ୍କୁ ଚିକିତ୍ସା ଜଗତର ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବେ ପ୍ରତିପାଦିତ କରିଥିଲେ, ତାଙ୍କର ବିୟୋଗ ଚିକିତ୍ସା ଜଗତରେ,ସମାଜସେବା,ଓ ସାରସ୍ୱତ କ୍ଷେତ୍ରରେ ଏକ ଅପୂରଣୀ କ୍ଷତି ଘଟିଲା ବୋଲି ପ୍ରତିପାଦିତ କରିଥିଲେ, ପଣ୍ଡିତ ସୁନୀଲ କୁମାର ନନ୍ଦ, ଜୀବନ ଦର୍ଶନ ସଂପର୍କରେ ସୁବିସ୍ତୃତ ଆଲୋଚନା କରି ଡାକ୍ତର ମହାପାତ୍ରଙ୍କୁ ଦିବ୍ୟାତ୍ମା ଭାବେ ପ୍ରତିପାଦିତ କରିଥିଲେ, ସ୍ୱାତ ଆତ୍ମାର ସଦଗତି ପାଇଁ ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା, ପ୍ରାରମ୍ଭରେ ସଂପାଦକରମାକାନ୍ତ ମିଶ୍ରସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରି ବା ସହ ବିଗତ ଦିନର ବହୁ ସ୍ମୃତି କଥା ବର୍ଣ୍ଣନା କରିଥିଲେ,ରଶ୍ମିତା ରାଉତ ଭଜନ ଗାନ କରିଥିଲେ, କୈଳାସ ଚନ୍ଦ୍ର ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

ଦୁର୍ଗନ୍ଧରେ ଅତିଷ୍ଠ ଅଞ୍ଚଳବାସୀ

କଟକ, ୧୧।୧୧ (ସ୍ୱାଧିକାରନ୍ୟୁଜ): କଟକ ମହାନଗର ନିଗମର ୫୨ ନମ୍ବର ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ର ନଗର ମଙ୍ଗଳାମନ୍ଦିର ଛକରେ ଅଳିଆ ଆବର୍ଜନା ପରିଚାଳନାକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି। ଅଞ୍ଚଳବାସୀଙ୍କ ସୁବିଧା ପାଇଁ କେଏମସି ପକ୍ଷରୁ ଏଠାରେ ଦିନତମାମ ଅଳିଆ ସଂଗ୍ରହ ପାଇଁ ଗାଡ଼ି ରଖାଯାଇଛି। ମାତ୍ର ଏହି ବ୍ୟବସ୍ଥା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ସୁବିଧା ବଦଳରେ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗାଡ଼ିଟି ଦିନସାରା ଛକରେ ରହୁଥିବାରୁ ଏଥିରେ ବହୁ ପରିମାଣର ଅଳିଆ ଆବର୍ଜନା ଜମା ହେଉଛି। ଫଳରେ ଚାରିଆଡ଼େ ଦୁର୍ଗନ୍ଧ ବ୍ୟାପୁଥିବା ବେଳେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ସହ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଏକ ଜନଗହଳିପୂର୍ଣ୍ଣ ଛକରେ ଏଭଳି ଅବ୍ୟବସ୍ଥିତ ଅଳିଆ ସଂଗ୍ରହ ବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, ଏହି ଗାଡ଼ିରେ କେବଳ ଘରୋଇ ଅଳିଆ ନୁହେଁ, ବରଂ ଆଖପାଖ ଅଞ୍ଚଳର ହୋଟେଲ, ରେଷ୍ଟୁରାଣ୍ଟ ଓ ଗୋଷ୍ଠୀ କେନ୍ଦ୍ରରେ ଆୟୋଜିତ ଭୋଜିଭାତରୁ ବାହାରୁଥିବା ବର୍ଜ୍ୟବସ୍ତୁ ମଧ୍ୟ ପକାଯାଉଛି। ଏହାଦ୍ୱାରା ସାଧାରଣ ଅଳିଆ ସଂଗ୍ରହ ବ୍ୟବସ୍ଥାକୁ ବ୍ୟବହାର କରି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକର ବର୍ଜ୍ୟବସ୍ତୁ ନିଷ୍କାସନ କରାଯାଉଥିବା ଅଭିଯୋଗ ହୋଇଛି।

କେନାଲରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

କଟକ, ୧୧।୧୧ (ସ୍ୱାଧିକାରନ୍ୟୁଜ): ତାଳଦଣ୍ଡା କେନାଲରେ ରାତିର ଅନ୍ଧାର ଭିତରେ ଭାସୁଥିବା ଏକ ମୃତଦେହକୁ ନେଇ କଟକ ସହରରେ ଆଲୋଡ଼ନ ସୃଷ୍ଟି ହୋଇଛି। କେନାଲରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ଘଟଣାକୁ ନେଇ ରହସ୍ୟ ବଢ଼ିଛି। ମୃତ ଯୁବକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ମୃତ୍ୟୁ କିପରି ହେଲା, ତାହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, କଟକର ମଧୁପାଟଣା ଥାନା ଅଧୀନ ତାଳଦଣ୍ଡା କେନାଲରେ ଗତ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତଦେହ ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହା ଦେଖି ତୁରନ୍ତ ପୋଲିସକୁ ଖବର ଦିଆଯାଇଥିଲା। ଖବର ପାଇ ମଧୁପାଟଣା ଥାନା ପୋଲିସ ସହ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ କେନାଲରୁ ମୃତଦେହକୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ମୃତ ଯୁବକଙ୍କ ବୟସ ଓ ପରିଚୟ ସମ୍ପର୍କରେ ତୁରନ୍ତ କୌଣସି ସୂଚନା ମିଳିପାରିନାହିଁ। ମୃତଦେହ ଉଦ୍ଧାର ସମୟରେ ଯୁବକ ଜଣକ ଜିନ୍ସ ପ୍ୟାଣ୍ଟ ଓ ଟି-ସାର୍ଟ ପିନ୍ଧିଥିବା ଜଣାପଡ଼ିଛି। ପରିଚୟ ଚିହ୍ନଟ ହୋଇନଥିବାରୁ ପୋଲିସ ମୃତଦେହକୁ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଅନ୍ୟପଟେ ମୃତକଙ୍କ ପରିଚୟ ଜାଣିବା ପାଇଁ ପୋଲିସ ବିଭିନ୍ନ ଥାନାକୁ ତାଙ୍କ ଫଟୋ ଓ ବିବରଣୀ ପଠାଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ନିଖୋଜ ଅଭିଯୋଗ ସହ ମୃତକଙ୍କ ତଥ୍ୟ ମେଳ କରାଯାଉଛି। ତେବେ ଯୁବକ ଜଣକ କେଉଁ ପରିସ୍ଥିତିରେ କେନାଲକୁ ଆସିଲେ, ତାହା ଏବେ ବଡ଼ ପ୍ରଶ୍ନ ହୋଇ ରହିଛି। ଏହା ଅସାବଧାନତାରୁ ଘଟିଥିବା ଦୁର୍ଘଟଣା, ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେନେଇ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

ଜଳ ସମ୍ପଦ ବିଭାଗରେ ଡିଜିଟାଲ୍ ଶାସନ ବ୍ୟବସ୍ଥା

ଭୁବନେଶ୍ୱର, ୧୧।୧୧ (ସ୍ୱାଧିକାରନ୍ୟୁଜ): ରାଜ୍ୟର ଜଳ ସମ୍ପଦ କ୍ଷେତ୍ରରେ ସ୍ୱଚ୍ଛତା, ଦକ୍ଷତା ଓ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ 'ୱାର୍କସ୍ ଆଣ୍ଡ ଆକାଉଣ୍ଟସ୍ ମ୍ୟାନେଜମେଣ୍ଟ ଇନଫରମେସନ୍ ସିଷ୍ଟମ୍' (ୱାମିସ୍) ମାଧ୍ୟମରେ ଡିଜିଟାଲ୍ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ଏହି ବ୍ୟବସ୍ଥା ଅଧୀନରେ ପ୍ରକଳ୍ପ ପରିଚାଳନା, ଆର୍ଥିକ ପ୍ରଶାସନ ଓ କାର୍ଯ୍ୟର ଅନୁଧ୍ୟାନକୁ ଏକକ ଡିଜିଟାଲ୍ ପ୍ଲାଟଫର୍ମରେ ସମନ୍ୱିତ କରାଯାଇଛି।

ଏହି ପଦକ୍ଷେପର ଅଂଶସ୍ୱରୂପ ରାଜ୍ୟରେ ପର୍ଯ୍ୟାୟକ୍ରମେ ପ୍ରାୟ ୨୫ଟି ପ୍ରଶିକ୍ଷଣ ଅଧିବେଶନ ମାଧ୍ୟମରେ ୭୦୦ରୁ ଉର୍ଦ୍ଧ୍ୱ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ବଜେଟ୍ ପରିଚାଳନା, ପ୍ରକଳ୍ପ ଯୋଜନା ଓ ଅନୁମୋଦନ, କାର୍ଯ୍ୟ ସମ୍ପାଦନ, ବିଲ୍ ପ୍ରସ୍ତୁତି, ହିସାବରକ୍ଷଣ, ଟ୍ରେଜେରୀ ସମନ୍ୱୟ ଏବଂ ଡ୍ୟାସ୍ ବୋର୍ଡ ମାଧ୍ୟମରେ କାର୍ଯ୍ୟ ଅନୁଧ୍ୟାନ ଆଦି ବିଷୟ ସାମିଲ ରହିଛି।

ୱାମିସ୍ ମାଧ୍ୟମରେ ପ୍ରକଳ୍ପର ଭୌତିକ ଅଗ୍ରଗତି ସହ ଆର୍ଥିକ ବ୍ୟୟର ନିରନ୍ତର ଅନୁଧ୍ୟାନ ସମ୍ଭବ ହୋଇପାରୁଛି। ଏହାର ମୋବାଇଲ୍ ଆଧାରିତ ଯାଂଚ ବ୍ୟବସ୍ଥା ଜିଓ-ଟ୍ୟାଗ୍ ଫଟୋ ସହ କ୍ଷେତ୍ରସ୍ତରରେ କାର୍ଯ୍ୟର ସ୍ଥିତି ଯାଂଚ କରିବାରେ ସହାୟକ ହେଉଛି।

ସରକାରୀ ଇ-ପ୍ରୋକ୍ୟୁରମେଣ୍ଟ ପ୍ଲାଟଫର୍ମ ସହ ୱାମିସ୍ ର ସମନ୍ୱୟ ଦ୍ୱାରା ଟେଣ୍ଡର ପ୍ରକ୍ରିୟା ଅଧିକ ସରଳ ଓ ସ୍ୱଚ୍ଛ ହୋଇପାରିଛି। ଟେଣ୍ଡର ପୂର୍ବବର୍ତ୍ତୀ ତଥ୍ୟ ଓ କାର୍ଯ୍ୟାଦେଶ ସମ୍ପର୍କିତ ବିବରଣୀର ଡିଜିଟାଲ୍ ଆଦାନପ୍ରଦାନ ଦ୍ୱାରା ପୁନରାବୃତ୍ତି ତଥ୍ୟ ଏଣ୍ଟ୍ରି ଓ ମାନବୀୟ ତ୍ରୁଟି ହ୍ରାସ ପାଉଛି। ଏହାସହ ୱାମିସ୍ ର ଏଜେନ୍ସି ଇଂଟରଫେସ୍ କାର୍ଯ୍ୟକ୍ଷମ ହୋଇଛି। ଏହା ମାଧ୍ୟମରେ ଠିକାଦାରମାନେ କାର୍ଯ୍ୟ ଯୋଜନା, ମାପ ଦାବି, ଜିଏସ୍ଟି ଇନଭଏସ୍ ଓ ଅନ୍ୟାନ୍ୟ ଆବଶ୍ୟକ ଆବେଦନ ଡିଜିଟାଲ୍ ମାଧ୍ୟମରେ ଦାଖଲ କରିପାରୁଛନ୍ତି। ମହାଲେଖାକାରଙ୍କ କାର୍ଯ୍ୟାଳୟ ଓ ରାଜ୍ୟ ଟ୍ରେଜେରୀ ସହ ସମନ୍ୱୟ ଦ୍ୱାରା ହିସାବର ମେଳକ ଓ ଆର୍ଥିକ ରିପୋର୍ଟିଂ ବ୍ୟବସ୍ଥା ମଧ୍ୟ ଅଧିକ ସୁଦୃଢ଼ ହୋଇଛି। ଡିଜିଟାଲ୍ ଅଡିଟ୍ ଟ୍ରେଲ୍, ସ୍ୱୟଂଚାଳିତ ରିପୋର୍ଟିଂ ଓ ରିଅଲ୍-ଟାଇମ୍ ଡ୍ୟାସ୍ ବୋର୍ଡ ମାଧ୍ୟମରେ ପ୍ରକଳ୍ପର ଅଗ୍ରଗତି, ବଜେଟ୍ ବିନିଯୋଗ ଓ କାର୍ଯ୍ୟାନ୍ୱୟନର ସ୍ଥିତି ଅନୁଧ୍ୟାନ କରାଯାଇପାରୁଛି। ଏହା ଫଳରେ ମାନୁଆଲ୍ ପ୍ରକ୍ରିୟା ହ୍ରାସ ପାଇବା ସହ ନିଷ୍ପତ୍ତି ଗ୍ରହଣରେ ଦକ୍ଷତା ଓ ସ୍ୱଚ୍ଛତା ବୃଦ୍ଧି ପାଉଛି। ଜନସାଧାରଣଙ୍କ ଅର୍ଥର ସୁବିନିଯୋଗ ଏବଂ ଭିତିଭୂମି ପ୍ରକଳ୍ପଗୁଡ଼ିକର ଦକ୍ଷ ପରିଚାଳନା ଦିଗରେ ୱାମିସ୍ ଏକ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ପଦକ୍ଷେପ ଭାବେ ଉଭା ହୋଇଛି।

ଗଞ୍ଜେଇ ଜବତ, ଦୁଇ ଚାଲାଣକାରୀ ଗିରଫ

କଟକ, ୧୧।୧୧ (ସ୍ୱାଧିକାରନ୍ୟୁଜ): ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ରେଳ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ ଚାଲିଥିବା 'ଅପରେସନ ନାର୍କୋ' ଅଭିଯାନରେ ବଡ଼ ସଫଳତା ମିଳିଛି। କଟକ ରେଳ ଷ୍ଟେସନରୁ ୨୮ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି ଆରପିଏଫ୍। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ୪୪ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ୧୦ ତାରିଖ ଦିନ ପ୍ରାୟ ୧୧ଟା ୫ ମିନିଟ୍ ସମୟରେ କଟକ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୨ ଓ ୩ର ଭଦ୍ରକ ପାର୍ଶ୍ୱରେ ଦୁଇ ଜଣ ଯୁବକ ସନ୍ଦେହଜନକ ଭାବେ ବୁଲୁଥିବା ଆରପିଏଫ୍ କର୍ମଚାରୀଙ୍କ ନଜରକୁ ଆସିଥିଲେ। ସେମାନେ କେରଳ ଅଭିମୁଖୀ ଟ୍ରେନ୍‌ରେ ଯିବାକୁ ଅପେକ୍ଷା କରିଥିଲେ। ଆରପିଏଫ୍ ପୋଷ୍ଟ କଟକର ଅଧିକାରୀ ଓ କର୍ମଚାରୀମାନେ ମଞ୍ଚେଶ୍ୱର ଆରପିଏଫ୍‌ର ଡଗ୍ ସ୍କ୍ୱାଡ୍ ଏବଂ ନିଶାଦ୍ରବ୍ୟ ଚିହ୍ନଟକାରୀ କୁକୁର 'ଜ୍ୟାକସନ୍'ଙ୍କ ସହାୟତାରେ ଯାଞ୍ଚ କରୁଥିଲେ। ଆରପିଏଫ୍ ଟିମ୍‌କୁ ଦେଖି ଦୁଇ ଯୁବକ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ସୁରକ୍ଷା କର୍ମୀମାନେ ସେମାନଙ୍କୁ କାବୁ କରିଥିଲେ। ସେମାନଙ୍କ ପାଖରେ ଥିବା ଧୂସର, ବାଇଗଣୀ ଓ ମାରୁନ୍ ରଙ୍ଗର ତିନୋଟି ନୂଆ ବ୍ୟାକ୍‌ପ୍ୟାକ୍‌ରୁ ଗଞ୍ଜେଇର ଗନ୍ଧ ବାହାରିବା ସହ ଡଗ୍ ସ୍କ୍ୱାଡ୍‌ର କୁକୁର 'ଜ୍ୟାକସନ୍' ମଧ୍ୟ ନିଶାଦ୍ରବ୍ୟ ଥିବା ନେଇ ସଙ୍କେତ ଦେଇଥିଲା।

ମୃତ୍ତିକା ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ସଚେତନତା ଶିବିର

କଟକ, ୧୧।୧୧ (ସ୍ୱାଧିକାରନ୍ୟୁଜ): ମାଟିର ଉର୍ବରତା ସୁରକ୍ଷା ସହ ଫସଲ ଉତ୍ପାଦନ ବୃଦ୍ଧି ଏବଂ ଚାଷୀଙ୍କ ଆୟ ବଢ଼ାଇବା ଲକ୍ଷ୍ୟରେ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ସିଆରଆରଆଇ), କଟକ ପକ୍ଷରୁ ଏକ ସଚେତନତା ଶିବିର ଓ ଆଲୋଚନାଚକ୍ର ଆୟୋଜିତ ହୋଇଛି। ଜାତୀୟ 'କ୍ଷେତ ବଞ୍ଚାଅ ଅଭିଯାନ (ରବି-୨୦୨୬)' ଅନ୍ତର୍ଗତ ଜଗତସିଂହପୁର ଜିଲ୍ଲାର କଣ୍ଡିଲୋ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୩୦୧ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡଃ ପ୍ରକାଶ ଚନ୍ଦ୍ର ଜେନା ଓ ଡଃ ତରିତ ବରଣ ବାଗଚୀଙ୍କ ସମେତ ବୈଷୟିକ କର୍ମଚାରୀ ପ୍ରଦୀପ କୁମାର ପରିଡ଼ା ଯୋଗଦେଇ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ଗୁରୁତ୍ୱ, ସନ୍ତୁଳିତ ସାର ପ୍ରୟୋଗ ଏବଂ ସମନ୍ୱିତ ପୋଷକତତ୍ତ୍ୱ ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ଚାଷୀମାନେ ଆଲୋଚନାରେ ସକ୍ରିୟ ଭାବେ ଭାଗ ନେବା ସହ ମୃତ୍ତିକାର ସ୍ୱାସ୍ଥ୍ୟ ସୁରକ୍ଷା ଓ ଆଧୁନିକ ସ୍ଥାୟୀ କୃଷି ପଦ୍ଧତି ଆପଣାଇବା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ।

ଟିପିଏସ୍ଓଡିଏଲ୍ ପକ୍ଷରୁ ସୋଲାର ରଥ'ର ଶୁଭାରମ୍ଭ

ଭୁବନେଶ୍ୱର, ୧୧।୧୧ (ସ୍ୱାଧିକାରନ୍ୟୁଜ): ଛାତ ଉପରେ ସୌରଶକ୍ତି ବ୍ୟବସ୍ଥା ସ୍ଥାପନକୁ ଅଧିକ ଲୋକପ୍ରିୟ କରିବା ସହ ଭାରତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା' ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍ଓଡିଏଲ) ପକ୍ଷରୁ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। ବୌଦ୍ଧ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ବିଭୂତି ଭୂଷଣ ନାୟକ, ଆଇଏଏସ୍ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବୌଦ୍ଧର ଅତିରିକ୍ତ ଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରୱାନଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ଟିପିଏସ୍ଓଡିଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପର ଅଂଶସ୍ୱରୂପ ସୋଲାର ରଥ ବୌଦ୍ଧ ଜିଲ୍ଲାର ତିନୋଟି ଯାକ ବ୍ଲକ୍‌ର ସମସ୍ତ ଗ୍ରାମ ପଞ୍ଚାୟତ, ବିଦ୍ୟାଳୟ ଏବଂ ସ୍ଥାନୀୟ ହାଟ ତଥା ବଜାର ପରିକ୍ରମା କରିବ। ଏହି ଅଭିଯାନ ମାଧ୍ୟମରେ ଉପଭୋକ୍ତାଙ୍କ ସହ ସିଧାସଳଖ ଆଲୋଚନା କରାଯିବା ସହ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ସମ୍ବନ୍ଧୀୟ ସଚେତନତା ସାମଗ୍ରୀ ବଣ୍ଟନ କରାଯିବ। ଏଥିସହ ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନର ଉପକାରିତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ।

୧୬ ବୈଜ୍ଞାନିକଙ୍କୁ ଓଡ଼ିଶା ବିଜ୍ଞାନ ଏକାଡେମୀର ସମ୍ମାନ

ଭୁବନେଶ୍ୱର, ୧୧।୧୧ (ସ୍ୱାଧିକାରନ୍ୟୁଜ): ସ୍ଥାନୀୟ ଜୟଦେବ ଭବନଠାରେ ଓଡିଶା ବିଜ୍ଞାନ ଏକାଡେମୀର ୨୦୨୪ ମସିହା ପାଇଁ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ବର୍ଗର ୧୬ଜଣ ସୁନାମଧନ୍ୟ ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ, ଏକାଡେମୀର ସଭାପତି ଶିବାନୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚି ଦେଓରଞ୍ଜନ କୁମାର ସିଂହ ଏବଂ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ ମଞ୍ଚାସୀନ ଥିଲେ। ସମ୍ବର୍ଦ୍ଧିତ ହୋଇଥିବା ବରିଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ, ବନ୍ୟ ପ୍ରାଣୀ ବିଜ୍ଞାନୀ ଡା ଲାଲା ଅଶ୍ୱିନ କୁମାର ସିଂହ ଓ ଡା ସୁଧାକର କର, କୃଷି ବିଜ୍ଞାନୀ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ପ୍ରାଣୀ ବିଜ୍ଞାନୀ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଓ ରସାୟନ ବିଜ୍ଞାନୀ ପ୍ରଫେସର ବିଜୟ କୁମାର ମିଶ୍ର। ସେହିଭଳି ବୈଜ୍ଞାନିକ ଉତ୍କର୍ଷ ପାଇଁ ଡା ସୁରେନ୍ଦ୍ର କୁମାର ବିଶ୍ୱାଳଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର, ଓଡିଶାରେ କାର୍ଯ୍ୟରତ ବୈଜ୍ଞାନିକ ଡା ଉମାକାନ୍ତ ସୁବୁଦ୍ଧିଙ୍କୁ (ଜୀବ ବିଜ୍ଞାନ ବିଭାଗ), ପ୍ରଫେସର ଶୁଭଙ୍କର ବେଦାନ୍ତ (ଭୌତିକ ବିଜ୍ଞାନ ବିଭାଗ), ପ୍ରଫେସର ଜଗଦୀଶ ଚନ୍ଦ୍ର ପାଲ (ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ) ଓ ଓଡିଶା ବାହାରେ କାର୍ଯ୍ୟରତ ବୈଜ୍ଞାନିକ ପ୍ରଫେସର ରଘୁନାଥ ସାହୁଙ୍କୁ ସାମନ୍ତ ଚନ୍ଦ୍ର ଶେଖର ପୁରସ୍କାରରେ ପୁରସ୍କୃତ କରାଯାଇଥିଲା।

ପୁନରୁଦ୍ଧାର, ରିଲିଫ କାର୍ଯ୍ୟ ନୈରାଶ୍ୟଜନକ : କଂଗ୍ରେସ

ଭୁବନେଶ୍ୱର, ୧୧।୧୧ (ସ୍ୱାଧିକାରନ୍ୟୁଜ): ପୂର୍ବରୁ ଆଇଏମ୍ଡିର ବାରମ୍ବାର ପୂର୍ବାନୁମାନ ଓ ସତର୍କ ସୂଚନା ସତ୍ତ୍ୱେ ଗଂଜାମର ୬ଟି ଯାକ ଡ୍ୟାମ୍‌ରେ ତ୍ରୁଟିପୂର୍ଣ୍ଣ ଜଳ ପରିଚାଳନା ଯୋଗୁଁ ପ୍ରଳୟଙ୍କରୀ ବନ୍ୟା ହେଲା ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ତଥ୍ୟପ୍ରମାଣ ସହ ଉପସଂହାରରେ ପହଞ୍ଚିବା ପରେ ବୁଧବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ଏହାର ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ ବିଗତ ଦିନରେ ହୋଇଥିବା ବନ୍ୟା ପଛର ମୁଖ୍ୟ କାରଣ ହେଉଛି ଅପ୍ରତ୍ୟାଶିତ ଓ ଅତ୍ୟଧିକ ବର୍ଷା। 'ଫାଇଲିନ' ବାତ୍ୟା ସମୟରେ ହୋଇଥିବା ବର୍ଷା ତୁଳନାରେ ଏଥର ବହୁତ ଅଧିକ ବର୍ଷା ରେକର୍ଡ କରାଯାଇଛି। ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ ସେ କହିଛନ୍ତି ଯେ ନଦୀବନ୍ଧ ଏବଂ ଡ୍ୟାମ୍ ସୁରକ୍ଷା ପାଇଁ ନିର୍ଦ୍ଧାରିତ ପ୍ରୋଟୋକଲ୍ ଏବଂ ଜଳଧାରଣ କ୍ଷମତାକୁ ଆଧାର କରି ଜଳସମ୍ପଦ ବିଭାଗର ଇଞ୍ଜିନିୟର ଓ ବିଶେଷଜ୍ଞ ଟିମ୍‌ର ଆକଳନ ଅନୁସାରେ ହିଁ ଡ୍ୟାମ୍ ଗେଟ୍ ଖୋଲାଯାଇଥିଲା। ଏହା କୌଣସି ମନୁଷ୍ୟକୃତ ବନ୍ୟା ନୁହେଁ।

ମଧ୍ୟାହ୍ନରେ ପିସିସି ସଭାପତି ଶ୍ରୀ ଦାସ ଏ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି, ଜଳସମ୍ପଦ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏତେ ବଡ଼ ବନ୍ୟା ପରେ ବି ନିରବ କାହିଁକି? ଯଦି ସଠିକ୍ ଜଳ ପରିଚାଳନା କରାଯାଇଥିଲା, ମୁଖ୍ୟମନ୍ତ୍ରୀ ତଥ୍ୟପ୍ରମାଣ ସହ ସାମନାକୁ ଆସୁନାହାନ୍ତି କାହିଁକି? ଯେତେବେଳେ ବି ତାଙ୍କ ସରକାର ଅଡୁଆରେ ପଡ଼େ, ସେ କେନ୍ଦ୍ର ହେଉ କି ରାଜ୍ୟ, ସରକାରର ମୁଖ୍ୟମାନେ କିମ୍ବା ବିଭାଗର ରାଜନୈତିକ ମୁଖ୍ୟମାନେ ସାମନାକୁ ନ ଆସି ଅମଲାତନ୍ତ୍ରୀମାନଙ୍କ ପଛପଟେ ଲୁଚିବା ପସନ୍ଦ କରନ୍ତି। ଏ ଥର ମଧ୍ୟ ସେୟା ହିଁ କରୁଛନ୍ତି ଜଳସମ୍ପଦ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ। ଜଳସମ୍ପଦ ବିଭାଗର ଓ୍ୱେବ୍‌ସାଇଟରେ ସ୍ପଷ୍ଟ ଉଲ୍ଲେଖ ଅଛି, ୨୩ରୁ ୨୮ ତାରିଖ ଯାଏ ଦୈନିକ ମାତ୍ର ୭ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଥିଲା। ହଠାତ ତାହା ୨୯-୩୦ ତାରିଖ ୧ ଲକ୍ଷ ୪୦ ହଜାର କ୍ୟୁସେକ୍‌ରେ ପହଞ୍ଚିବା କେଉଁ ପ୍ରକାରର ସଠିକ୍ ଜଳ ପରିଚାଳନା? ଯଦି ପୂର୍ବଥର ମାନଙ୍କ ଭଳି ଏ ଥର ମଧ୍ୟ ଡ୍ୟାମ୍‌ଗୁଡ଼ିକର ଜଳସ୍ତର ବନ୍ୟା ପୂର୍ବରୁ ୫୦ ପ୍ରତିଶତକୁ ଖସାଇ ଅଣାଯାଇଥା'ନ୍ତା ଏହି ମନୁଷ୍ୟକୃତ ବନ୍ୟାକୁ ରୋକାଯାଇପାରିଥା'ନ୍ତା ବୋଲି ଅଭିଯୋଗର କ'ଣ ଉତ୍ତର ଅଛି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସତର୍କ ସୂଚନା ସତ୍ତ୍ୱେ ଡ୍ୟାମ୍‌ଗୁଡ଼ିକର ଜଳସ୍ତର ବନ୍ୟା ପୂର୍ବରୁ ୬୫ରୁ ୮୦ ପ୍ରତିଶତ ରଖିବା କେଉଁ ପ୍ରକାର ଜଳ ପରିଚାଳନା? ଏହି ପ୍ରଶ୍ନଗୁଡ଼ିକର ସିଧା ଉତ୍ତର ନ ରଖି 'ଏହା ମନୁଷ୍ୟକୃତ ନୁହେଁ ଓ କିଛି ଭୁଲ୍ ନିଷ୍ପତ୍ତି ନିଆଯାଇ ନ ଥିଲା' ବୋଲି ମୁହଁଟାଣ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଦାସ କହିଛନ୍ତି।

AFFIDAVIT

By virtue of affidavit swombefore Executive magistrate kujanga 13/10/2026 I Jayanta Kumar Barik, s/o-Maguni Charan Barik, at-sirol, po-lathanga, Via-Rahama, pin-754140, dist -Jagatsinghpur, odisha, Declare that I have changed the Name of my daughter from Swatiprava Barik to swastipravabarik, henceforth she shall be known as swastiprava barik for all purposes.

OFFICE OF THE EXECUTIVE ENGINEER
GROUND WATER DEVELOPMENT DIVISION-1HP, BUILDING, UNIT-8, DELTA SQUARE, BHUBANESWAR-751012 (Phone No. 2561040 (O),
email: executiveengineerhpbbsr@gmail.com

32001/1314/2627

"e" Procurement Notice No. 1473 of 2026-27 Dt-07.11.2026
Bid Identification No. GWD DIV-1 BBSR-23/26-27

Executive Engineer, GWD Division-I, Delta square, Unit-8, Bhubaneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

1. Nature of the Work: Civil Work., **2. Name of the Work:** Construction of 12 nos of Recharge Shafts at Bajapur GP, Khordha blook, Ph-2 of Khordha district for the FY-2026-27., **3. Approximate amount put to tender :** Rs.20.14 Lakh., **4. Period of Completion:** 2 (Two) Calendar Month., **5. Class of Contractor:** "B" & "C" Class Contractor., **6. Date & time of Availability of Bid document in the portal:** Dt. 18.11.2026 at 11.00 AM to 30.11.2026 up to 11.00 AM., **7. Last date & time of receipt of Bids in the Portal:** Dt.30.11.2026 up to 11.00 AM., 8. Date, time & place of opening of Technical/Financial Bid/s : Dt.30.11.2026 at 11.30 AM in O/o the EE GWD Divn-1., **9. Name & address of the officer inviting Bid:** OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1, HP ADMINISTRATIVE, BUILDING, UNIT-8, DELTA SQUARE, BHUBANESWAR-751012

Further details can be seen from the Govt. website: www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

OIPR 32001/32372/2/26-27/0017

Executive Engineer
GWD division 1

ସ୍ୱାଧିକାର
The Swadhikar



ତୁମେ ମୋ ଉପରେ ନିଜର ସମସ୍ତ ଭାର ଅର୍ପଣ କର,ମୁଁ ନିଶ୍ଚିତ ଭାବରେ ତାହା ବହନ କରିବି ।

ସଂପାଦକୀୟ......

ଜାତି ଗଣନାର ଆବଶ୍ୟକତା

ଜାତି ଭିତ୍ତିକ ଜନଗଣନା ପ୍ରସଙ୍ଗ ଏବେ ଭାରତୀୟ ରାଜନୀତିରେ ଏକ ବିତର୍କ ଏବଂ ବିବାଦର ବିଷୟ ହୋଇଛି। ଏହାକୁ ବିଜେପି ବିରୋଧ କରୁଥିବା ବେଳେ ବାକି ସବୁ ଦଳ ସମର୍ଥନ କରୁଛନ୍ତି। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଧିକାଂଶ ରାଜନୈତିକ ଦଳ ଏଭଳି ଚିନ୍ତାଧାରାର ବଶବର୍ତ୍ତୀ ହୋଇଛନ୍ତି। କିଏ କାହିଁକି ଏକଥା ଉଠାଇଲା ତାହା ପ୍ରଶ୍ନବାଚୀ। କେବଳ ସମାଜକୁ ଜାତି ଭିତ୍ତିରେ ବିଭାଜିତ କରିବା ଏବଂ ଜାତିଭିତ୍ତିକ ବିଭେଦ ସୃଷ୍ଟି କରିବା ହେଉଛି ଏହା ଉଦ୍ଦେଶ୍ୟ। ଏହା ଏକ ଦେଶ ବିରୋଧୀ ଚିନ୍ତାଧାରା। ତେବେ ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଏହା ଉପରେ ସ୍ୱତନ୍ତ୍ର ମତ ଉପସ୍ଥାପନ କରାଯାଇଛି। ଆରଏସଏସ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ଜାତି ଭିତ୍ତିକ ଜନଗଣନାର ଆବଶ୍ୟକତା ଥାଇପାରେ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରାଗଲେ ତାହା ବୁମେରାଂ ହେବ। ବିଜେପିର ମତ ବି ସମାନ। ୟୁପି, ବିହାର, ତାମିଲନାଡୁ ଇତ୍ୟାଦି ରାଜ୍ୟରେ ଜାତିଗତ ରାଜନୀତି ବେଶ ଉତ୍କଟ। ତେଣୁ ସେହିସବୁ ରାଜ୍ୟର ରାଜନୈତିକ ଦଳମାନେ ଏଭଳି ଦାବି କରିବା ସ୍ୱାଭାବିକ। ଭାରତୀୟ ସମାଜରେ ସବୁଠାରୁ ବଡ଼ ଦୁର୍ବଳତା ଏବଂ ତ୍ରୁଟି ହେଲା ଜାତିଗତ ବିଭେଦ। ହଜାର ହଜାର ବର୍ଷ ହେବ ଭାରତରେ ଏହି ଜାତି ବିଭେଦ ଯୋଗୁ ଅନେକ ଅନ୍ୟାୟ ଏବଂ ଶୋଷଣର ଶିକାର ହୋଇଛନ୍ତି। ଆଶା କରାଯାଉଥିଲା ଯେ, ସ୍ୱାଧୀନତା ପରେ ସ୍ୱାଧୀନ ଭାରତରେ ଜାତିଗତ ବିଭେଦ ରହିବ ନାହିଁ ଏବଂ ସମସ୍ତ ଭାରତବାସୀ ନିଜକୁ କେବଳ ଭାରତୀୟ ବୋଲି ପରିଚୟ ପ୍ରଦାନ କରିବେ। କିନ୍ତୁ ରାଜନୈତିକ ଷଡ଼ଯନ୍ତ୍ରରୁ ଏହି ଆଶା ନୈରାଶ୍ୟରେ ପରିଣତ ହେଲା। ପ୍ରଥମେ ସମ୍ବିଧାନରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ହେଲା। ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ଲାଗି ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସଂରକ୍ଷଣ ବ୍ୟବସ୍ଥା କରାଗଲା। କିନ୍ତୁ ବାବା ସାହେବ ଆମ୍ବେଦକର ଯେତେବେଳେ ଏହି ସଂରକ୍ଷଣ ବ୍ୟବସ୍ଥା କଲେ ସେତେବେଳେ ସେ ଭାବିନଥିଲେ ଯେ, ଏହି ବ୍ୟବସ୍ଥା ଭାରତୀୟ ସମାଜ ଲାଗି ଏକ ଅଭିଶାପରେ ପରିଣତ ହେବ। ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିବ ଏକଥା ସେ ଚିନ୍ତା କରିପାରିନଥିଲେ। କିନ୍ତୁ ଭାରତୀୟ ରାଜନୈତିକ ଦଳଗୁଡ଼ିକ କେବଳ ଭୋଟ ବ୍ୟାଙ୍କ ନିମନ୍ତେ ଏହାର ଅବଧିକୁ ବଢ଼ାଇ ଚାଲିଛନ୍ତି। ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ମଧ୍ୟ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ନାହିଁ। କିନ୍ତୁ ଏବେ ଏହାର ଉଲ୍ଲଙ୍ଘନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ୧୯୯୦ରେ ଭି ପି ସିଂହ ସରକାର ମଣ୍ଡଳ କମିଶନ ସୁପାରିସ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଫଳରେ ଓବିସି ବର୍ଗ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହେଲା। ଏହା ଦ୍ୱାରା ଭାରତରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଆହୁରି ଜଟିଳ ହୋଇଗଲା। ସାମାଜିକ ବ୍ୟବସ୍ଥା ଆହୁରି ଖରାପ ହୋଇଗଲା। ଏବେ ଏହାକୁ ଆହୁରି ସମ୍ପ୍ରସାରିତ କରିବାକୁ ଉଦ୍ୟମ ହେଉଛି। ବିହାର ସରକାର ଏଥିପାଇଁ ଜିତିଭିତ୍ତିକ ଜନଗଣନା କରିଛନ୍ତି। ଏହାକୁ କଂଗ୍ରେସ ମଧ୍ୟ ସମର୍ଥନ କରୁଛି ଏବଂ ସାରା ଦେଶରେ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରୁଛି। ଜାତି ଭିତ୍ତିରେ ଭାରତକୁ ଭାଗ ଭାଗ କରିବାକୁ ଏହା ପଥ ଉନ୍ମୁକ୍ତ କରିଦେବ ସଥିରେ ସନ୍ଦେହ ନାହିଁ। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ବେଳେ ଏକ ଜନସଭାରେ କହିଥିଲେ ଯେ, କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ଜାତିଭିତ୍ତିକ ଜନଗଣନା କରାଇବ। କର୍ଣ୍ଣାଟକରେ କଂଗ୍ରେସ ସରକାର ଏଥିଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାହୁଲ ଯାହା କହିଛନ୍ତି ତାହା ବିସ୍ମୟଜନକ ଏବଂ ସମାଜ ପାଇଁ ବିପଜ୍ଜନକ। ସେ କହିଛନ୍ତି ଯେ, ଦେଶର ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ହେଉଛନ୍ତି ଓବିସି ବର୍ଗର। କିନ୍ତୁ କେନ୍ଦ୍ରରେ ବିଭିନ୍ନ ବିଭାଗର ସଚିବ ପଦରେ ଥିବା ଆଇଏଏସଙ୍କ ମଧ୍ୟରୁ ମାତ୍ର ୩% ହେଉଛନ୍ତି ଓବିସି ବର୍ଗର। ତାଙ୍କ କହିବା କଥା ହେଲା ଯେଉଁ ବର୍ଗର ସଂଖ୍ୟା ଯେତିକି, ସେହି ବର୍ଗ ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସେତିକି ସ୍ଥାନ ସଂରକ୍ଷଣ ରହିବା ଉଚିତ। ଅନ୍ଧବିଦ୍ୟା ଭୟଙ୍କରୀ ଭଳି ରାହୁଲଙ୍କ ଏହି ମନ୍ତବ୍ୟ ଏବଂ ଚିନ୍ତାଧାରା ଭାରତୀୟ ସମାଜ ପାଇଁ ଏକ ଅଭିଶାପରେ ପରିଣତ ହେବ। ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ଅଧ୍ୟାପକ, ବିଚାରପତି, ପ୍ରଶାସନିକ ଅଧିକାରୀ ଚୟନ ବେଳେ କେବଳ ଯୋଗ୍ୟତା ହିଁ ଚୟନର ମାପକାଠି ହେବା ଉଚିତ। ଜାତି ଭିତ୍ତିରେ ଯୋଗ୍ୟତା ନିର୍ଣ୍ଣୟ କଦାପି ଗ୍ରହଣୀୟ ନୁହେଁ। ଜଣେ ଉଚ୍ଚ ଜାତିର ପିଲା ଯୋଗ୍ୟତା ଥାଇ ମଧ୍ୟ ସିଭିଲ ସର୍ଭିସରୁ ବଂଚିତ ହେବ ଏବଂ ଜଣେ ଓବିସି ବର୍ଗର ଧନୀ ପିଲା ଅଧା ଯୋଗ୍ୟତା ଥାଇ ଆଇଏଏସ ଅଫିସର ହୋଇ ବସିବ ଏହା କଦାପି ନ୍ୟାୟ ସଙ୍ଗତ ନୁହେଁ। ଏହା ଭାରତୀୟ ସମାଜକୁ ଆହୁରି ପଙ୍କିଳ ଏବଂ ବିଭାଜିତ କରିବ। ଏହା ଦେଶରେ ଏକ ପ୍ରକାର ଗୃହ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରିପାରେ। ସଂରକ୍ଷଣ ବ୍ୟବସ୍ଥା ସଭ୍ୟ ସମାଜ ପାଇଁ ଏକ କଳଙ୍କ। ଏହା ଆଦି ଅନନ୍ତକାଳ ପର୍ଯ୍ୟନ୍ତ ଚାଲିପାରିବ ନାହିଁ। ଏହି କଳଙ୍କକୁ ଯେତେ ଶୀଘ୍ର ବିଲୋପ କରାଯିବ ଦେଶ ପାଇଁ ତାହା ସେତେ ମଙ୍ଗଳକର ହେବ। କିନ୍ତୁ ରାହୁଲ ଏବଂ ତାଙ୍କ ସହଯୋଗୀମାନେ ଜାତିଭିତ୍ତିକ ଜନଗଣନା କରି ସମାଜକୁ ଅଧିକ ବିଷାକ୍ତ କରିବାକୁ ପ୍ରୟାସ କରୁଛନ୍ତି। ଏଥିରୁ ସେ ନିବୃତ୍ତ ରହିବା ଉଚିତ। ଆଜି ଯଦି ଦେଶରେ ଜାତି ଭିତ୍ତିକ ଜନଗଣନା ହୁଏ ଏବଂ ସଂରକ୍ଷଣ ବ୍ୟବସ୍ଥାକୁ ଆହୁରି ସମ୍ପ୍ରସାରିତ କରାଯାଏ ତେବେ ଏହାର ପ୍ରତିଫଳ ଦିନେ ନା ଦିନେ ଆମକୁ ଭୋଗିବାକୁ ପଡ଼ିବ। ଯଦି ଯୋଗ୍ୟ ବ୍ୟକ୍ତି ଭାରତରେ ନ୍ୟାୟ ପାଇପାରିବ ନାହିଁ ଏବଂ ଜାତି ଆଧାରରେ ଅଯୋଗ୍ୟ ବ୍ୟକ୍ତି ଉଚ୍ଚ ଆସନରେ ବସିବ ତେବେ ଯୋଗ୍ୟ ବ୍ୟକ୍ତି ଶେଷରେ ବିଦେଶ ଚାଲିଯିବାକୁ ବାଧ୍ୟ ହେବ।

ଆକାଶ ଦୀପ

ଡ଼ଃ.ଅରୁନ୍ଧତୀ ଦେବୀ ■

ଆର୍ଯ୍ୟାବର୍ତ୍ତ ଭାରତବର୍ଷରେ ଅତି ପ୍ରାଚୀନ କାଳରୁ ବହୁ ଓଷା, ବ୍ରତ, ପର୍ବପର୍ବାଣି ତଥା ବିଧିବିଧାନ ଅନୁସୃତ ହୋଇଆସିଛି । ଏସବୁକୁ ଅବଶ୍ୟ ପାଳନ କରିବା ନିମନ୍ତେ ଧର୍ମଶାସ୍ତ୍ରମାନେ ମାର୍ଗଦର୍ଶନ କରିଛନ୍ତି । ସେଥିମଧ୍ୟରୁ କାର୍ତ୍ତିକମାସରେ ବିବିଧ ଧର୍ମୀୟ ଆଚରଣ ଅନ୍ତର୍ଗତ ଆକାଶଦୀପ ବ୍ୟବସ୍ଥା ଅନ୍ୟତମ । ଆମ ଓଡ଼ିଶାରେ ଆକାଶଦୀପ ପରମ୍ପରା ବହୁଳଭାବେ ଦେଖାଯାଏ । ଚଉରାମୂଳେ ଏକ ବାଉଁଶ ପୋତାଯାଇ ଏହାର ଶୀର୍ଷରେ ଆକାଶ ଦୀପ ଜଳାଇବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ବିଶେଷ କରି କାର୍ତ୍ତିକବ୍ରତ ପାଳନ କରୁଥିବା ଧର୍ମପ୍ରାଣ ମହିଳାମାନେ ମାସସାରା ଆକାଶଦୀପ ଜାଳିଥାନ୍ତି । ମୁନି ଋଷିମାନଙ୍କ ନିର୍ଣ୍ଣୟ ଅନୁସାରେ ସୂକ୍ଷ୍ମ ତଥା ଅଦୃଶ୍ୟ ସତ୍ତାରେ ଅବସ୍ଥାନ କରୁଥିବା ପିତୃଲୋକ ଓ ଦେବଲୋକ ଆଶ୍ୱିନ ଓ କାର୍ତ୍ତିକମାସରେ ଆର୍ଯ୍ୟାବର୍ତ୍ତର ନିକଟବର୍ତ୍ତୀ ହୋଇଥାଏ ।

ପିତୃ ଓ ଦେବ ଲୋକମାନଙ୍କ ସନ୍ତୋଷ ନିମନ୍ତେ ବେଦରେ ନାନା ପ୍ରକାର ଧର୍ମୀୟ ବିଧିବ୍ୟବସ୍ଥା ରହିଛି । ଆକାଶଦୀପ ପ୍ରଜ୍ୱଳନ ଫଳରେ ପିତୃଲୋକ ଓ ଦେବତାମାନଙ୍କ ପଥ ଆଲୋକିତ ହୋଇଥାଏ । ଏହାଦ୍ୱାରା ଦେବତା ଓ ପିତୃପୁରୁଷଙ୍କ ଠାରୁ କୃପା ତଥା ଆଶୀର୍ବାଦ ମିଳିଥାଏ ବୋଲି ଭାରତୀୟମାନଙ୍କର ବିଶ୍ୱାସ ରହିଛି । ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଛି ଯେ କାର୍ତ୍ତିକ ମାସରେ ଆକାଶଦୀପ ପ୍ରଜ୍ୱଳନରେ ଦେବତାମାନେ ସନ୍ତୁଷ୍ଟ ହେଲେ ଦେଶ ଶସ୍ୟଶ୍ୟାମଳା ହୁଏ । ଅନାବୃଷ୍ଟି, ଅତିବୃଷ୍ଟି, ବାତ୍ୟା, ବନ୍ୟା, ଭୂକମ୍ପ ଆଦି ପ୍ରାକୃତିକ ବ୍ୟୁତ୍ପାତ ଦୂର ହୋଇଥାଏ । ସେହିପରି ପିତୃଲୋକ ସନ୍ତୁଷ୍ଟ ହେଲେ ଜ୍ଞାନବାନ, ସୁଚରିତ୍ର କୁଳନନ୍ଦନ ଜାତ ହୋଇ କୁଳର ଗୌରବ ଘଟାଇଥାଏ । ଏହାଛଡ଼ା ଗନ୍ଧର୍ବ, ଯକ୍ଷ ଓ ଅପ୍ସରାଗଣ ସନ୍ତୁଷ୍ଟ ହେଲେ ମନୁଷ୍ୟର ରୋଗ ବ୍ୟାଧି ଦୂର ହେବା ସହ ଧନ ଧାନ୍ୟ ଅଭିବୃଦ୍ଧି ତଥା ନାନା ବିଦ୍ୟା ଲାଭ ହୁଏ । କାର୍ତ୍ତିକ ମାସରେ ଅକାଶଦୀପ ବ୍ୟତୀତ ଅନ୍ୟ ୪ ପ୍ରକାର ଦୀପର ପରମ୍ପରା ଶାସ୍ତ୍ରରେ ରହିଛି । ସେଗୁଡ଼ିକ ହେଲା ଦୀପ, ଶିଖରଦୀପ, ମହାଦୀପ ଓ ଅଖଣ୍ଡଦୀପ ।

ଆକାଶଦୀପ ପ୍ରଜ୍ୱଳନ ଜନିତ ପୁଣ୍ୟଫଳ ସମ୍ପର୍କରେ ପୁରାଣଶାସ୍ତ୍ରରେ ବହୁ ବର୍ଣ୍ଣନା ରହିଛି । 'ସ୍କନ୍ଦ ପୁରାଣ'ରେ କୁହାଯାଇଛି - 'ପିତୃପକ୍ଷେଽନ୍ନ ଦାନେନ ଜ୍ୟେଷ୍ଠ ମାସିଚ ବାରିଣା, କାର୍ତ୍ତିକେ ତତ୍‌ଫଳମ୍ ପୁସାଂ ପରଦୀପ ପ୍ରବୋଧନାତ୍ ।' ଅର୍ଥାତ୍ ପିତୃପକ୍ଷରେ କ୍ଷୁଧାର୍ତ୍ତକୁ ଅନ୍ନଦାନ, ଜ୍ୟେଷ୍ଠ ମାସରେ ଜଳସଂକଟ କାଳରେ ତୃଷାର୍ତ୍ତକୁ ଜଳଦାନ କଲେ ଦାତାଙ୍କୁ ଯେଉଁ ଫଳ ମିଳେ ତଦ୍ରୂପ ଫଳମିଳିଥାଏ କାର୍ତ୍ତିକମାସରେ ଆକାଶଦୀପ ପ୍ରଜ୍ୱଳନରେ । ସେହିପରି 'ପଦ୍ମପୁରାଣ'ରେ ରହିଛି - 'ଉଚ୍ଚୈ ପ୍ରଦୀପମ୍ ଆକାଶେ ଯୋ ଉଦ୍ୟାତ୍ କାର୍ତ୍ତିକେ ନରଃ, ସର୍ବଂ କୁଳଂ ସମୁଦ୍ଧୃତ୍ୟ ବିଷ୍ଣୁଲୋକମ୍ ଅବାପ୍ନୁୟାତ୍ ।' ପୁଣି ସେହି ପଦ୍ମପୁରାଣରେ କୁହାଯାଇଛି - 'ବିଷ୍ଣୁକେଶନମ୍ ଉଦ୍ଦିସ୍ୟ ଦୀପଂ ଦଦ୍ୟାତ୍ ତୁ କାର୍ତ୍ତିକେ ଆକାଶସ୍ଥଂ ଜଳସ୍ଥଂ ଚ ଶୃଣୁ ତସ୍ୟାପି ଯତ୍ ଫଳମ୍ ।' ଆକାଶଦୀପ ପ୍ରଜ୍ୱଳନ ସମୟରେ ଯେଉଁ ଶ୍ଳୋକ ଉଚ୍ଚାରଣ କରିବାକୁ ହେବ ତାହା 'ହରିଭକ୍ତି ବିଳାସ'ରେ ଉଲ୍ଲେଖ ରହିଛି । ତାହାହେଲା 'ଦାମୋଦରାୟ ନଭସି ତୁଲାୟାଂ ଲୋଳୟା ସହ ପ୍ରଦୀପନ୍ତେ ପ୍ରଯଚ୍ଛାମି ନମୋନନ୍ତାୟ ବେଧସେ ।' ଶାସ୍ତ୍ରାନୁସାରେ ଦୀପ ସୁବର୍ଣ୍ଣ ଧାତବାଦି ଅଥବା ମୃଣ୍ମୟ ପାତ୍ରରେ ନିର୍ମିତ ହୋଇଥିବା ବିଧେୟ । କାର୍ପାସ ବର୍ତ୍ତିକା ଓ ଗବ୍ୟ ଘୃତ ହିଁ ଆକାଶଦୀପର ଉତ୍ତମ ଉପକରଣ । କିନ୍ତୁ କ୍ଷେତ୍ର ବିଶେଷରେ ତିଳତୈଳ ଯୋଗେ ମଧ ଆକାଶଦୀପ ଦାନ କରାଯାଇପାରେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ପିଲାଙ୍କ ପାଇଁ ଘାତକ ନିମୋନିଆ

ଜ୍ୟୋତିରଞ୍ଜନ ଚମ୍ପତିରାୟ

ଆଜି ୱାର୍ଲଡ୍ ନିମୋନିଆ ଡେ ବା ବିଶ୍ୱ ନିମୋନିଆ ଦିବସ । ପ୍ରତିବର୍ଷ ନଭେମ୍ବର ୧୨ ତାରିଖକୁ ସମଗ୍ର ବିଶ୍ୱବାସୀ ନିମୋନିଆ ଦିବସ ଭାବେ ପାଳନ କରନ୍ତି । ଏହି ଦିନରେ ନିମୋନିଆ ପରି ଘାତକ ରୋଗ ବିଷୟରେ ଲୋକମାନଙ୍କୁ ସଚେତନତା କରାଯାଏ । ବିଶେଷ କରି ପାଞ୍ଚରୁ କମ୍ ବର୍ଷ ବୟସର ଶିଶୁମାନେ ଏହି ରୋଗରେ ଅଧିକ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାନ୍ତି । ୨୦୨୫ରେ ପ୍ରାୟ ୧.୮ ନିୟୁତ ଲୋକଙ୍କର ନିମୋନିଆରେ ମୃତ୍ୟୁ ହୋଇଥିଲା । ଗରିବ ତଥା ନିମ୍ନ ଆୟବର୍ଗର ଅଧିକ ଶିଶୁ ଏହି ଘାତକ ରୋଗରେ ଆକ୍ରାନ୍ତ ହେଉଥିବାର ଦେଖିବାକୁ ମିଳୁଛି । ସଚେତନତାର ଅଭାବ ଏବଂ ରୋଗ ନିରୂପଣ କରିବାରେ ଅବହେଳା ପାଇଁ ଅନେକ ସମୟରେ ନିମୋନିଆ ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ।

ନିମୋନିଆ ସମ୍ପର୍କରେ ଆମେ ଆଲୋଚନା କଲାବେଳେ ପିଲାମାନଙ୍କ ସମ୍ପର୍କରେ କିଛି ସ୍ୱାସ୍ଥ୍ୟ ଆଲୋଚନା ରଖୁଛୁ। ବିଶେଷକରି ଶିଶୁମାନେ ବିଭିନ୍ନ ରୋଗ ଯଥା ଡିପ୍‌ଥେରିଆ, ହୁପିଙ୍ଗକାଶ, ଟିଟାନସ, ପୋଲିଓ, ଟାଇଫଏଡ଼, ଶିଶୁ ଯକ୍ଷ୍ମା, ମିଳିମିଳା, ପାଣି ବସନ୍ତ, ବସନ୍ତ, ତରଳଝାଡ଼ା, ଶ୍ୱାସ, ବାତରୋଗ ବା ଫିଟ୍‌ସ, କୃମି ଏବଂ ଫୁସ୍‌ଫୁସ୍ ପ୍ରବାହ ଇତ୍ୟାଦି ରୋଗରେ ଆକ୍ରାନ୍ତ ଓ ସଂକ୍ରମିତ ହୋଇଥାନ୍ତି। ଏହି ରୋଗମାନେ ଅପପୁଷ୍ଟି ରୋଗସହ ଶିଶୁ ମୃତ୍ୟୁ ହାରର କାରଣ ଅଟନ୍ତି। ଏମାନଙ୍କ ମଧ୍ୟରେ ନିମୋନିଆ ବା ଫୁସ୍‌ଫୁସ୍ ପ୍ରବାହ ରୋଗ ଅତୀବ ସାଂଘାତିକ ଓ ମାରାତ୍ମକ। ଏହା ବିଶେଷକରି ଶିଶୁକୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଆକ୍ରମଣ କରିଥାଏ।

ନିମୋନିଆର ପ୍ରମୁଖ କାରଣ ସବୁ ରହିଛି। ସେଗୁଡ଼ିକ ହେଲା ପୁଷ୍ଟିହୀନତା, ଶୈଶବ ସମୟରେ କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଷଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ନିମୋନିଆ ପୀଡ଼ିତଙ୍କ ପାଇଁ ଘାତକ ହୋଇପାରେ। ସେହିପରି ପରିବାରର ଅନ୍ୟକୌଣସି ଜଣଙ୍କର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ମାନଙ୍କୁ ବିଶେଷକରି ପିଲାମାନଙ୍କୁ ସଂକ୍ରମଣର ବଡ଼ କାରଣ ହୋଇଥାଏ। ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର। ପ୍ରଥମଟି ହେଉଛି 'ବ୍ରୋଙ୍କୋ ନିମୋନିଆ', ଦ୍ୱିତୀୟଟି ହେଉଛି 'ଲୋବାର ନିମୋନିଆ' ଏବଂ ତୃତୀୟଟି ହେଉଛି 'ଇଣ୍ଟରସ୍ଟିସିଆଲ ନିମୋନିଆ'। ବର୍ତ୍ତମାନ ଥଣ୍ଡା ପଡ଼ିଲାଣି, ଶୀତ ଦିନରେ ଯେଉଁମାନଙ୍କର ପୂର୍ବରୁ ନିମୋନିଆ ସମସ୍ୟା ଥାଏ ସେମାନଙ୍କ ପାଇଁ ଏହି ସମୟଟି ଅତ୍ୟନ୍ତ କଷ୍ଟଦାୟକ ସାବ୍ୟସ୍ତ ହୋଇଥାଏ। ପିଲାଙ୍କର ନିମୋନିଆ ସଂକ୍ରମଣର କାରଣ ଗୁଡ଼ିକ ହେଉଛି ଶ୍ୱାସ ଘନ ଘନ ଆସେ, ଜ୍ୱରହୁଏ ଶୀତ ଲାଗେ, ଶୁଖିଲା ଓ କଷ୍ଟଦାୟକ ଶ୍ୱାସ ଓ କାଶ, କଥା କହିବାରେ ବେଳେ ବେଳେ ବାଧା ଆସେ, ଛାତିରେ ଯନ୍ତ୍ରଣା, ଖଁ ଖଁ କାଶ, କଫର ରଙ୍ଗ ଲାଲ, ନାଡି ପ୍ରଥମେ ଦ୍ରୁତ, ପରେ କ୍ଷୀଣ ଓ ଅନିୟମିତ କ୍ଷୁଧା, ମାନ୍ଦା ଜିହ୍ୱା ଶୁଷ୍କ ଓ କଳା ଦେଖାଯାଏ। ପାର୍ଶ୍ୱ ପରିବର୍ତ୍ତନରେ ଅସୁବିଧା ଦ୍ରୁତ ନାଡ଼ୀ ଓ ଗଳା ସୁଡ଼ସୁଡ଼, ଶ୍ଳେଷ୍ମାରେ ରକ୍ତକଣା, ଫୁସ୍‌ଫୁସ୍ ମଧ୍ୟ ରସ ନିଃସରଣ, ବେଳେବେଳେ ଝାଡ଼ା ବା ବାନ୍ତି ଇତ୍ୟାଦିର ଲକ୍ଷଣ ଦେଖାଯାଏ। ଏହାର ପ୍ରଜ୍ୱଳନ ବା ପ୍ରଦାହ ବଡ଼ ଅସହ୍ୟ। ଡାକ୍ତରୀ ବିଦ୍ୟାରେ ନିମୋନିଆ ପାଇଁ କୁହାଯାଇଛି ଯେ - Pheumonia is a disease causing in flammation of the lungs, Phemonitis specially an acute infection, a severe and usually fatal form of particularly occuring infants.

ଚିକିତ୍ସାଶାସ୍ତ୍ର ଅନୁଯାୟୀ ନିମୋନିଆ ପୀଡ଼ିତ ଶିଶୁଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ। ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ। ସମ୍ପ୍ରତି ଦେଖାଯାଉଛି 'ନିମୋକୋକ୍ସ', 'ହିମୋଫିଲ୍ସ', 'ଇନ୍‌ଫ୍ଲୁଏଞ୍ଜି', 'କ୍ଲେବସିଲା', 'ଇ.କୋଲି', 'ସ୍ଥାଫାଇଲୋକୋକସ' ଇତ୍ୟାଦି ପୀଡ଼ିତ ଜଣଙ୍କର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି। ଏ ରୋଗ ସାଧାରଣତଃ ଆମ ଫୁସ୍‌ଫୁସ୍, ଶ୍ୱାସନଳୀ, ଅନ୍ତଃନଳୀ ସଂପର୍କିତ ଏବଂ ବିଭିନ୍ନ ଜୀବାଣୁ, ଭୂତାଣୁ.... ଇତ୍ୟାଦି ସଂକ୍ରମଣ ଦ୍ୱାରା ହୋଇଥାଏ।

ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ। ଏହାକୁ ଚିହ୍ନଟ କରିବା ପାଇଁ ସ୍କେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମଧ୍ୟ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ। ତେବେ ପାକସ୍ଥଳୀ ଶୋଷଣରେ ଫୁସ୍‌ଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ପିଲାଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ପିଲାଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ତାଙ୍କୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ। ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉତ୍ତାପଯୁକ୍ତ ପରିବେଶରେ ରଖାଯାଇଥାଏ। ଏହି ସମୟରେ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମାଧ୍ୟରେ ଖାଦ୍ୟ ପ୍ରଦାନ କରାଯାଇଥାଏ। ଅନ୍ୟ ଏକ କଥା ହେଉଛି ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ବୟସ ସମୟରେ ପ୍ରଦାନ କରାଯାଉଥିବା ଟିକା ଗୁଡ଼ିକୁ ପ୍ରଦାନ କଲେ ସେମାନଙ୍କର ଜୀବନର ପରବର୍ତ୍ତୀ ସମୟରେ ଏହା ନିମୋନିଆ ପାଇଁ ଏକ ପ୍ରତିରୋଧକ ଭାବେ କାର୍ଯ୍ୟ କରିପାରିବ।

ବର୍ତ୍ତମାନ ଶୀତଦିନ, ଶୀତର ପ୍ରକୋପ ମଧ୍ୟ ଦିନକୁ ଦିନ ବଢ଼ିବ। ଶୀତଦିନରେ ପ୍ରାୟତଃ କୁହୁଡ଼ି ଓ ବାହାରର ଧୂଳିକଣିକା ନିମୋନିଆ ରୋଗୀ ମାନଙ୍କ ପାଇଁ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ। ନିମୋନିଆ ରୋଗୀ ମାନଙ୍କ ପାଇଁ ଘରର ପରିବେଶ ଅତ୍ୟନ୍ତ ପରିଷ୍କାର ଓ ପରିଚ୍ଛନ୍ନ ରହିବା ଜରୁରୀ। ସୁଷମ ଖାଦ୍ୟ, ସବୁଜ ପନିପରିବା ସବୁଠାରୁ ଭଲ ଅଭ୍ୟାସ। ନିଜ ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ, ଘରୋଇ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ, ଫାଷ୍ଟଫୁଡ୍ ଓ କୋଲଡ୍ରିଙ୍ଗ ଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଗହଳି, ଧୂଳି ଓ ପ୍ରଦୂଷଣ ହେଉଥିବା ସ୍ଥାନ ମାନଙ୍କୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ମାନସିକ ଭାବେ ନିଜକୁ ଅଧୈର୍ଯ୍ୟ ନକରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିଜ ଖାଦ୍ୟ, ବିଶ୍ରାମ ଓ ଦିନଚର୍ଯ୍ୟା ରଖିଲେ ଦେଖିବେ ନିମୋନିଆ ଆପଣଙ୍କ ପାଇଁ ଆଦୌ ଯନ୍ତ୍ରଣାଦାୟକ ହେବନାହିଁ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

ମହାପ୍ରଭୁଙ୍କ ପୁଣ୍ୟପାବନ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

କାହିଁ ଅନାଦି କାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଭଗବାନ ବଳଭଦ୍ର ଓ ମାଆ ସୁଭଦ୍ରାଙ୍କୁ ଭକ୍ତଜନମାନେ ଚର୍ମ ନେତ୍ରରେ ଦର୍ଶନ କରି ଆସୁଛନ୍ତି। ତେବେ ମହାପ୍ରଭୁଙ୍କ ଏହି ପୁଣ୍ୟ ପାବନ କ୍ଷେତ୍ର ସହିତ ସାଧାରଣରେ ଓଡ଼ିଶାର ଖବରକାଗଜ ବୁଝାଯାଉଥିବା ଶତାୟୁ ଦୈନିକ 'ସମାଜ'ର ଏକ ଭାବପୂର୍ଣ୍ଣ ସମ୍ପର୍କ ରହିଛି। ଆମେ ସମସ୍ତେ ଜାଣିଛେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାନସ ସନ୍ତାନ ହେଉଛି 'ସମାଜ'। ୧୯୨୪ ମସିହା ନଭେମ୍ବର ୨୯ ତାରିଖରେ ଦାସେ ଆପଣେ ବା ପଣ୍ଡିତ ଗୋପବନ୍ଧୁ କାରାଦାଣ୍ଡରୁ ମୁକ୍ତ ହେବା ପରେ ପୁଣି ଥରେ 'ସମାଜ'ର ସମ୍ପାଦନା ଦାୟିତ୍ୱ ନେଇଥିଲେ। ସମାଜର ପ୍ରକାଶକ ଓ ମୁଦ୍ରାକର ଭାବେ ଆଚାର୍ଯ୍ୟ ହରିହର ଦାସ ଦାୟିତ୍ୱ ନିର୍ବାହ କରୁଥାନ୍ତି। ସୂଚନାଥାଉକି ଏହି ସମୟରୁ ହିଁ ଦୈନିକ ସମାଜର ପ୍ରକାଶନ, ମୁଦ୍ରଣ ଓ ସମ୍ପାଦନା ଦାୟିତ୍ୱକୁ ଅଲଗା କରାଯାଇଥିଲା। ସେ ସମୟରେ ପାବନ କ୍ଷେତ୍ର ଶ୍ରୀକ୍ଷେତ୍ରର ପୁରୀରେ ସାଧାରଣ ଜାତୀୟ ଜୀବନ ଏକ ପ୍ରକାର ନିଷ୍କ୍ରିୟ ହୋଇପଡୁଥିବା ଅନୁଭବ କରି ଗୋପବନ୍ଧୁ ଦାସ ମହାପ୍ରଭୁଙ୍କ କ୍ଷେତ୍ର ପୁରୀରେ ଅବସ୍ଥାନ କରିବା ପାଇଁ ନିଷ୍ପତ୍ତି ନେଲେ। ସେ ସମୟଟି ଥିଲା ଇଂରେଜ ଶାସନର ସମୟ। ଦେଶ ମାତୃକାର ପାଇଁ ସଂଗ୍ରାମୀଙ୍କ ସଂଗ୍ରାମର ବାର୍ତ୍ତା ଚାରିଆଡ଼କୁ ବ୍ୟାପ୍ତ ହେଉଥିଲା। ସେ ସମୟରେ ଅର୍ଥାତ୍ ୧୯୨୫ ମସିହା ଜାନୁଆରୀ ୩ ତାରିଖରେ ସତ୍ୟବାଦୀ ଛାପାଖାନା ଯାହାକି ସତ୍ୟବାଦୀ ଠାରେ ଥିଲା ତାହାକୁ ପୁରୀର ଦଇତାପଡ଼ା ସାହି ନିକଟ ପଥୁରିଆ ସାହିକୁ ଅଣାଯାଇଥିଲା। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ସାପ୍ତାହିକ ସମାଜ ଛପା ଯାଉଥିଲା। ସେ ସମୟର ଛପା ବ୍ୟବସ୍ଥାକୁ ଦେଖି ସମାଜ ଡବଲ କ୍ରାଉନ ଆକାରରେ ପ୍ରକାଶିତ ହେଉଥିଲା। ପୁରୀ ଠାରେ ଅବସ୍ଥାନ କରିବା ସମୟରେ ଦାସେ ଆପଣେ ସମାଜ ସହିତ ଏକ ଇଂରାଜୀ ସାପ୍ତାହିକ ପତ୍ରିକା ପ୍ରକାଶ କରିବାକୁ ଚାହୁଁଥିଲେ। ଏହି କାର୍ଯ୍ୟକୁ ପରିଚାଳନାରେ ସହାୟତା କରିବା ପାଇଁ ସତ୍ୟବାଦୀ ବନବିଦ୍ୟାଳୟର ଅଧ୍ୟକ୍ଷ ତଥା ସେ ପୁତ୍ର ପ୍ରତୀମ ସ୍ନେହ ଦେଉଥିବା ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କୁ ନିଜ ପାଖରେ ରଖାଇଥିଲେ। ତେବେ ବିଧିର ବିଧାନ ସମ୍ଭବତଃ ଅଲଗା ଥିଲା। ଗୋପବନ୍ଧୁ ଦାସଙ୍କ ଇଚ୍ଛା ପୂରଣ ହୋଇପାରି ନଥିଲା କାରଣ ୧୯୨୬ ମସିହା ଫେବୃଆରୀ ୧୨ ତାରିଖରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ପରଲୋକ ଘଟିଥିଲା। ପୁତ୍ର ପ୍ରତୀମ ସହକର୍ମୀ କୃପାସିନ୍ଧୁ ମିଶ୍ରଙ୍କ ଅକାଳ ପରଲୋକ ତାଙ୍କୁ ଗଭୀର ଦୁଃଖ ଦେଇଥିଲା।

୧୯୨୪ ମସିହା ଡିସେମ୍ବର ୨୦ ତାରିଖରେ ସାକ୍ଷୀଗୋପାଳ ଠାରେ ସାପ୍ତାହିକ ସମାଜର ଏକ ସ୍ୱତନ୍ତ୍ର ସଂଖ୍ୟା ଛପା ଯାଇଥିଲା। ସତ୍ୟବାଦୀରୁ ପୁରୀର ପଥୁରିଆ ସାହିକୁ ଛାପା କଳ ସ୍ଥାନାନ୍ତର କରାଯିବା କାର୍ଯ୍ୟକ୍ରମ ପାଇଁ ସେ ସମୟରେ ସମାଜର ଗୋଟିଏ ସଂଖ୍ୟାର ଛପା ବନ୍ଦ ରହିଥିଲା। ପଥୁରିଆ ସାହିର ଏକ ପୁରୁଣା କୋଠାଘରେ ଏହି ଛାପାକଳ ଚାଲୁ କରାଯିବାର ବ୍ୟବସ୍ଥା ହୋଇଥିଲା। ସେହି ବର୍ଷ ଜାନୁଆରୀ ୩ ତାରିଖରେ ପୁରୀରୁ ସମାଜର ପ୍ରଥମ ସଂଖ୍ୟା ଛପା ଯାଇଥିଲା। ଏଠାରେ ଗୋଟିଏ ସ୍ମରଣୀୟ କଥାଟି ସହୃଦୟ ପାଠକମାନଙ୍କ ପାଇଁ ଉଲ୍ଲେଖ କରୁଛୁ। ଜାନୁଆରୀ ୧୭ ତାରିଖରେ ସମାଜର ସମ୍ପାଦକୀୟ ଶିରୋନାମାର ଉପରେ ଜାତୀୟ କଂଗ୍ରେସର ପ୍ରତୀକ 'ଚରଖା'ର ଗୋଟିଏ ଛବି ପ୍ରକାଶ ହୋଇଥିଲା ଏବଂ ସେହିଦିନ ପ୍ରଥମଥର ଭାବେ ସମାଜର ବଜାର ଦର ଛପା ହୋଇଥିଲା। ଓଡ଼ିଶାର ଗାଁ ଠୁ ସହର ସବୁଆଡ଼େ ସମାଜକୁ ଲୋକମାନେ ପଢ଼ିବା ପାଇଁ ଆଗ୍ରହ ବଢ଼ାଇବାରୁ ପ୍ରତି ସପ୍ତାହରେ ଦୁଇଥର ଛପାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ସେ ସମୟରେ ଆଜିକାପରି ଡାକ ବିଭାଗ ଅଧିକ ଅଞ୍ଚଳକୁ ଯାଇପାରି ନଥିଲା ତେଣୁ ଗାଁ ଗଣ୍ଡାକୁ ସପ୍ତାହରେ ଥରେ ମାତ୍ର ଡାକ ବିଭାଗର ଚିଠିପତ୍ର ଆଦି ବିତରଣର ସୁବିଧା ଥିବାରୁ ଏହି ପ୍ରସ୍ତାବକୁ ବନ୍ଦ କରାଯାଇଥିଲା। ସମାଜ ଛପା ହେବାର ଆଠ ବର୍ଷ ପୂର୍ତ୍ତିର ଅବସର ସମୟରେ ପ୍ରଥମେ ଏହାର ବାର୍ଷିକ ଗ୍ରାହକ ରାଶି ରହିଥିଲା ୨ଟଙ୍କା ୨୫ ପଇସା। ପରେ ଆଉ ୨୫ ପଇସା ବଢ଼ାଯାଇ ଏହାକୁ ଦୁଇଟଙ୍କା ପଚାଶ ପଇସା କରାଯାଇଥିଲା। ସେ ସମୟରେ ସମାଜର ପ୍ରତି ଖଣ୍ଡର ମୂଲ୍ୟ ଥିଲା ପାଞ୍ଚ ପଇସା। ସମାଜ ସେ ସମୟରେ ଆଠପୃଷ୍ଠାର କଳାଧଳା ଭାବେ ପ୍ରକାଶିତ ହେଉଥିଲା। ଏହାପରେ ୧୯୨୭ ମସିହା ନଭେମ୍ବର ୧୩ ତାରିଖରୁ ସମାଜର ଦ୍ୱିତୀୟ ପୃଷ୍ଠାରେ ସମ୍ପାଦକୀୟ ସ୍ତମ୍ଭ ଆରମ୍ଭ ହୋଇଥିଲା ଏବଂ ଏହାରି ତଳେ ଥିଲା 'ସମ୍ବାଦ' ଓ 'ସଂକେତ' ସ୍ତମ୍ଭ।

୧୯୩୮-୩୯ ମସିହାରେ ବିଶ୍ୱନାଥ ଦାଶ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କରି ସରକାର ବକ୍ସି ବଜାରରେ ଖଣ୍ଡିଏ ଜମି ସମାଜ ପାଇଁ ପ୍ରଦାନ କରିଥିଲେ। ୧୯୩୦ରୁ ଭାରତ ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ ଅର୍ଥାତ୍ ୧୯୪୭ ପର୍ଯ୍ୟନ୍ତ ସମାଜ ଖବର କାଗଜ ଅନେକ ଘାତ ପ୍ରତିଘାତ ଦେଇ ଛପା ଯାଉଥିଲା। ୧୯୨୭ ଜୁନ ୨୮ ତାରିଖରେ ପୁରୀରୁ ସମାଜର ଛାପାଖାନା କଟକ ନିମଚୌଡ଼ି ଛକର ଏକ ଭଡ଼ା ଘରକୁ ଉଠି ଆସିଲା। ୧୯୨୮ ଜୁନ ୧୭ ତାରିଖରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମହାପ୍ରୟାଣ ହୋଇଥିଲା। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶେଷ ଇଚ୍ଛା ପତ୍ର ଅନୁସାରେ ସମାଜ ଓ ସତ୍ୟବାଦୀ ପ୍ରେସ ଲାଲାଜୀଙ୍କ ପରିଚାଳନାରେ ଲୋକ ସେବକ ମଣ୍ଡଳ ଦାୟିତ୍ୱରେ ଟ୍ରଷ୍ଟ ରୂପେ ଦିଆଗଲା। ରାଧାନାଥ ରଥ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ମିଶ୍ର କିଛି କାଳ ସମାଜର ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ ପରେ ପଣ୍ଡିତ ଲିଙ୍ଗରାଜ ଏହାର ସମ୍ପାଦକ ହେଲେ। ଓଡ଼ିଶାରେ ଗାନ୍ଧିଜୀଙ୍କ ସ୍ମରଣୀୟ ଦାଣ୍ଡି ଯାତ୍ରା ସମୟରେ ଅର୍ଥାତ୍ ୧୯୩୦ ମସିହାରେ ସମାଜ ଦୈନିକ ଖବର କାଗଜ ଭାବେ ପ୍ରକାଶ ପାଇଲା। କଟକ ନିମଚୌଡ଼ି ଭଡ଼ାଘରେ ଥିବା ସମାଜ ଛାପାଖାନା ବକ୍ସି ବଜାରର ନୂଆ ଘରକୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିନ ଅର୍ଥାତ୍ ୧୯୫୭ ମସିହା ଜୁଲାଇ ୮ ତାରିଖକୁ ଉଠିଆସିଲା। ପରବର୍ତ୍ତୀ ସମୟରେ ୧୯୬୯ ମସିହାରେ ସମାଜ ପଚାଶ ବର୍ଷରେ ପହଞ୍ଚିବା ପରେ ସେହି ବର୍ଷ ଅକ୍ଟୋବର ୧୪ ତାରିଖରେ ଏକ ମନୋଟାଇପ ମେସିନ ସମାଜ ପାଇଁ କିଣା ଯାଇଥିଲା। ଏହାକୁ ଓଡ଼ିଶା ମୁଦ୍ରଣ ଶିଳ୍ପରେ ଏକ ବଡ଼ ଆଲୋଡ଼ନ ସୃଷ୍ଟି କରିଥିଲା। ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରଲୋକ ପରେ ତାଙ୍କ ପୁତ୍ର ଡାକ୍ତର ବିକ୍ରମ ଦାସ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିଷ୍ଠିତ ନବଭାରତ ପ୍ରେସକୁ ଲୋକ ସେବକ ମଣ୍ଡଳ ହାତରେ ୧୯୬୪ ମସିହା ଅଗଷ୍ଟ ୪ ତାରିଖରେ ଦାନ କରିଦେଇଥିଲେ। ସମାଜ ଏକ ଖବର କାଗଜ ସହିତ ଏକ ବିଶାଳ ଦ୍ରୁମ ସଦୃଶ। ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାସିକ ଛାତ୍ରବୃତ୍ତି ଦାନ ସହ ବନ୍ୟା, ଦୁର୍ଭିକ୍ଷ ପ୍ରପୀଡ଼ିତ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓ ରୋଗୀ ମାନଙ୍କୁ ସାହାଯ୍ୟ ମଧ କରୁଛି।

ଶତାୟୁ ସମାଜର ମୂଳକ୍ଷେତ୍ର ଥିଲା ପଣ୍ଡିତ ଗୋପବନ୍ଧୁଙ୍କ ସାଧନା ପୀଠ ସାକ୍ଷୀଗୋପାଳର ବକୁଳ ବନ। ୧୯୨୪ ମସିହା ଡିସେମ୍ବର ୨୦ ତାରିଖରେ ସାକ୍ଷୀଗୋପାଳ ଠାରେ ସମାଜର ଶେଷ ସଂଖ୍ୟା ଛପା ହୋଇଥିଲା। ସୂଚନାଥାଉକି ୧୯୧୪ ଅକ୍ଟୋବର ୪ ତାରିଖ ଶନିବାର ଦିନ ସ୍ମରଣୀୟ ବିଜୟା ଦଶମୀ ଦଶହରା ଦିନ ସତ୍ୟବାଦୀର ଗୁପ୍ତ ବୃନ୍ଦାବନ ନାମରେ କୁହାଯାଉଥିଲା ଛୁରୀ ଅନା ବକୁଳ ବନର ଏକ ଛୋଟିଆ ଚାଳ ଘର ଭିତରେ ହିଁ କ୍ରାଉନ ଚାରି ପୃଷ୍ଠାର ଛୋଟିଆ ସମ୍ବାଦ ପତ୍ର 'ସମାଜ' ଆତ୍ମ ପ୍ରକାଶ କରିଥିଲା। ପୁରୁଣା ହ୍ୟାଣ୍ଡ ପ୍ରେସରେ ପଣ୍ଡିତ ଗୋପବନ୍ଧୁଙ୍କ ସମ୍ପାଦନାରେ ଏହାର ମୂଲ୍ୟଥିଲା ଏକ ପଇସା। ସେତେବେଳେ ୬୪ ପଇସାରେ ଗୋଟିଏ ଟଙ୍କା ହେଉଥିଲା। ସେ ସମୟରେ ସବୁଆଡ଼େ ପଣ୍ଡିତ ଗୋପବନ୍ଧୁଙ୍କ ସରଳ ଓ ହୃଦୟସ୍ପର୍ଶୀ ଲେଖା ଲୋକମାନଙ୍କ ଭିତରେ ନବଜାଗରଣ ସୃଷ୍ଟି କରିଥିଲା। ପରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏହା ହୋଇଥିଲା ଏକ ପ୍ରକାର ମୁଖପତ୍ର। ସେ ସମୟରେ ସତ୍ୟବାଦୀ ତ୍ରିପାଠୀ ଥିଲେ ସମାଜ ଛପା ଯାଉଥିବା ସତ୍ୟବାଦୀ ପ୍ରେସର ପରିଚାଳକ। ପୁଣ୍ୟାତ୍ମା ଓଡ଼ିଶାର ପ୍ରିୟ ଦାସେ ଆପଣେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଖବର କାଗଜ 'ସମାଜ' ନୈତିକତାର ମୂଳଦୁଆରେ ଦଣ୍ଡାୟମାନ। ଏହାର ସମ୍ବଳ ହେଉଛି ସତ୍ୟନିଷ୍ଠତା, ନିରପେକ୍ଷତା ବିଶ୍ୱସନୀୟତା, ସେବା ଓ ସ୍ୱାଭିମାନ ବି ଏହାର ବଳିଷ୍ଠ ଉତ୍ସ। ଅନ୍ୟାୟ, ଅନୀତି ଆଗରେ ସାଲିସ କରିନି ବରଂ ସ୍ୱର ଉତ୍ତୋଳନ କରିଛି। ସେବାକୁ ବ୍ରତ କରି ଓଡ଼ିଶାର ସର୍ବପ୍ରଥମ ଶତାୟୁ ଖବର କାଗଜ ଭାବେ ଆଜି ୧୦୭ ବର୍ଷ ପୂରଣ କରିଛି ଏହି ଦୈନିକ 'ସମାଜ'। ଏହି ଶତାୟୁ ଅନୁଷ୍ଠାନ ଏହାର ପ୍ରତିଷ୍ଠାତା ଦାସେ ଆପଣେ ଓ ଏହାର କର୍ମକର୍ତ୍ତା ସମସ୍ତଙ୍କୁ ଅଭିନନ୍ଦନ ଓ ପ୍ରଣାମ।

ପ୍ରତିରଦ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି

ପୁଷ୍ପମିତ୍ର ମହାପାତ୍ର

ବର୍ଷକ ବାର ମାସ ଭିତରେ କାର୍ତ୍ତିକ ମାସ ହେଉଛି ପୁଣ୍ୟ ମାସ। ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରା ତ୍ୟାଗ କରି ଜାଗ୍ରତ ହୋଇଥାନ୍ତି। ଏହା ଶୁଭ ସମୟ। ପୌରାଣିକ କଥା ଅନୁସାରେ କାର୍ତ୍ତିକ ମାସରେ ଉଭୟ ହରି ଓ ହର ପୃଥିବୀରେ ପ୍ରକଟ ହୋଇଥିଲେ। ତେଣୁ କାର୍ତ୍ତିକ ଏକ ଦେବମାସ ବା ଧର୍ମ ମାସ। ଏହି ମାସରେ ଦୀପାବଳି ଠାରୁ ତୁଳସୀ ବିବାହ, ବଡ଼ଓଷା ଆଦି ବିଭିନ୍ନ ପର୍ବ ରହିଛି। ସ୍ନାନ, ଦାନ, ପୂଜାର୍ଚ୍ଚନା ପାଇଁ ଏହି ମାସ ଶ୍ରେଷ୍ଠ। 'ସ୍କନ୍ଦ ପୁରାଣ'ରେ ଉଲ୍ଲେଖ ରହିଛି 'ମାସାନାଂ କାର୍ତ୍ତିକଃ ଶ୍ରେଷ୍ଠୋ ଦେବାନାଂ ମଧୁସୂଦନଃ, ତୀର୍ଥଂ ନାରାୟଣାଖ୍ୟଂ ହି ତ୍ରିତ୍ରୟଂ ଦୁର୍ଲଭଂ କଲୌ।' ଅର୍ଥାତ୍ ଭଗବାନ ବିଷ୍ଣୁ ଏବଂ ବିଷ୍ଣୁ ତୀର୍ଥଙ୍କର ପରି କାର୍ତ୍ତିକ ମାସ ଶ୍ରେଷ୍ଠ ତଥା ଦୁର୍ଲ୍ଲଭ ହୋଇଥାଏ। କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଭକ୍ତି ତଥା ନାରାୟଣ ତୀର୍ଥ - ଏ ତିନିଟି କଳିଯୁଗରେ ଏକତ୍ର ମିଳିବା ଅତ୍ୟନ୍ତ ଦୁର୍ଲ୍ଲଭ। କଥାରେ ଅଛି କାର୍ତ୍ତିକ ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗନାହିଁ, ବେଦ ପରି ଶାସ୍ତ୍ର ନାହିଁ, ଗଙ୍ଗା ପରି ତୀର୍ଥ ନାହିଁ। ଦ୍ୱାଦଶ ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ଅତିପ୍ରିୟ। କୃତ୍ତିକା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚାନ୍ଦ୍ର ମାସକୁ କାର୍ତ୍ତିକ ମାସ କୁହାଯାଏ। ବିଷ୍ଣୁ ସହସ୍ର ନାମରେ କାର୍ତ୍ତିକ ମାସ ଉଲ୍ଲେଖ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରାଇଦାମୋଦର ବା ରାଧା ଦାମୋଦର ବେଶ ଶ୍ରଦ୍ଧାଳୁଙ୍କ ପାଇଁ ବହୁ ପ୍ରତିକ୍ଷୀତ। ବିଜୟା ଦଶମୀ ପରେ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥଙ୍କର ଏହି ବେଶ ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ଶୁକ୍ଳ ପକ୍ଷ ଏକାଦଶୀ ତିଥି ଠାରୁ ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥାଏ କାର୍ତ୍ତିକ ମାସ ବାଳଧୂପ ନୀତି। ରତ୍ନସିଂହାସନରେ ରାଧା ଦାମୋଦର ବେଶରେ ମହାପ୍ରଭୁ ଦର୍ଶନ ଦେଇଥାନ୍ତି। କାର୍ତ୍ତିକ ମାସ ପାଇଁ ସ୍ୱତନ୍ତ୍ର ରୀତିନୀତି ରହିଛି। ଦରଫିଟା ମଙ୍ଗଳ ଆରତୀ ପରେ ସୁନାବେଶ ଆଦି ହୋଇଥାଏ। ଏହା ସହିତ ମଙ୍ଗଳ ଆରତୀ, ମଇଲମ, ତଡ଼ପଲାଗି, ଅବକାଶ ନୀତି ନିର୍ବାହ ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କ ରାଧା ଦାମୋଦର ବେଶ କରିଥାନ୍ତି। ଏହି ବେଶ ସକାଳେ ହୋଇଥାଏ। କାର୍ତ୍ତିକ ମାସର ଅନେକ ବିଶେଷତ୍ୱ ହେଉଛି ବାଳଧୂପ। ଏହି ମାସରେ ମହାପ୍ରଭୁଙ୍କ ନିକଟରେ ସକାଳୁ ଧୂପ ବଢ଼ିବା ପରେ ବାଳଧୂପ ହୋଇଥାଏ। ବାଳଧୂପ ବଢ଼ିବା ପରେ ରାଧାଦାମୋଦର ବେଶ ଲାଗି କରାଯାଏ। ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତିଦିନ ବାଳଧୂପ ହୋଇଥାଏ। କିନ୍ତୁ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ହୋଇଥାଏ। ବାଳଧୂପରେ ବିଭିନ୍ନ ପ୍ରକାର ପାଚିଲା ଫଳ, ଖଇ ଆଦି ପଞ୍ଚୋପଚାର ବିଧିରେ ଅର୍ପଣ ହୋଇଥାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସମସ୍ତ ପଞ୍ଚୋପଚାର ପୂଜା ସିଂହାସନ ତଳେ ପୂଜାପଣ୍ଡାମାନେ କରୁଥିବାବେଳେ ବାଳଧୂପରେ ରତ୍ନସିଂହାସନ ଉପରେ ପୂଜା ପଣ୍ଡାମାନେ ପଞ୍ଚୋପଚାର ପୂଜା କରିଥାନ୍ତି।

ସେହିପରି ଶ୍ରୀମନ୍ଦିରରେ ବିଜୟା ଦଶମୀ ନୀତି ଅନୁଷ୍ଠିତ ହୋଇଥାଏ। ଅବକାଶ ନୀତି ପରେ ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହଙ୍କ ସୁନାବେଶ ହୋଇଥାଏ ଏହାପରେ ତିନି ବାଡ଼ରେ ଚନ୍ଦନ ଲାଗି କରାଯାଏ। ନୂଆଲୁଗା ଲାଗି ସାରିବା ପରେ ଶ୍ରୀଜୀଉଙ୍କ ସୁନାବେଶ ହୋଇଥାଏ। ଏହି ବେଶରେ ଆୟୁଧମାନ ସହିତ ଶ୍ରୀଜୀଉଙ୍କ ଦର୍ଶନ ଅତିବ ଆକର୍ଷଣୀୟ ହୋଇଥାଏ। ପରମ୍ପରା ରହିଛି ସକାଳ ଧୂପ ପରେ ଆୟୁଧ ମାନଙ୍କ ମହାସ୍ନାନ ପରେ ବରୁଣ ପୂଜା ଅନୁଷ୍ଠିତ ହୋଇଥାଏ। ତିନିଗୋଟି ରୂପା ଥାଳିରେ ଆୟୁଧମାନ ରଖାଯାଇ ଘଣ୍ଟ, ଛତା, କାହାଳୀ ସହ ତିନିଥର ମନ୍ଦିର ପରିକ୍ରମା କରାଇ ସିଂହାସନକୁ ବିଜେ କଲାପରେ ତିନି ବାଡ଼ରେ ଆୟୁଧ ଲାଗି ହୋଇଥାଏ। ଜଗନ୍ନାଥ ବଲ୍ଲଭ ମଠକୁ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ରାମ ଓ କୃଷ୍ଣ ବୀରବେଶରେ ସିଜ ହୋଇ ଯାଇଥାନ୍ତି। ଠାକୁରମାନେ ବୀରତ୍ୱର ପ୍ରତୀକ ସ୍ୱରୂପ ବୀର ବେଶ ଧାରଣ କରି ଜଗନ୍ନାଥ ବଲ୍ଲଭ ମଠ ସନ୍ନିକଟ ଦଶହରାପଦାକୁ ଦୁର୍ଗାମାଧବଙ୍କ ସହିତ ଯାଇଥାନ୍ତି। ସେଠାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତୀମାଙ୍କ ନୀତି ସମାପନ ପରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ ହୋଇଥାଏ।

ଶ୍ରୀମନ୍ଦିରରେ ଧର୍ମମାସ କାର୍ତ୍ତିକର ସ୍ଥାନ ସ୍ୱତନ୍ତ୍ର। ଭବସମୁଦ୍ର ତଥା ପାପ ପଙ୍କରୁ ତାରଣ ପାଇବା ପାଇଁ ମହାପ୍ରଭୁଙ୍କ ଏହି ପୁଣ୍ୟ ପାବନ କ୍ଷେତ୍ରରେ ଶ୍ରଦ୍ଧାଳୁମାନେ ଅତି ନିଷ୍ଠାର ସହିତ କାର୍ତ୍ତିକ ବ୍ରତ ପାଳନ କରି ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଅଶେଷ କୃପା ପାଇଥାନ୍ତି। ପୌରାଣିକ କଥାବସ୍ତୁ ଅନୁସାରେ ସ୍ୱୟଂ ଜଗନ୍ନାଥଙ୍କ ଆଜ୍ଞାକ୍ରମେ ହର ହର ମହାଦେବ ଶିବ ଏହି ମହାନ ବ୍ରତ ଅନୁଷ୍ଠାନ କରିଥିଲେ। କାର୍ତ୍ତିକ ମାସ ତମାମ ଶ୍ରୀମନ୍ଦିରର ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କର ନାନା ଆକର୍ଷଣୀୟ ବେଶ ଅନୁଷ୍ଠିତ ହୋଇଥାଏ। ସେଗୁଡ଼ିକ ଭିତରୁ ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ା ବେଶ, ଲକ୍ଷ୍ମୀ ନୃସିଂହ ବେଶ, ତ୍ରିବିକ୍ରମ ବେଶ ଓ କାର୍ତ୍ତିକ ପୂର୍ଣ୍ଣିମାରେ ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ଦ୍ୱାଦଶୀ ତିଥିରେ ପରମ୍ପରା ରହିଛି ଏହି ଦିନ ଶ୍ରୀମନ୍ଦିରରେ ଗରୁଡ଼ ଉତ୍ଥାପନ ନୀତି ଅନୁଷ୍ଠିତ ହୋଇଥାଏ। ପୁଣ୍ୟ ମାସ କାର୍ତ୍ତିକରେ ମହାପ୍ରଭୁଙ୍କ ଦର୍ଶନ କରି, ଦାନ, ଧର୍ମ ସହିତ ଆନନ୍ଦ ବଜାରରେ ମହାପ୍ରସାଦ ଟିକିଏ ପାଇଲେ ଅନନ୍ତ କାଳ ପର୍ଯ୍ୟନ୍ତ ସମସ୍ତ ପାପରୁ ଏ ଜୀବ ମୁକ୍ତ ହୋଇ ବିଷ୍ଣୁଲୋକ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,

ଗାଈ ଖାଉଛନ୍ତି ଛତୁଆ

ସୁକିନ୍ଦା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ଗର୍ଭବତୀ, ପ୍ରସୂତି ମହିଳା ଏବଂ କୋମଳମତି ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ଶୁଖୁଲା ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ମାତ୍ର ଯାଜପୁର ଜିଲାରେ ଏହି ସମ୍ବେଦନଶୀଳ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଯୋଗୁଁ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପୂର୍ଣ୍ଣ ଦିଗହରା ହୋଇପଡ଼ିଛି । ସମନ୍ୱିତ ଶିଶୁ ବିକାଶ ଯୋଜନା ଜରିଆରେ ହିତାଧିକାରୀଙ୍କୁ ଦିଆଯାଉଥିବା ଖାଦ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିଲେ ମଧ୍ୟ କେବେ କୌଣସି ସ୍ଥାନରେ ଖାଦ୍ୟ ଯାଞ୍ଚ କିମ୍ବା ଯୋଗାଣକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହେଉଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ସଚିବ ମୃଣାଳୀ ଦର୍ଶଓ୍ୱାଲ ଜିଲା ଗସ୍ତରେ ଆସିଥିବାବେଳେ ଗତ ୬ ତାରିଖରେ ସୁକିନ୍ଦା ବ୍ଲକ କାଳିଆପାଣି ଅଞ୍ଚଳରେ ଅତ୍ୟନ୍ତ ନିମ୍ନମାନର ଛତୁଆ ବଣ୍ଟାଯାଉଥିବା ଜାଣିବା ପରେ କ୍ଷୋଭ ପ୍ରକାଶ କରିଥିଲେ। କେବଳ ଗୁଣବତ୍ତା ନୁହେଁ, ବରଂ ଯୋଗାଣ ହେଉଥିବା ଖାଦ୍ୟର ଓଜନରେ ମଧ୍ୟ ବ୍ୟାପକ ଚଞ୍ଚକତା କରାଯାଉଥିବା ଜଣାପଡ଼ିଥିଲା। ଛତୁଆ, ଅଣ୍ଡା ଓ ଅନ୍ୟାନ୍ୟ ପୁଷ୍ଟିକର ସାମଗ୍ରୀ ହିତାଧିକାରୀଙ୍କୁ ନିୟମିତ ଦିଆଯାଉ ନଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ସୁକିନ୍ଦା ବ୍ଲକ ପରି ଜିଲାର ପ୍ରାୟ ସମସ୍ତ ବ୍ଲକରେ ଆଜି ସମାନ ପ୍ରକାରର ସ୍ଥିତି । ତେଣୁ ଶିଶୁ ଓ ମାଆଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ତୁରନ୍ତ ସମସ୍ତ ବ୍ଲକର ଯୋଗାଣ ସଂସ୍ଥା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।

ଆଇନଶୃଙ୍ଖଳା ନସୁଧାରିଲେ ରାଜରାସ୍ତାକୁ ଓହ୍ଲାଇବୁ : ବିଜେଡି

ଭବାନୀପାଟଣା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା କୋକସରା ଥାନା ବେହେରା ଅଞ୍ଚଳରେ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଠାବ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ବିଜେଡି ଦାବି କରିଛି। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ କଳାହାଣ୍ଡି ଯୁବ ବିଜେଡି ସଭାପତି ଇମେଲ ମାଧ୍ୟମରେ ଦାବି କରିଛନ୍ତି । ଏଥିସହ ଗୃହମନ୍ତ୍ରୀ ଭାବେ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଧ୍ୟାନ ଦେବାକୁ ଦାବି ବିଜେଡି ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ କିଛିଦିନ ତଳେ କୋକସରା ଥାନାର ବେହେରା ନିକଟରେ ଏକ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଥିଲା।

ଯୁବକଙ୍କ ମୃତଦେହରେ ଅନେକ କ୍ଷତ ଚିହ୍ନ ଥିବା ସହ ହାତ ବନ୍ଧାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ । ଏହାକୁ ଆତ୍ମହତ୍ୟା ଜନିତ ମୃତ୍ୟୁ ବୋଲି ପ୍ରାଥମିକ ଶବ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା ସୂଚନା ଦେଇଥିଲେ। ଏଥିରେ କିନ୍ତୁ ମୃତ ଯୁବକଙ୍କ ପରିବାର ଲୋକେ ସନ୍ତୁଷ୍ଟ ନୁହନ୍ତି । ଏହି ଘଟଣାକୁ କେନ୍ଦ୍ର କରି ନାନା ଚର୍ଚ୍ଚା ହେଉଛି। ଏହାକୁ କେନ୍ଦ୍ର କରି କଳାହାଣ୍ଡି ଯୁବ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହେଇଛି। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରି ଜିଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର ମୁଖ୍ୟମନ୍ତ୍ରୀଙ୍କୁ ଇମେଲ କରିଛନ୍ତି।

ଜିଲାରେ ସଂପ୍ରତି ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥି ?ବା ଶ୍ରୀ ଠାକୁର କହିଛନ୍ତି। ନିକଟରେ ଲଡୁଗାଁ ନିକଟରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୁଣ୍ଡ ଗଣ୍ଡି ଅଲଗା କରି ପୁଣି ମୁଣ୍ଡକୁ ଫାଳ ଫାଳ କରାଯାଇଛି। ଏଥିରୁ ହତ୍ୟାକାରୀମାନେ କେତେ ନୃଶଂସ ତାହା ସ୍ପଷ୍ଟ ହେଉଛି। ଅଥଚ ଘଟଣାର ଏତେ ଦିନ ପରେ ମଧ୍ୟ ପୁଲିସ ହାତ ଖାଲି। ସେହିଭଳି ଜିଲାରେ ସଟ୍ଟା ର ପ୍ରାଦୁର୍ଭାବ ବଢ଼ିଛି। ବିଭିନ୍ନ ଅଞ୍ଚଳରେ ଅନେକ କିଶୋର, ଯୁବ ପିଢ଼ିଙ୍କୁ ନିଶା ଗ୍ରାସ କଲାଣି। ଜିଲାରେ ଅପରାଧ ରେକର୍ଡ ବୃଦ୍ଧି ପାଉଛି। ଦୁଷ୍କର୍ମ, ଚୋରି, ଡକାୟତି, ହତ୍ୟା ସଂଖ୍ୟା ବଢୁଛି। ହେଲେ ସେଇ ପରିମାଣରେ ପୁଲିସ ନା ସଫଳତା ମିଳୁଛି, ନା ଅପରାଧ ସଂଖ୍ୟା କମୁଛି। କ୍ୱଚିତ୍ ଚୋର ବା ଡକାୟତ ଧରା ପଡ଼ିଲେ, ସେମାନେ ଯେତିକି ଚୋରି କରିଥିବା ସ୍ୱୀକାର କରୁଛନ୍ତି, ପୁଲିସ ସେଥିରେ ସନ୍ତୁଷ୍ଟ ହୋଇ ମାମଲାକୁ ସେତିକିରେ ଫୈସଲା କରିଦେଉଛି। ସିନ୍ଧେକେଲା ପୁଲିସ କଲ୍ୟାଣସିଂପୁର ଯାଇ, ଚୋରଙ୍କ ଘର କାନ୍ଥ ଖୋଲି, ଖପର ଉପରୁ, ଗଛ କୋରଡ଼ରୁ, ମାଟି ଖୋଳି ଚୋରି ସାମଗ୍ରୀ ଠାବ କରିଛି। ହେଲେ ସେହି ତୁଳନାରେ କଳାହାଣ୍ଡି ପୁଲିସକୁ ସେତେଟା ସଫଳତା ମିଳୁନି। ବେଳେବେଳେ ଜିଲାରେ ପୁଲିସ ଅପେକ୍ଷା ଅପରାଧୀ ଅଧିକ ସକ୍ରିୟ ଥିବା ଅନୁଭବ ହେଉଛି ବୋଲି ଶ୍ରୀ ଠାକୁର ପ୍ରତିକ୍ରିୟା ଦେଇଛନ୍ତି। ଏଣୁ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଯୁବ ବିଜେଡି ସଭାପତି ଶ୍ରୀ ଅବିନାଶ ଠାକୁର ଦାବି କରିଛନ୍ତି। ନଚେତ୍ ଖୁବଶୀଘ୍ର ଆମେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଶ୍ରୀ ଠାକୁର ପ୍ରକାଶ କରିଛନ୍ତି ।

ଗୋପାଳଜୀଉଙ୍କ ମନ୍ଦିରରେ ଦକ୍ଷିଣ କାଳୀଙ୍କ ପୂଜା

ବଲାଙ୍ଗିର, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ବଲାଙ୍ଗୀରର ଆରାଧ୍ୟ ଦେବୀ ମା' ପାଟଣେଶ୍ୱରୀଙ୍କ ପୀଠକୁ ନେଇ ଗତ କିଛିଦିନ ଧରି ଚାଲିଥିବା ବିବାଦ ମଧ୍ୟରେ ଗୋପାଳଜୀ ମନ୍ଦିର ପରିସରରେ ଦକ୍ଷିଣ କାଳୀ ପୂଜା ଆରମ୍ଭ ହୋଇଛି। ମା' ପାଟଣେଶ୍ୱରୀଙ୍କ ବିଗ୍ରହ ପ୍ରତିଷ୍ଠା ଓ ପୂଜାପାଠକୁ ନେଇ ଉପୁଜିଥିବା ବିବାଦ ପରେ ଏହି ପୂଜା ଆୟୋଜନକୁ ନେଇ ଏବେ ସହରରେ ବିଭିନ୍ନ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ, ପାଟଣେଶ୍ୱରୀ ମନ୍ଦିରର ପୂଜକ ମହେନ୍ଦ୍ର କୁମାର ଦିଶ୍ରୀଙ୍କୁ ପୂଜାକାର୍ଯ୍ୟରୁ ବାଦ୍ ଦିଆଯିବା ପରେ ଦେବୋତ୍ତର ବିଭାଗ ପକ୍ଷରୁ ତାଙ୍କୁ ଗୋପାଳଜୀ ମନ୍ଦିରରେ ପୂଜାକାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇଥିବା କୁହାଯାଉଛି। ଏହାପରେ ଗୋପାଳଜୀ ମନ୍ଦିର ପରିସରରେ ମା' ପାଟଣେଶ୍ୱରୀଙ୍କ ଫଟୋଚିତ୍ର ସ୍ଥାପନ କରାଯାଇ ଦକ୍ଷିଣ କାଳୀ ପୂଜା ଆରମ୍ଭ ହୋଇଛି। ତେବେ ଏଠାରେ ଏକ ବଡ଼ ପ୍ରଶ୍ନ ଉଠୁଛି। ଯେଉଁମାନେ ପୂର୍ବରୁ ପାଟଣେଶ୍ୱରୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠାକୁ ନେଇ ଆପତ୍ତି ଉଠାଇଥିଲେ, ସେମାନେ ଏବେ ଗୋପାଳଜୀ ମନ୍ଦିରରେ ମା'ଙ୍କ ଫଟୋଚିତ୍ର ସ୍ଥାପନ କରି ପୂଜା କରୁଥିବା ଘଟଣାକୁ କିପରି ଦେଖାଯିବ ? ଏହାକୁ ନେଇ ଦେବୋତ୍ତର ବିଭାଗ କ'ଣ ମତ ରଖିବ, ତାହା ଏବେ ଆଲୋଚନାର ବିଷୟ ପାଲଟିଛି। ଏହି ପ୍ରସଙ୍ଗରେ ଜନସାଧାରଣଙ୍କ ମଧ୍ୟରେ ମଧ୍ୟ ବିଭିନ୍ନ ମତ ପ୍ରକାଶ ପାଉଛି। ତେବେ ମା'ଙ୍କ ପୂଜା ଓ ଧାର୍ମିକ ଭାବନାକୁ କୌଣସି ପରିସ୍ଥିତିରେ ବାଧାପ୍ରାପ୍ତ କରାଯିବା ଉଚିତ୍ ନୁହେଁ ବୋଲି ଅନେକ ଶ୍ରଦ୍ଧାଳୁ ମତ ରଖିଛନ୍ତି।

ବିଧାୟକଙ୍କ ଜନ୍ମଦିନ ପାଳିତ

ବରୀ, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକଙ୍କ ଜନ୍ମଦିନକୁ ନେଇ ଆଜି ବରୀ ଅଞ୍ଚଳରେ ଦେଖିବାକୁ ମିଳିଛି ଉତ୍ସାହ ଓ ଉଦ୍ଦୀପନା। ଜନ୍ମଦିନ ଅବସରରେ ବିଧାୟକଙ୍କ ବାସଭବନରେ ଏକାଠି ହୋଇଥିଲେ ବହୁ ଦଳୀୟ ନେତା, କର୍ମୀ ଓ ଶୁଭେଚ୍ଛୁ। ବିଧାୟକ ନିଜ ବାସଭବନରେ ପହଞ୍ଚିବା ମାତ୍ରେ ଦଳୀୟ କର୍ମୀମାନେ ତାଙ୍କୁ ଉତ୍ତରୀୟ ପ୍ରଦାନ ସହ ପୁଷ୍ପମାଲ୍ୟ ଦେଇ ଭବ୍ୟ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ଏହା ସହ ଜନ୍ମଦିନର ଶୁଭକାମନା ଜଣାଇ ବିଧାୟକଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ। କେବଳ ଜନ୍ମଦିନ ପାଳନରେ ସୀମିତ ରହିନଥିଲା ଆଜିର ଏହି କାର୍ଯ୍ୟକ୍ରମ। ଏହି ଅବସରରେ ବିଧାୟକ ନିଜର ଏମଏଲଏ ଲ୍ୟାଡ୍ ପାଣ୍ଠିରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହା ଦ୍ୱାରା ଅଞ୍ଚଳର ବିକାଶମୂଳକ କାର୍ଯ୍ୟକୁ ଆହୁରି ଗତି ମିଳିବ ବୋଲି ଆଶା ପ୍ରକାଶ ପାଇଛି।

ହାତରେ ବାଣ ଫୁଟି ନାବାଳକ ଗୁରୁତର

ସୋର, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ସୋର ଥାନା ସରଶଙ୍ଖ ଗ୍ରାମରେ ଆଜି ସନ୍ଧ୍ୟାରେ ବାଣ ଫୁଟାଉ ଥିବା ବେଳେ ଜଣେ ନାବାଳକ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ନୀଳଗିରି ଥାନା ସନ୍ତରାଗଡିଆ ଗ୍ରାମର ଦିବ୍ୟରଞ୍ଜନ ସ ତାଙ୍କ ମାମୁଁ ଘର ସରଶଙ୍ଖ ଗ୍ରାମରେ ରହୁଛନ୍ତି। ଆଜି ସନ୍ଧ୍ୟାରେ ବାଣ ଫୁଟାଉଥିବା ବେଳେ ବାମ ହାତରେ ବାଣ ଫୁଟିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

ମାଦକ ଦ୍ରବ୍ୟର ହବ୍ ପାଲଟିଛି ଧାମନଗର ଅଞ୍ଚଳ

ଧାମନଗର, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ଯେଉଁ ବୟସରେ ହାତରେ ବହି ଓ ଆଖିରେ ଭବିଷ୍ୟତର ସ୍ୱପ୍ନ ରହିବା କଥା, ସେହି ବୟସରେ ନିଶାର କବଳରେ ପଡୁଛନ୍ତି କିଶୋର। ଧାମନଗର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରୀକରଣ ହେଉଥିବା ଅଞ୍ଚଳରେ ନିଶାଦ୍ରବ୍ୟର ପ୍ରସାରକୁ ନେଇ ଚିନ୍ତା ବଢ଼ିଛି। ବ୍ରାଉନସୁଗାର, କଫ୍‌ସିରପ୍ ଓ ଦେଶୀ ବିଦେଶୀ ମଦ ଭଳି ନିଶାଦ୍ରବ୍ୟର କବଳରେ ଯୁବପିଢ଼ି ପଡୁଥିବା ନେଇ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ୧୪ ରୁ ୨୨ ବର୍ଷ ବୟସର କିଶୋର ଓ ଯୁବକଙ୍କ ମଧ୍ୟରେ ନିଶାସେବନର ପ୍ରବଣତା ବଢୁଥିବା ନେଇ ସୂଚନା ମିଳୁଛି। ନିଶାସେବନ ଆରମ୍ଭର ବୟସ ହାରାହାରି ୧୪ ବର୍ଷ ବୋଲି କୁହାଯାଉଥିବା ତଥ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ। ଏହା ଯଦି ସତ୍ୟ ହୁଏ, ତେବେ ଧାମନଗରର ଆଗାମୀ ପିଢ଼ି ପାଇଁ ଏହା ଏକ ବଡ଼ ସତର୍କଘଣ୍ଟି। ବେକାରୀ, ସାଙ୍ଗସାଥୀଙ୍କ କୁପ୍ରଭାବ, ପାରିବାରିକ ଅବହେଳା ଏବଂ ନିଶାଦ୍ରବ୍ୟର ସହଜ ଉପଲବ୍ଧତା ଯୁବପିଢ଼ିଙ୍କୁ ନିଶା ଆଡ଼କୁ ଟାଣୁଥିବା ଆଶଙ୍କା କରାଯାଉଛି। ନିଶାସେବନ ଯୋଗୁଁ ଯୁବକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ପ୍ରଭାବିତ ହେବା ସହ

ବ୍ରାଉନସୁଗର ଓ କଫ୍‌ସିରପ କବଳରେ ଯୁବପିଢ଼ି

ପରିବାରରେ ଆର୍ଥିକ ସଙ୍କଟ ଓ ଅଶାନ୍ତି ସୃଷ୍ଟି ହେଉଛି। ଏଥିସହ ରାସ୍ତା ଦୁର୍ଘଟଣାରେ ଧନ ଜୀବନ କ୍ଷତି ହେଉଛି। ଏହାର ସାମାଜିକ ପ୍ରଭାବକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। ନିଶା କାରବାର ରୋକିବାକୁ କେବଳ ଛୋଟମୋଟ ବେପାରୀଙ୍କୁ ଧରିଲେ ହେବ ନାହିଁ। ଏହା ପଛରେ ଥିବା ମୁଖ୍ୟ ଯୋଗାଣକାରୀ ଓ ବେଆଇନ କାରବାରର ନେଟ୍‌ୱର୍କକୁ ଠାବ କରିବା ଆବଶ୍ୟକ। ଧାମନଗର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ, କଡ଼ା ନଜରଦାରି ଓ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହାକୁ ଅଧିକ ଜୋରଦାର କରିବାର ଆବଶ୍ୟକ ଜରୁରୀ। ଅନ୍ୟପକ୍ଷରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ପଞ୍ଚାୟତ ସ୍ତରରେ ନିଶା ବିରୋଧୀ ସଚେତନତା ଅଭିଯାନ ସହ ନିଶାସକ୍ତଙ୍କ ଚିକିତ୍ସା ଓ ପୁନର୍ବାସ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ। ଯୁବପିଢ଼ିଙ୍କୁ ନିଶାରୁ ଦୂରେଇ ରଖିବା କେବଳ ପ୍ରଶାସନର ନୁହେଁ, ସମଗ୍ର ସମାଜର ଦାୟିତ୍ୱ। ଧାମନଗରରେ ନିଶାର ବିଷ ବଳୟକୁ ଭାଙ୍ଗିବାକୁ ପ୍ରଶାସନ କେବେ ଠୋସ୍ ପଦକ୍ଷେପ ନେବ? ଯୁବପିଢ଼ିଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବାକୁ ଆଉ କେତେଦିନ ଅପେକ୍ଷା କରିବାକୁ ପଡ଼ିବ ? ଏବେ ଏହା ଧାମନଗରବାସୀଙ୍କ ପାଇଁ ଏକ ବଡ଼ ପ୍ରଶ୍ନ।



କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ପକ୍ଷରୁ ସହାୟତା

କେନ୍ଦ୍ରାପଡ଼ା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ଅସହାୟ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଡେରାବିଶ ବ୍ଲକ ଅଧିନ ପଲେଇ ଅସହାୟ ମହିଳା ରଶ୍ମିତା ସାମଲଙ୍କୁ ଟ୧୦,୦୦,୦୦୦/-ଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ରଶ୍ମିତା ଏବଂ ତାଙ୍କ ତାଙ୍କ ସ୍ୱାମୀ ଉତ୍ତମ ଚନ୍ଦ୍ର ସାମଲ ମୂଲଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। ଏକ ବିଷଧର ସର୍ପ କାମୁଡିବାରୁ ଉତ୍ତମଙ୍କ ମୃତ୍ୟୁ ହୋଇଯାଇଥିଲା। ଫଳରେ ରଶ୍ମିତା ସମ୍ପୂର୍ଣ୍ଣ ଅସହାୟ ହୋଇପଡିଥିଲେ। ରଶ୍ମିତା ତାଙ୍କର ଦୁଃଖ ସମ୍ପର୍କରେ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କୁ ଭେଟି ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିବେଦନ କରିଥିଲେ। ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ରଶ୍ମିତାଙ୍କ ପଲେଇସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ୧୦ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି। ଏହି ସମୟରେ ବ୍ୟାଙ୍କ ନିର୍ଦ୍ଦେଶକ ବିଧୁଭୂଷଣ ମହାପାତ୍ର, ସହକାରୀ ମ୍ୟାନେଜର ଭଞ୍ଜକିଶୋର ଜେନା ଓ ଡ୍ରାଇଭର ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଯୁବକଙ୍କ ଆତ୍ମହତ୍ୟା

ସୋର, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ସୋର ଥାନା ମଧୁସୂଦନପୁର ପଞ୍ଚାୟତ ମଧୁସୂଦନପୁର ଗ୍ରାମର ବେକରେ ଶାଢ଼ୀ ବାନ୍ଧି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ଅନୁସାରେ ଏହି ଗ୍ରାମର ମନୋରଞ୍ଜନ ବାରିକ (୨୨) ମାର୍ଶାଘାଇ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଯୁବତୀ ଜଣଙ୍କ ତାଙ୍କ ବାପା ଘରକୁ ଯାଇ ଆଉ ଫେରି ନଥିଲେ। ଫଳରେ ମନୋରଞ୍ଜନ ମାନସିକ ଚିନ୍ତାରେ ରହୁଥିଲେ। ଆଜି ସକାଳେ ମନୋରଞ୍ଜନ ମାନସିକ ଭାରସାମ୍ୟ ହରାଇ ବେକରେ ଶାଢ଼ୀ ବାନ୍ଧି ଶୋଇବା ଘର ଫ୍ୟାନରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଏହା ଜାଣିପାରି ଘର କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ ୮୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

ବିଦ୍ୟୁତ ଆଘାତରେ ନୃତ୍ୟ କଳାକାର ଗୁରୁତର

ସୋର, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ସୋର ଥାନା ମାଣିପୁର ଗ୍ରାମରେ ନୃତ୍ୟ ପରିବେଷଣ କରୁଥିବା ସମୟରେ ବିଦ୍ୟୁତ ଆଘାତରେ ଜଣେ ନୃତ୍ୟ କଳାକର ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଗୋପାଳପୁର ଥାନା ତାଳପଦା ଗ୍ରାମର ବିକାଶ ଚନ୍ଦ୍ର ଗୋଚ୍ଛାୟତ ଜଣେ ନୃତ୍ୟ କଳାକାର ଭାବେ ଯାତ୍ରାରେ ନୃତ୍ୟ ପରିବେଷଣ କରିବା ସହିତ ନିଜର ଏକ ନୃତ୍ୟ ଶିକ୍ଷା ଅନୁଷ୍ଠାନ କରିଛନ୍ତି। ଗତକାଲି ରାତିରେ ମାଣିପୁର ଠାରେ ଅୟୋଜିତ ଗାଁ ଯାତ୍ରାରେ ସେ ତାଙ୍କ ସହଯୋଗୀଙ୍କ ସହ ନୃତ୍ୟ ପରିବେଷଣ କରୁଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ପାରାଦୀପ ପୋର୍ଟ ଡିଏଲଆର କର୍ମଚାରୀଙ୍କ ବନ୍ଧୁମିଳନ



ପାରାଦୀପ, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ପାରାଦୀପ ପୋର୍ଟ ଏମ୍ପଲୋଇଜ ଡିଏଲାର୍ସ ଆଣ୍ଡ କଣ୍ଟ୍ରାକ୍ଟର ଓ୍ୱାର୍କ୍ସ ୟୁନିୟନ ପକ୍ଷରୁ ଏକ ବନ୍ଧୁମିଳନ ଓ ସାଧାରଣ ସଭା ସ୍ଥାନୀୟ ମଧୁବନ ସ୍ଥିତ ଶ୍ରମିକ ଭବନ ଠାରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ଏଥିରେ ପାରାଦୀପ ବନ୍ଦରର ସ୍ଥାୟୀ କର୍ମଚାରୀଙ୍କ ସମେତ ୪ ଶହରୁ ଉର୍ଦ୍ଧ୍ୱ ଡିଏଲଆର କର୍ମଚାରୀମାନେ ଯୋଗ ଦେଇଥିଲେ । କର୍ମଚାରୀମାନଙ୍କ ଦରମା ବୃଦ୍ଧି, ମେଡିକାଲ ସୁବିଧା ଓ ଅବସରକାଳୀନ ଗ୍ରାଚୁଇଟି ଓ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରାଯାଇଥିଲା । ଡିଏଲଆର କର୍ମଚାରୀଙ୍କ ପକ୍ଷରୁ ବାରମ୍ବାର ବନ୍ଦର ପ୍ରଶାସନ ଏ ବାବଦରେ ଦାବୀ ଉପସ୍ଥାପନା କରାଯାଇଥିଲେ ମଧ୍ୟ ଏଥିରେ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ । ତେବେ ଏବାବଦରେ ପୂର୍ବରୁ ବନ୍ଦର ଅଧ୍ୟକ୍ଷ, କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରା ନଯିବାକୁ ନେଇ ଡିଏଲଆରଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା । ତେବେ ଆଗାମୀ ଦିନରେ ଯଦି ଡିଏଲଆର ମାନଙ୍କ ଦାବୀ ପୂରଣ ନହୁଏ, ତେବେ ୟୁନିୟନ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବା ନେଇ ମତ ପ୍ରକାଶ ପାଇଛି ।

ଆବେଗିକ ଓ ମାନସିକ ସଶକ୍ତିକରଣ ସଚେତନତା

ରେଢ଼ାଖୋଲ, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ରେଢାଖୋଲ ଉପଖଣ୍ଡ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଆନୁକୁଲ୍ୟରେ ଆବେଗିକ ଓ ମାନସିକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲର ବ୍ରହ୍ମ କୁମାରୀ ମଞ୍ଜୁ, ନାକଟିଦେଉଳର ବ୍ରହ୍ମକୁମାରୀ ଶୈଳ ଓ ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ନାକଟିଦେଉଳ ପ୍ରତିନିଧି ବି.କେ. କ୍ରିଷ୍ଣା ବକ୍ତା ଭାବରେ ଯୋଗଦେଇ ଆବେଗିକ ଓ ମାନସିକ ସଶକ୍ତିକରଣର ମୁଖ୍ୟ ଦିଗ, ଆତ୍ମ ସଚେତନତା, ଆବେଗିକ ନିୟନ୍ତ୍ରଣ, ଆତ୍ମବିଶ୍ୱାସ, ଆତ୍ମ ସମ୍ମାନ, ସହନଶୀଳତା, ସକରାତ୍ମକ ଚିନ୍ତାଧାରା, ଧ୍ୟାନ, ପ୍ରାଣାୟାମ, ଆତ୍ମ ଯତ୍ନ ଓ ଅବସାଦ ନିୟନ୍ତ୍ରଣ ବିଷୟରେ ଆଲୋକପାତ କରିଥିଲେ । ଅଧ୍ୟାପିକା ସଂଗୀତା ସେଠ୍ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ହିତାଧିକାରୀଙ୍କୁ ମିଳୁନି ଚାଉଳ

ସୁକିନ୍ଦା, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ଓଡ଼ିଶା ସମେତ ସମଗ୍ର ଦେଶରେ ଗରିବ,ଅସହାୟ ଓ ଅଭାବୀ ଜନସାଧାରଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ଚାଉଳ ଓ ଗହମ ଯୋଗାଇ ଦିଆଯାଉଛି। ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରତି ହିତାଧିକାରୀ ପରିବାରର ସଦସ୍ୟମାନଙ୍କୁ ମୁଣ୍ଡ ପିଛା ୫ କିଲୋ ଚାଉଳ ମାଗଣାରେ ଦିଆଯାଉଥିବା ବେଳେ ରାଜ୍ୟ ସରକାର ଆଉ ୫ କିଲୋ ଯୋଗାଇ ଦେଉଛନ୍ତି। କିନ୍ତୁ କିଛି ଅସାଧୁ ଡିଲରଙ୍କ ଯୋଗୁଁ ଯୋଗ୍ୟ ହିତାଧିକାରୀ ଏହି ଯୋଜନା ର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ଭଳି ଏକ ଘଟଣା ଦେଖିବାକୁ ମିଳିଛି ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀ ବାରି ପଞ୍ଚାୟତର ବୈରିମାଳ ଓ କରଡାପାଳ ଗାଁରେ। ଏହି ଗ୍ରାମର ଅନେକ ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଗ୍ରାମ ର ରିଟେଲର୍ ରବୀନ୍ଦ୍ର କୁମାର ମହାନ୍ତି ଗତ ସେପ୍ଟେମ୍ବର ମାସରୁ ସେମାନଙ୍କୁ ଚାଉଳ ଦେଉନାହିଁ। ସେମାନେ ରିଟେଲରଙ୍କ ନିକଟରୁ ବାରମ୍ବାର ଫେରୁଛନ୍ତି। ରିଟେଲର୍ ରବୀନ୍ଦ୍ର ଚାଉଳ ଦେବା ପରିବର୍ତ୍ତେ ମୁଁ ଚାଉଳ ଦେବି ନାହିଁ ତୁମେମାନେ ମୋର କଣ କରିବ ଯା କହି ଫେରାଇ ଦେଉଛି। ଗ୍ରାମବାସୀମାନେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଘଟଣାର ବିହିତ ତଦନ୍ତ ପାଇଁ ନିବେଦନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ଗତ ତିନି ମାସର ୫୦୦ କ୍ୱିଣ୍ଟାଲ ଚାଉଳ ହେରଫେର ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ବ୍ଲକ ଯୋଗାଣ ନିରୀକ୍ଷକ ଘଟଣାସ୍ଥଳକୁ ଯାଇଥିଲେ ହେଁ ମାତ୍ର ୧୦୦ କ୍ୱିଣ୍ଟାଲ ଚାଉଳ ଥିବାରୁ ଗ୍ରାମବାସୀ ଚାଉଳ ନେବାକୁ ମନା କରି ସମସ୍ତ ତିନି ମାସ ର ଚାଉଳ ଦାବି କରିଛନ୍ତି ଓ ଚାଉଳ ଗୋଦାମ ଘରେ ଚାବି ପକେଇ ଯୋଗାଣ ନିରୀକ୍ଷକଙ୍କୁ ଚାବି ଧରେଇ ଦେଇଛନ୍ତି।ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଯୋଡ଼ିହେଲେ ୩୦,୭୮୭ ନୂଆ ହିତାଧିକାରୀ

ଯାଜପୁର, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲେଶ୍ୱରଠାରେ ରାଜ୍ୟସ୍ତରୀୟ ପୋର୍ଟାଲ ଉନ୍ମୋଚନ କରିବା ପରେ, ଆଜି ଯାଜପୁର ସହରସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ମଧୁବାବୁ ପେନସନ ଯୋଜନାର ସମ୍ପୂର୍ଣ୍ଣତା ଶୁଭାରମ୍ଭର ଜିଲ୍ଲା ସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋର୍ଟାଲର ଜିଲ୍ଲା ସ୍ତରୀୟ ଉନ୍ମୋଚନ କରିବା ସହ ନୂତନ ହିତାଧିକାରୀମାନଙ୍କୁ ପେନସନ ଭତ୍ତା ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ମଧ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ବିଶେଷ ଅବସରରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ମନ୍ତ୍ରୀ ଏବଂ ସାଂସଦଙ୍କ ଦ୍ୱାରା 'ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ୍' ସଚେତନତା ପରିକ୍ରମା ରଥର ଶୁଭାରମ୍ଭ କରାଯାଇଥିଲା।


ସଭାରେ ମୁଖ୍ୟ ଅତିଥି ପ୍ରଦୀପ ବଳସାମନ୍ତ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବର ଅମାନବୀୟ ଓ ସମ୍ବେଦନହୀନ କୋଟା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସମାପ୍ତ କରାଯାଇ ସବୁ ଯୋଗ୍ୟ ବ୍ୟକ୍ତିଙ୍କୁ ପେନସନ ଦେବାର ଯୁଗ ଆରମ୍ଭ ହୋଇଛି। ଆଜି ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍ ଓ ୨ଟି ପୌରାଞ୍ଚଳର ମୋଟ ୩୦,୭୮୭ ଜଣ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି, ଯାହାଦ୍ୱାରା ଜିଲ୍ଲାରେ ମୋଟ ପେନସନ ହିତାଧିକାରୀଙ୍କ ସଂଖ୍ୟା ୨,୭୭,୯୬୦ରେ ପହଞ୍ଚିଛି ଏବଂ ଜିଲ୍ଲା ସାମାଜିକ ସୁରକ୍ଷା କ୍ଷେତ୍ରରେ ସମ୍ପୂର୍ଣ୍ଣତା ହାସଲ କରିଛି।

ସୂଚନା କେନ୍ଦ୍ର ସହାୟତାରେ ୫୦୦ ଉପକୃତ

ଢେଙ୍କାନାଳ, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ଲକ୍ଷ୍ମୀପୂଜା ସମୟରେ ହଜିଯାଇଥିବା ନିଜ ହ୍ୟାଣ୍ଡବ୍ୟାଗ୍ ଫେରିପାଇ ଓଡ଼ାପଡ଼ା ବ୍ଲକ୍ ହାଟିଆବାହାଲ ଗ୍ରାମର ମୀନାକ୍ଷୀ ପ୍ରଧାନ (୩୦) ଖୁସି ବ୍ୟକ୍ତ କରିବା ସହ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇଛନ୍ତି । ଗତ ନଭେମ୍ବର ୧ ତାରିଖରେ ଲକ୍ଷ୍ମୀପୂଜା ଅବସରରେ ତାଙ୍କର ହ୍ୟାଣ୍ଡବ୍ୟାଗ୍ ହଜିଯାଇଥିଲା । ବ୍ୟାଗ୍‌ରେ ସୁନା ଅଳଙ୍କାର, ନଗଦ ୩୦୦୦ ଟଙ୍କା, ଡେବିଟ୍ କାର୍ଡ, ମୋଟରସାଇକେଲ୍ ଚାବି ଓ ଔଷଧ ଭଳି ମୂଲ୍ୟବାନ ସାମଗ୍ରୀ ରହିଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସହଯୋଗରେ ତାଙ୍କୁ ସମସ୍ତ ସାମଗ୍ରୀ ସୁରକ୍ଷିତ ଭାବେ ଫେରାଇ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, ନିକଟରେ ସମାପ୍ତ ହୋଇଥିବା ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା କେନ୍ଦ୍ର ସଫଳତାର ସହ ପରିଚାଳନା କରାଯାଇଥିଲା । ଏହି କେନ୍ଦ୍ର ମାଧ୍ୟମରେ ପୂଜା ସମୟରେ ଭିଡ଼ରେ ହଜିଯାଇଥିବା ବ୍ୟକ୍ତିଙ୍କୁ ଖୋଜିବା, ହଜିଯାଇଥିବା ସାମଗ୍ରୀ ଫେରସ୍ତ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରାୟ ୫୦୦ ଜଣଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପ୍ରକାଶ, ସୁବାସ, ହାଡ଼ିବନ୍ଧୁ ପ୍ରମୁଖ ପରିଚାଳନା କରିଥିଲେ।

ଜିଲ୍ଲା ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ବୈଠକ

ପାରାଦୀପ, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ଉତ୍କଳ ସାମ୍ବାଦିକ ସଙ୍ଘ ଅନୁବନ୍ଧିତ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଙ୍ଘ, ପାରାଦୀପ ଶାଖାର କାର୍ଯ୍ୟକାରିଣୀ ବୈଠକ ପାରାଦୀପ ନୂଆବଜାରସ୍ଥିତ ପୋର୍ଟ କ୍ଲବ୍ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମନୋଜ କୁମାର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ମାନସ କାନୁନଗୋ, ଜିଲ୍ଲା ସହ ସମ୍ପାଦକ ସିଦ୍ଧେଶ୍ୱର ସ୍ୱାଇଁ ଏହି ବୈଠକରେ ଯୋଗ ଦେଇଥିଲେ। ପାରାଦୀପ ଶାଖାର ଏହି କାର୍ଯ୍ୟକାରିଣୀ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପର୍ବ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି



କ୍ରମେ ସନ୍ତୋଷ ଭାରତୀ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ପ୍ରଶାନ୍ତ କୁମାର ରାଉତ, ସାଧାରଣ ସମ୍ପାଦକ ସୁଦର୍ଶନ ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ସୁମନ୍ତ ସ୍ୱାଇଁ, ସହସମ୍ପାଦକ ବିରଜା ସେଠୀ, କୋଷାଧ୍ୟକ୍ଷ ପ୍ରଭାସ ଦାସ ନିର୍ବାଚିତ ହୋଇଥିଲେ । ଉପଦେଷ୍ଟା ଭାବେ ନାରାୟଣ ବେହେରା ଏବଂ ରତ୍ନାକର ଜେନା ମନୋନୀତ ହୋଇଥିଲେ । ସଂଘରେ ନୂତନ ସଦସ୍ୟ ଭାବେ ତ୍ରିଲୋଚନ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଆଗାମୀ ଦିନରେ ସାମ୍ବାଦିକ ମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ଜିଲ୍ଲା ସଭାପତି ମନୋଜ କୁମାର ଦାଶ କହିଛନ୍ତି ।ପାରାଦୀପ ଶାଖାର ସଭାପତି ଭାବେ ନିର୍ବାଚିତ ହେବା ପରେ ଶ୍ରୀ ଭାରତୀ ସାମ୍ବାଦିକ ମାନଙ୍କ ସମସ୍ୟା ସମାଧାନ ଦିଗରେ ସମସ୍ତଙ୍କ ମତାମତକୁ ନେଇ ଆଗେଇବା ସହିତ ସୁବିଧା ଅସୁବିଧାରେ ଠିଆ ହେବାର ପ୍ରତିଶ୍ରୁତି ଦେଇଥିଲେ ।

ରକ୍ତ ଅଭାବ ଦୂର କରିବ ଟିମ୍ ସଞ୍ଜୀବନୀ

ନବରଙ୍ଗପୁର, ୧୧/୧୧ (ସ୍ୱାଧିକାର ନ୍ୟୁଜ) : ରକ୍ତ ଅଭାବରୁ ଯେପରି କାହାରି ଜୀବନ ନଯାଏ, ସେହି ମହତ୍ ଉଦ୍ଦେଶ୍ୟ ନେଇ ଆଗେଇ ଆସିଛି ଟିମ୍ ସଞ୍ଜୀବନୀ। ନବରଙ୍ଗପୁର ଜିଲ୍ଲାରେ ରକ୍ତର ଅଭାବ ଏକ ଗୁରୁତର ସମସ୍ୟା ଭାବେ ଦେଖାଦେଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ, ଗର୍ଭବତୀ ମହିଳା, ଥାଲାସେମିଆ ରୋଗୀ ଓ ଅନ୍ୟ ଜରୁରୀ ରୋଗୀଙ୍କୁ ଠିକ୍ ସମୟରେ ରକ୍ତ ଯୋଗାଇବା ଏହି ଟିମ୍‌ର ମୁଖ୍ୟ ଲକ୍ଷ୍ୟ। ସ୍ଥାନୀୟ କନକ ପରମେଶ୍ୱରୀ କଲ୍ୟାଣ ମଣ୍ଡପ ଠାରେ ନବରଙ୍ଗପୁର ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ଜିଲ୍ଲପାଳ ପ୍ରମୋଦ କୁମାର ପୁଷ୍ଟି, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ , ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଟିମ ସଂଜୀବନୀର ଉପଦେଷ୍ଟା କମିଟି ଓ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏକ ମୋବାଇଲ ଆପ୍‌ର ଲୋକାର୍ପଣ କରାଯାଇଛି। ଏହି ଆପ ମାଧ୍ୟମରେ ରକ୍ତ ଆବଶ୍ୟକ ଥିବା ବ୍ୟକ୍ତି ଅତି ସହଜରେ ରକ୍ତ ପାଇଁ ଆବେଦନ କରିପାରିବେ ଏବଂ ସଂଜୀବନୀ ପକ୍ଷରୁ ଯଥା ଶୀଘ୍ର ସେମାନଙ୍କୁ ରକ୍ତ ଯୋଗାଡ଼ କରି ଦିଆଯିବ। ଏକ କ୍ୟୁଆର କୋଡ଼ ସହାୟତାରେ ଏହି ସବୁ ସୁବିଧା ଉପଲବ୍ଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ଆବଶ୍ୟକୀୟ ବ୍ୟକ୍ତିଙ୍କୁ ରକ୍ତ ଯୋଗେଇବା ପାଇଁ କାର୍ଯ୍ୟ କରୁଥିବା ସଂଗଠନ ଗୁଡିକୁ ସମ୍ମାନିତ କରାଯାଇଥିଲା। ରକ୍ତଦାନ ଶିବିର ଆୟୋଜନ ନୁହେଁ, ବରଂ ଜିଲ୍ଲାରେ ଏକ ସୁଦୃଢ଼ ରକ୍ତଦାତା ନେଟୱାର୍କ ଗଠନ କରିବା ସହ ଯୁବପିଢ଼ିଙ୍କୁ ଏହି ମହତ୍ କାର୍ଯ୍ୟରେ ସାମିଲ କରିବାକୁ ଟିମ୍ ସଞ୍ଜୀବନୀ ନେଇଛି ଏକ ନୂଆ ପଦକ୍ଷେପ। ଟିମ୍ ସଞ୍ଜୀବନୀର ଲକ୍ଷ୍ୟ ରହିଛି ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ରକ୍ତଦାନ ସଚେତନତା ସୃଷ୍ଟି କରିବା। ଏଥିପାଇଁ ବିଭିନ୍ନ ସଚେତନତା ଅଭିଯାନ, ରକ୍ତଦାତାଙ୍କ ତଥ୍ୟ ସଂଗ୍ରହ ଏବଂ ଏକ ସୁବ୍ୟବସ୍ଥିତ ଡାଟାବେସ୍ ପ୍ରସ୍ତୁତ କରିବାର ଯୋଜନା ରହିଛି।

ଯାତାୟାତ ପାଇଁ ରାସ୍ତା ଉନ୍ମୁକ୍ତ କଲେ ମେୟର

କଟକ, ୧୧/୧୧ (ସ୍ୱାଧିକାର ନ୍ୟୁଜ) : କଟକ ସହରର ସେମିନାର ସ୍କୁଲ ଛକଠାରୁ କେଶରପୁର ଛକ ପର୍ଯ୍ୟନ୍ତ ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ରାସ୍ତାର ନବୀକରଣ କାର୍ଯ୍ୟ ଶେଷ ହୋଇଛି। ନୂତନ ରାସ୍ତା ନିର୍ମାଣ ପରେ ମେୟର ସୁବାସ ସିଂହ ଏହାକୁ ଆନୁଷ୍ଠାନିକ ଭାବେ ଜନସାଧାରଣଙ୍କ ଯାତାୟାତ ପାଇଁ ଉନ୍ମୁକ୍ତ କରିଛନ୍ତି। ଫଳରେ ଦୀର୍ଘଦିନ ଧରି ଯାତାୟାତ ସମସ୍ୟା ଭୋଗୁଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତି ମିଳିଛି। ଏହି ରାସ୍ତାର ଦୁରବସ୍ଥା ଯୋଗୁଁ ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ, ବ୍ୟବସାୟୀଙ୍କ ସମେତ ଦୈନିକ ଯାତାୟାତ କରୁଥିବା ଲୋକମାନେ ଦୀର୍ଘଦିନ ଧରି ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଖରାପ ରାସ୍ତା ଯୋଗୁଁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେବା ସହ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ୨୭ ନମ୍ବର ଓ୍ୱାର୍ଡର କର୍ପୋରେଟର ଇତିଶ୍ରୀ ଦାସ ନିରନ୍ତର ଉଦ୍ୟମ କରିଆସୁଥିଲେ। ସ୍ଥାନୀୟ ଲୋକଙ୍କ ଅସୁବିଧାକୁ ଗୁରୁତ୍ୱ ଦେଇ କର୍ପୋରେଟର ଶ୍ରୀମତୀ ଦାସ ବାରମ୍ବାର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ରାସ୍ତାର ତୁରନ୍ତ ନବୀକରଣ ପାଇଁ ଦାବି ଜଣାଇଥିଲେ। ପରେ ମେୟର ସୁବାସ ସିଂହ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ।

ସିଆର୍‌ପିଏଫ୍ ପାଟ୍ରୋଲିଂ ଦଳ ଉପରେ ଆତଙ୍କବାଦୀ ଆକ୍ରମଣ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):ଜମ୍ମୁ-କାଶ୍ମୀରର କୁଲଗାମରେ ଆତଙ୍କବାଦୀ ଆକ୍ରମଣରେ ୩ ଜଣ ସିଆର୍‌ପିଏଫ୍ ଯବାନ ଆହତ ହୋଇଛନ୍ତି। କୁଲଗାମର ଅଖରାନ ନିକଟରେ ଆତଙ୍କବାଦୀମାନେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଗୁଳି ଚଳାଇଥିଲେ। ଆତଙ୍କବାଦୀମାନେ ବାଇକ୍‌ରେ ଆସି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ତିନି ଜଣ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଗୁଳି ବାଜିଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଅଛି। ଆକ୍ରମଣ ପରେ ସିଆର୍‌ପିଏଫ୍ ଯବାନମାନେ ପାଲଟା ଆକ୍ରମଣ ଆରମ୍ଭ କରିଛନ୍ତି। ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଓ ସୁରକ୍ଷା ବାହିନୀ ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। କ୍ୱିକ୍ ରିଆକ୍ସନ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଆକ୍ରମଣକାରୀ ଆତଙ୍କବାଦୀଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ସର୍ଚ୍ଚ ଅପରେସନ୍ ଚାଲିଛି।

କୋଲକାତା ବିମାନବନ୍ଦରରେ ଅପହରଣ ଧମକ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ପଶ୍ଚିମବଙ୍ଗର କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ସକାଳେ ହଇଚଇ ସୃଷ୍ଟି ହୋଇଛି। ମୁମ୍ବାଇ ଯିବାକୁ ଥିବା ଏୟାର ଇଣ୍ଡିଆର ଏକ ବିମାନକୁ ଅପହରଣ କରିବାର ଧମକ ମିଳିଥିବା ଖବର ପରେ ଆତଙ୍କ ଖେଳିଯାଇଛି। ବିମାନର ଶୌଚାଳୟରେ ଥିବା ଦର୍ପଣ ଉପରେ ଧମକପୂର୍ଣ୍ଣ ବାର୍ତ୍ତା ଲେଖାଥିବା ଦେଖିବାକୁ ମିଳିଥିଲା। ଏହାପରେ ପାଇଲଟ୍ ତୁରନ୍ତ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏଟିସି)କୁ ସୂଚନା ଦେଇଥିଲେ। ଖବର ପାଇ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଥିଲେ। ବିମାନକୁ ଆଇସୋଲେସନ୍ ବେ'କୁ ନିଆଯାଇ ଯାଞ୍ଚ ଆରମ୍ଭ କରାଯାଇଛି।ସୂଚନା ଅନୁସାରେ, ଏୟାର ଇଣ୍ଡିଆର ଏହି ବିମାନଟି ମୁମ୍ବାଇ ଅଭିମୁଖେ ଉଡ଼ିବାକୁ ପ୍ରସ୍ତୁତ ହେଉଥିଲା। ଏହି ସମୟରେ ବିମାନର ଶୌଚାଳୟରେ ଲାଗିଥିବା ଦର୍ପଣ ଉପରେ ହାଇଜାକ୍ ସମ୍ପର୍କିତ ଧମକପୂର୍ଣ୍ଣ ବାର୍ତ୍ତା ଲେଖାଥିବା ଜଣାପଡ଼ିଥିଲା। ଘଟଣାର ଗମ୍ଭୀରତାକୁ ଦେଖି ପାଇଲଟ୍ ତୁରନ୍ତ ଏଟିସିକୁ ଅବଗତ କରାଇଥିଲେ। ଏହାପରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।ଧମକ ମିଳିବା ପରେ ବିମାନକୁ ଆଇସୋଲେସନ୍ ବେ'କୁ ନିଆଯାଇଥିଲା। ସେଠାରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) ଏବଂ ବିମାନବନ୍ଦରର ସ୍ୱତନ୍ତ୍ର ସୁରକ୍ଷା ଅଧିକାରୀମାନେ ତଲାସି ଅଭିଯାନ ଆରମ୍ଭ କରିଥିଲେ। ବିମାନ ଭିତରେ କୌଣସି ସନ୍ଦେହଜନକ ଜିନିଷ ଅଛି କି ନାହିଁ, ସେନେଇ ଯାଞ୍ଚ କରାଯାଉଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ସମସ୍ତ ସତର୍କତା ଅବଲମ୍ବନ କରି ତଦନ୍ତ ଚଳାଇଛନ୍ତି ।ବିମାନର ଶୌଚାଳୟ ଦର୍ପଣରେ ଧମକପୂର୍ଣ୍ଣ ବାର୍ତ୍ତା କିଏ ଲେଖିଛି ଏବଂ ଏହା ପଛରେ କାହାର ହାତ ରହିଛି, ସେନେଇ ପୁଲିସ ଓ ସୁରକ୍ଷା ଏଜେନ୍ସି ତଦନ୍ତ ଆରମ୍ଭ କରିଛନ୍ତି।

ମଦର ଡେରି କ୍ଷୀର ୪ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଦେଶର ପ୍ରମୁଖ ଦୁଗ୍ଧ ଉତ୍ପାଦନ ଓ ବିକ୍ରି କମ୍ପାନି ମଦର ଡେରି କ୍ଷୀର ଦର ବୃଦ୍ଧି କରିଛି। କମ୍ପାନି କ୍ଷୀର ଲିଟର ୨ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛି। ନୂଆ ଦର ଆସନ୍ତାକାଲିଠାରୁ ଲାଗୁ ହେବ। କ୍ଷୀର ସଂଗ୍ରହ ଖର୍ଚ୍ଚ ବୃଦ୍ଧି ପାଇବା ଯୋଗୁଁ କମ୍ପାନି ଦର ବଢ଼ାଇଥଛି। କମ୍ପାନି ନିଜର କ୍ଷୀର ବିକ୍ରିରୁ ମିଳୁଥିବା ଅର୍ଥର ପ୍ରାୟ ୭୫ରୁ ୮୦% ଚାଷୀଙ୍କୁ ପ୍ରଦାନ କରିଥାଏ।ନୂଆ ଦର ଅନୁଯାୟୀ, ଫୁଲ୍ କ୍ରିମ୍ କ୍ଷୀର ଲିଟର ପିଛା ୭୨ ଟଙ୍କାରୁ ବଢ଼ି ୭୬ ଟଙ୍କା ହୋଇଛି। ପ୍ୟାକେଟ୍ ଟୋନ୍ ଡ କ୍ଷୀର ଦର ୬୦ ଟଙ୍କାରୁ ବଢ଼ି ୬୨ ଟଙ୍କା ହୋଇଛି। ସେହିପରି ବଲ୍କ ଟୋନ୍‌ଡ କ୍ଷୀର ଲିଟର ପିଛା ୫୮ ଟଙ୍କାରୁ ୬୦ ଟଙ୍କା ହୋଇଛି। ଡବଲ୍ ଟୋନ୍‌ଡ କ୍ଷୀର ଦର ୫୪ ଟଙ୍କାରୁ ବଢ଼ି ୫୬ ଟଙ୍କା ହୋଇଥିବାବେଳେ ଗାଈ କ୍ଷୀର ଦର ୬୨ ଟଙ୍କାରୁ ବଢ଼ି ୬୫ ଟଙ୍କା ହୋଇଛି। ଏହି ଦରବୃଦ୍ଧି ଦିଲ୍ଲୀ-ଏନ୍‌ସିଆର୍ ବଜାର ପାଇଁ ଲାଗୁ କରାଯାଇଛି। ଦେଶବ୍ୟାପୀ କମ୍ପାନିର ଦୈନିକ କ୍ଷୀର ବିକ୍ରି ୫୦ ଲକ୍ଷ ଲିଟରରୁ ଅଧିକ ରହିଛି। ଗତ ମେ' ୧୪ରେ କମ୍ପାନି ଶେଷଥର ପାଇଁ କ୍ଷୀର ଦର ବଢ଼ାଇଥିଲା।

ଆମେରିକା ବିମାନକୁ ପ୍ରବେଶ ମନା କଲା ପାକିସ୍ତାନ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଆମେରିକାରେ ରହୁଥିବା ଇରାନୀ ପ୍ରବାସୀମାନଙ୍କୁ ଦେଶାନ୍ତର କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ପ୍ରୟାସକୁ ଏକ ବଡ଼ ଝଟକା ଲାଗିଛି। ଆରିଜୋନାରୁ ଇରାନୀମାନଙ୍କୁ ନେଇ ଏକ ଆମେରିକୀୟ ନିର୍ବାସନ ବିମାନ ମଝି ଆକାଶରୁ ଫେରି ଯାଇଛି। ଯୋଜନା ଥିଲା ସେମାନଙ୍କୁ ପ୍ରଥମେ ପାକିସ୍ତାନ ଏବଂ ତା'ପରେ ଇରାନକୁ ପଠାଯିବ। କିନ୍ତୁ ପାକିସ୍ତାନ ହଠାତ୍ ସେମାନଙ୍କୁ ଦେଶରେ ପ୍ରବେଶ କରିବାକୁ ଅନୁମତି ଦେବାକୁ ମନା କରିଦେଇଥିଲା। ଫଳସ୍ୱରୂପ ବିମାନକୁ ଆମେରିକାକୁ ଫେରିବାକୁ ପଡିଥିଲା।ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ପରାଜୟ ପରେ, ପାକିସ୍ତାନ ମଧ୍ୟ ଆମେରିକା ପ୍ରତି ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ଆରମ୍ଭ କରିଛି। ପାକିସ୍ତାନର ମନା ପରେ ଇରାନୀ ପ୍ରବାସୀମାନଙ୍କୁ ନେଇ ଯାଉଥିବା ଆମେରିକୀୟ ବିମାନ ଆରିଜୋନା ଫେରିଛି।ରିପୋର୍ଟ ଅନୁଯାୟୀ, ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ବାତିଲ ହୋଇଥିବା ନିର୍ବାସନ ଅଭିଯାନ ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। ଗତ କିଛି ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଆରିଜୋନାରୁ ଇରାନୀ ନାଗରିକଙ୍କ ଯୋଜନାବଦ୍ଧ ନିର୍ବାସନକୁ ବାତିଲ କରାଯାଇଛି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଛି ଯେ, ଟ୍ରମ୍ପ ପ୍ରଶାସନ ଇରାନ ଏବଂ ଆଫଗାନିସ୍ତାନ ପ୍ରବାସୀମାନଙ୍କୁ ପାକିସ୍ତାନ ଦେଇ ପଠାଇବା ପାଇଁ ବ୍ୟବସ୍ଥା କରୁଛି। କାରଣ ସେସବୁ ଦେଶ ସହିତ ଆମେରିକାର କୂଟନୈତିକ ସମ୍ପର୍କ ନାହିଁ।

ବିମୁଦ୍ରୀକରଣ ବିଶ୍ୱର ସବୁଠାରୁ ବଡ଼ ଦୁର୍ନୀତି ପ୍ରମାଣିତ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ବୁଧବାର ଅନେକ ରାଜନୈତିକ ପ୍ରସଙ୍ଗରେ ବିଜେପିକୁ ଟାର୍ଗେଟ କରିଛନ୍ତି। ବିମୁଦ୍ରୀକରଣର କଥିତ ବାର୍ଷିକୀ ଅବସରରେ ସେ କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଭୋଟର ତାଲିକାରୁ ନାମ ବାଦ୍ ଦେବା, ଅଭିଯୋଗ ହୋଇଥିବା ଭୋଟ ଚୋରି, ବିରୋଧୀ ମେଣ୍ଟ ଏବଂ ତାଙ୍କର ଅଯୋଧ୍ୟା ଗସ୍ତ ବିଷୟରେ ମଧ୍ୟ ଖୋଲାଖୋଲି ଭାବରେ କହିଛନ୍ତି। ଅଖିଳେଶ ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି, ବିମୁଦ୍ରୀକରଣ ସମୟରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଗୋଟିଏ ବି ପ୍ରତିଶ୍ରୁତି ପୂରଣ ହୋଇନାହିଁ। ସେ ଅଭିଯୋଗ କରିଛନ୍ତି ଯେ ବିମୁଦ୍ରୀକରଣ ଦେଶର ଇତିହାସରେ ସବୁଠାରୁ ବଡ଼ ଦୁର୍ନୀତି ପ୍ରମାଣିତ ହୋଇଛି। ଏହି ନିଷ୍ପତ୍ତିରୁ ଗରିବ ଏବଂ ଛୋଟ ବ୍ୟବସାୟ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବିମୁଦ୍ରୀକରଣ ନାମରେ ବ୍ୟାଙ୍କଗୁଡ଼ିକୁ ବୁଡ଼ାଇ ଦିଆଯାଇଥିଲା। ସେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ନେଇ ସରକାରଙ୍କ ଦାବି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଅଖିଳେଶଙ୍କ ଅନୁସାରେ, ଏକ ବିକଶିତ ଭାରତର ଦାବି କେବଳ ଏକ ସ୍ଲୋଗାନ, ଏବଂ ସରକାରଙ୍କ ଦାବି ଏବଂ ଦେଶର ଅର୍ଥନୀତି ସମ୍ପର୍କରେ ଭୂମିଗତ ବାସ୍ତବତା ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି। ଭୋଟର ତାଲିକାରୁ ବହୁ ସଂଖ୍ୟକ ଲୋକଙ୍କ ନାମ ବାଦ୍ ଦିଆଯିବା ସମ୍ପର୍କରେ ଅଖିଳେଶ ଯାଦବ କହିଛନ୍ତି ଯେ, ରିପୋର୍ଟ କରାଯାଉଥିବା ସଂଖ୍ୟା ପ୍ରାୟ ଏକ କୋଟି ୨୭ ଲକ୍ଷ ନାମ। ସେ କହିଛନ୍ତି, ସମାଜବାଦୀ ପାର୍ଟି ଏ ସମ୍ପର୍କରେ ଅନେକ ପରାମର୍ଶ ଦେଇଛି, ଯାହାକୁ କାର୍ଯ୍ୟକାରୀ କରାଯିବା ଉଚିତ୍। ଭୋଟର



ତାଲିକାକୁ ଆଧାର ସହିତ ସଂଯୋଗ କରାଯାଇ ଭୋଟ ପ୍ରକ୍ରିୟାରେ ଡିଜିଟାଲ୍ ଏବଂ ବାୟୋମେଟ୍ରିକ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ। ସେ ଅଭିଯୋଗ କରିଛନ୍ତି ଯେ, ବିଜେପି ଏହା କରିବାକୁ ଚାହୁଁନାହିଁ କାରଣ ଦଳ ଜାଣେ ଯେ ରାଜନୈତିକ ମୁକାବିଲା ୮୦-୨୦ ନୁହେଁ, ବରଂ ୯୫-୫ ।ସେ ଦଳୀୟ କର୍ମୀମାନଙ୍କୁ ନିର୍ବାଚନ ପ୍ରସ୍ତୁତିରେ ପୂର୍ଣ୍ଣ ପ୍ରୟାସ କରିବାକୁ ମଧ୍ୟ ନିବେଦନ କରିଛନ୍ତି। ଅଖିଳେଶ କହିଛନ୍ତି ଯେ ଦଳୀୟ କର୍ମୀମାନେ ଭୋଟର ତାଲିକା ବଜାୟ ରଖିବାରେ ଭଲ କାମ କରିଛନ୍ତି, କିନ୍ତୁ ଏବେ ପ୍ରକୃତ ଲଢେଇ ବୁଥ୍ ?ରେ ଲଢ଼ାଯିବ। ଭୋଟ ଚୋରି ସମ୍ଭାବନାକୁ ରୋକିବା ପାଇଁ ପ୍ରତ୍ୟେକ କର୍ମୀଙ୍କୁ ସେମାନଙ୍କର ବୁଥ୍‌କୁ ମଜବୁତ କରିବାକୁ ପଡିବ।ଅଖିଳେଶ ଯାଦବ ଲକ୍ଷ୍ନୌରେ ତାଙ୍କ ନାମ ଏବଂ ଫଟୋ ଥିବା ପୋଷ୍ଟରକୁ ନେଇ ମଧ୍ୟ ବିଜେପିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ଲକ୍ଷ୍ନୌରେ ମୋ ବିଷୟରେ ଅନେକ ପୋଷ୍ଟର ଲାଗିଥିଲା, କିନ୍ତୁ ଏବେ ସେଗୁଡ଼ିକ ଚାଲିଗଲାଣି। ଲାଗୁଛି ବିଜେପି ପାଖରେ ଟଙ୍କା ସରିଗଲାଣି। ସେ ପୋଷ୍ଟର ପଛରେ କାହାଣୀ ତିଆରି କରୁଥିବା ଲୋକଙ୍କୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ ଯଦି ସେମାନଙ୍କ ପାଖରେ କୌଣସି ପ୍ରମାଣ ଅଛି ତେବେ ସେମାନେ ସିସିଟିଭି ଫୁଟେଜ୍ ପ୍ରସ୍ତୁତ କରନ୍ତୁ। ଅଖିଳେଶ ଏହା ମଧ୍ୟ କହିଛନ୍ତି ଯେ ଯେଉଁମାନେ ଏପରି କରୁଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ।ଅଯୋଧ୍ୟା ଗସ୍ତ ସମ୍ପର୍କରେ ଅଖିଳେଶ ଯାଦବ କହିଛନ୍ତି, ଈଶ୍ୱର ସମସ୍ତଙ୍କର, ଏବଂ ବିଭିନ୍ନ ଧର୍ମର ଈଶ୍ୱରଙ୍କୁ ଉପାସନା କରିବାର ଭିନ୍ନ ଭିନ୍ନ ଉପାୟ ଅଛି। ସେ ପ୍ରଶ୍ନ କରିଥିଲେ ଯେ ସେ କାହିଁକି ଅଯୋଧ୍ୟା ଗସ୍ତ କରିବେ ନାହିଁ। ଅଖିଳେଶ କହିଥିଲେ ଯେ ସେ କେଦାରନାଥ ଏବଂ ବୃନ୍ଦାବନ ମଧ୍ୟ ଗସ୍ତ କରିବେ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳ ମଧ୍ୟ ପରିଦର୍ଶନ କରିବେ। ସେ ପଛୁଆ ବର୍ଗ, ଦଳିତ, ଅଳ୍ପସଂଖ୍ୟକ(ପିଡିଏ)ର ନୂତନ ଅର୍ଥ ବ୍ୟାଖ୍ୟା କରି କହିଛନ୍ତି, ଏହାର ଅର୍ଥ ପ୍ରଥମେ ଦର୍ଶନ, ତା'ପରେ ଆଶୀର୍ବାଦ।

ଦିଲ୍ଲୀ-ଏନ୍‌ସିଆର୍‌ରେ ଚିନ୍ତା ବଢ଼ାଇଛି ପ୍ରଦୂଷଣ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ପ୍ରଦୂଷଣ ସମସ୍ୟା ଚିନ୍ତା ବଢାଇ ଚାଲିଛି। ବାୟୁ ଗୁଣବତ୍ତା ହ୍ରାସ ପାଉଥିବାରୁ ଗ୍ରାପ୍ (ଗ୍ରେଡେଡ୍ ରେସପନ୍ସ ଆକ୍ସନ୍ ପ୍ଲାନ୍)-୩ କଟକଣା ଲାଗୁ ହୋଇଛି। ତେବେ ଗ୍ରାପ୍ -୩ କଟକଣା ସ[illegible] ପ୍ରଦୂଷଣରୁ ଆଶ୍ୱସ୍ତି ମିଳିନାହିଁ।କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ତଥ୍ୟ ଅନୁଯାୟୀ ବୁଧବାର ସକାଳେ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୯୯ ରହିଥିଲା। ଏହା ଖରାପ ଶ୍ରେଣୀରେ ଆସୁଥିଲା। ଗୁରୁଗ୍ରାମରେ ୨୯୫ ଓ ନୋଏଡାରେ ୨୭୬ ରେକର୍ଡ଼ କରିଯାଇଥିଲା। ରାଜଧାନୀ ବିଭିନ୍ନ ଅଞ୍ଚଳରେ ପ୍ରଦୂଷଣ ସ୍ତର ଅଲଗା ଅଲଗା ରହିଛି। ଇଣ୍ଡିଆ ଗେଟ୍ ପାଖରେ ଏକ୍ୟୁଆଇ ୨୪୨ ରହିଛି। ଆନନ୍ଦ ବିହାରରେ ଏହା ୩୦୩ ରେକର୍ଡ଼ କରାଯାଇଛି।ଆନନ୍ଦ ବିହାରର ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ଶ୍ରେଣୀରେ ରେକର୍ଡ଼ କରାଯାଇଛି। ନୋଏଡା ଓ ଗୁରୁଗ୍ରାମରେ ମଧ୍ୟ ପ୍ରଦୂଷଣରୁ ଆଶ୍ୱସ୍ତି ମିଳିନାହିଁ। ଆଜି ସକାଳର ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ, ଦୀପାବଳି ପରେ ଜାତୀୟ ରାଜଧାନୀରେ ପ୍ରଦୂଷଣ ସ୍ତର ବୃଦ୍ଧି ପାଇବାରେ ଲାଗିଛି, ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ଜାଳିବା ମଧ୍ୟ ବାୟୁ ଗୁଣବତ୍ତା ହ୍ରାସ କରିବାରେ ସହାୟକ ହେଉଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦିଲ୍ଲୀରେ କୁହୁଡ଼ି ହେବା ନେଇ ଆକଳନ କରିଛି।

ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ହେରଫେର ଅଭିଯୋଗ

ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତଦାରଖ ଓ ଫରେନ୍ସିକ୍ ଅଡିଟ୍ ଦାବି କଲା କଂଗ୍ରେସ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସମସ୍ତ ଆର୍ଥିକ ହିସାବ କିତାବ ସାର୍ବଜନୀନ କରିବା ସହ ମନ୍ଦିର ଚାନ୍ଦା ଓ ଦାନ ଅର୍ଥ ହେରଫେର ଅଭିଯୋଗର ତଦନ୍ତ ପରିସରକୁ ବୃଦ୍ଧି କରିବା ପାଇଁ କଂଗ୍ରେସ ବୁଧବାର ଦାବି କରିଛି। କେବଳ ଗିରଫ ହୋଇଥିବା ୮ ଜଣ କର୍ମଚାରୀଙ୍କ ମଧ୍ୟରେ କାର୍ଯ୍ୟାନୁଷ୍ଠାନକୁ ସୀମିତ ନରଖି, ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ନଜରଦାରିରେ ଏହାର ନିରପେକ୍ଷ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦଳ ଦାବି କରିଛି। ସୋସିଆଲ ମିଡିଆ ଡ ଏକ୍ସ''ରେ ଏକ ପୋଷ୍ଟ କରି କଂଗ୍ରେସ ମହାସଚିବ ଜୟରାମ ରମେଶ 'ଚାନ୍ଦା ଚୋରି, ଆସ୍ଥା ଧୋଖା' ଆଖ୍ୟା ଦେଇ ବିଜେପି, ଆରଏସ୍‌ଏସ୍ ଏବଂ ବିଶ୍ୱ ହିନ୍ଦୁ ପରିଷଦର ନେତାମାନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ମନ୍ଦିର ନିର୍ମାଣ, ଟ୍ରଷ୍ଟ ପରିଚାଳନା, ଦାନ ଅର୍ଥ ସଂଗ୍ରହ, ଗଣତି ଏବଂ ବ୍ୟାଙ୍କରେ ଜମା କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟପନ୍ଥାରେ ଏହି ସଂଗଠନଗୁଡ଼ିକର ଲୋକମାନେ ନିୟୋଜିତ ଥିବାରୁ ସେମାନେ ଏହି ହେରଫେର ଦାୟିତ୍ୱରୁ ଖସିପାରିବେ ନାହିଁ ବୋଲି ସେ ଅଭିଯୋଗ ଆଣିଛନ୍ତି। ଜୟରାମ ରମେଶ ଦର୍ଶାଇଛନ୍ତି ଯେ, ୨୦୨୧ ମସିହାରେ ଆରଏସଏସର ପ୍ରାକ୍ତନ ଆକାଉଣ୍ଟସ୍ ପ୍ରଭାରୀ ମହିପାଳ ସିଂହ ଏହି ଅନିୟମିତତା ବିଷୟରେ ଟ୍ରଷ୍ଟର ସମ୍ପାଦକ ଚମ୍ପତ ରାୟ ଏବଂ ଗୋପାଳ ରାଓଙ୍କୁ ଅବଗତ କରାଇଥିଲେ। ମାତ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ଓଲଟି ମହିପାଳ ସିଂହଙ୍କୁ କାର୍ଯ୍ୟରୁ ହଟାଇ ଦିଆଯାଇଥିଲା।

୬ ମାସ ପାଇଁ ବନ୍ଦ ହେଲା କେଦାରନାଥ ଦ୍ୱାର

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଶୀତ ଋତୁ ପାଇଁ ପ୍ରସିଦ୍ଧ କେଦାରନାଥ ଧାମର ଦ୍ୱାର ବନ୍ଦ ହୋଇଛି । ଆଜି ସକାଳ ୮ଟା ୩୦ ମିନିଟ୍‌ରେ ବୈଦିକ ମନ୍ତ୍ରୋଚ୍ଚାରଣ ଓ ପାରମ୍ପରିକ ରୀତିନୀତି ଅନୁ ସାରେ ମନ୍ଦିରର ଦ୍ୱାର ବନ୍ଦ କରାଯାଇଛି । ହେଲେ ତଥାପି ମଧ୍ୟ କେଦାରନାଥଙ୍କ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ ।ଶୀତ ଋତୁରେ ପ୍ରବଳ ତୁଷାରପାତ ଓ ଅତ୍ୟଧିକ ଥଣ୍ଡା ଯୋଗୁଁ କେଦାରନାଥ ମନ୍ଦିରର ମୁଖ୍ୟଦ୍ୱାର ବନ୍ଦ କରାଯାଇଥାଏ । ଏହି ସମୟରେ ବାବା କେଦାରନାଥଙ୍କ ଚଳମାନ ମୂର୍ତ୍ତି ପାଲିଙ୍କିକୁ ଉଖିମଠକୁ ନିଆଯାଇଥାଏ । ସେଠାରେ ଥିବା ଓଁକାରେଶ୍ୱର ମନ୍ଦିରକୁ ବାବା କେଦାରଙ୍କ ଶୀତକାଳୀନ ନିବାସ ଭାବେ ମାନ୍ୟତା ମିଳିଛି । ଆଗାମୀ ୬ ମାସ ଯାଏଁ ଓଁକାରେଶ୍ୱର ମନ୍ଦିରରେ ବାବା କେଦାରଙ୍କ ପୂଜା ଓ ସମସ୍ତ ଧାର୍ମିକ ରୀତିନୀତି ସମ୍ପନ୍ନ ହେବ । ଶ୍ରଦ୍ଧାଳୁମାନେ ମଧ୍ୟ ଉଖୀମଠ ଯାଇ ବାବାଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିପାରିବେ ।ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ ରହିଛି ଉଖୀମଠ । ସମୁଦ୍ର ପତ୍ତନଠାରୁ ପ୍ରାୟ ୧,୩୧୧ ମିଟର ଉଚ୍ଚତାରେ ଅବସ୍ଥିତ ଏହି ସ୍ଥାନରେ ରହିଛି ପ୍ରସିଦ୍ଧ ଓଁକାରେଶ୍ୱର ମନ୍ଦିର । ରୁଦ୍ରପ୍ରୟାଗଠାରୁ ଏହାର ଦୂରତା ପ୍ରାୟ ୪୧ କିଲୋମିଟର ଏବଂ ଗୁପ୍ତକାଶୀଠାରୁ ପ୍ରାୟ ୧୩ କିଲୋମିଟର । ଶୀତଦିନେ କେଦାରନାଥ ଯିବା କଷ୍ଟକର ହୋଇପଡୁଥିବାରୁ ଭକ୍ତମାନେ ଉଖୀମଠରେ ବାବାଙ୍କ ଦର୍ଶନ କରିପାରିବେ ।ମୁଖ୍ୟଦ୍ୱାର ବନ୍ଦ ପରେ ବାବା କେଦାରଙ୍କ ପାଲିଙ୍କି ଉତ୍ସବ ଉଖୀମଠରେ କରାଯାଇଥାଏ । ନଭେମ୍ବର ୧୧ରେ ବାବାଙ୍କ ପାଲିଙ୍କି ରାମପୁରରେ ପହଞ୍ଚିବ । ୧୨ ତାରିଖରେ ଗୁପ୍ତକାଶୀର ବିଶ୍ୱନାଥ ମନ୍ଦିରରେ ରାତ୍ରି ବିଶ୍ରାମ ପରେ ୧୩ ନଭେମ୍ବରରେ ଉଖୀମଠର ଓଁକାରେଶ୍ୱର ମନ୍ଦିରରେ ପହଞ୍ଚିବ ।ସେଠାରେ ବିଧିବିଧାନ ଅନୁସାରେ ବାବାଙ୍କ ପୂଜା ଓ ସ୍ଥାପନା କରାଯିବ । ପାଲିଙ୍କି ଯାତ୍ରାକୁ ଦେଖିବା ପାଇଁ ମଧ୍ୟ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପହଞ୍ଚିଥାନ୍ତି ।ପ୍ରତିବର୍ଷ ଶୀତ ଋତୁରେ କେଦାରନାଥ ଧାମର ଦ୍ୱାର ବନ୍ଦ ହେଉଥିବା ବେଳେ ଗ୍ରୀଷ୍ମ ଋତୁରେ ପୁଣି ଖୋଲା ଯାଇଥାଏ । ସାଧାରଣତଃ ଅକ୍ଷୟ ତୃତୀୟା ସମୟରେ ମନ୍ଦିରର ଦ୍ୱାର ପୁଣି ଖୋଲିଥାଏ । ତେବେ ୨୦୨୭ରେ କବାଟ ଖୋଲିବାର ତାରିଖ ଓ ଶୁଭ ମୁହୂର୍ତ୍ତ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ।

୮ ଦେଶରେ କୋଭିଡ୍-୧୯ର ନୂଆ ଭାରିଆଣ୍ଟ ପିଜେ.୨.୧

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):ଉତ୍ତର ଆମେରିକା ସମେତ ଅନେକ ମହାଦେଶରେ ଦ୍ରୁତ ଗତିରେ କୋଭିଡ୍-୧୯ର ନୂଆ ଭାରିଆଣ୍ଟ ପିଜେ.୨.୧ ବ୍ୟାପିବାରେ ଲାଗିଛି। ଏହା ସ୍ୱାସ୍ଥ୍ୟ ଏଜେନ୍ସିମାନଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। ଏହା ପ୍ରଥମେ କାନାଡାର ଅଣ୍ଟାରିଆରେ ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ଆଠଟି ଦେଶରେ କାୟା ବିସ୍ତାର କରିଛି। ଆମେରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ୟୁରୋପ ଏବଂ ଏସୀୟ ଦେଶଗୁଡ଼ିକରେ ଏହା ବ୍ୟାପିଥିବା ରିପୋର୍ଟ କରାଯାଇଛି। ଦ୍ରୁତ ଗତିରେ ବ୍ୟାପୁଥିବା ଏହି ଭାରିଆଣ୍ଟ ସଂକ୍ରମଣର ଆଉ ଏକ ଲହର ସୃଷ୍ଟି କରିପାରିବ କି ନାହିଁ ସେ ବିଷୟରେ ଚିନ୍ତା ସୃଷ୍ଟି ହୋଇଛି। ଏହି ଭାରିଆଣ୍ଟରେ ସ୍ପାଇକ୍ ପ୍ରୋଟିନରେ ଅସାଧାରଣ ଭାବରେ ଅଧିକ ସଂଖ୍ୟକ ମ୍ୟୁଟେସନ ଅଛି। ଏହା ଭାଇରସର ଏକ ଅଂଶ ଯାହା ଏହାକୁ ମାନବ କୋଷରେ ପ୍ରବେଶ କରିବାରେ ସାହାଯ୍ୟ କରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକ ଏହି ପ୍ରକାରର ଦ୍ରୁତ ଗତିରେ ବ୍ୟାପିବାର ସମ୍ଭାବନା ଉପରେ କଡ଼ା ନଜର ରଖିଛନ୍ତି। କାନାଡା, ଆମେରିକା, ସ୍ପେନ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଇସ୍ରାଏଲ, ସିଙ୍ଗାପୁରରେ ଏହି ଭାରିଆଣ୍ଟରେ ଲୋକେ ଆକ୍ରାନ୍ତ ହୋଇଥିବାର ରିପୋର୍ଟ



ମିଳିଛି ।ଜର୍ଣ୍ଣାଲ ଅଫ୍ ଇନଫେକ୍ସନ ଏହି ଭାରିଆଣ୍ଟ ଉପରେ ଏକ ପ୍ରାରମ୍ଭିକ ଅଧ୍ୟୟନ ପ୍ରକାଶ କରିଛି। ଅଧ୍ୟୟନରୁ ଜଣାପଡିଛି ଯେ, ଏହାର ଦ୍ରୁତ ପ୍ରସାର ଏସିଇ-୨ ରିସେପ୍ଟର ସହିତ ଦ୍ରୁତ ଭାବରେ ବନ୍ଧନ ଯୋଗୁଁ ହୋଇପାରେ। ଏହି ପରିବର୍ତ୍ତନ ଯୋଗୁଁ, ଏହା ଅନ୍ୟ ଭାରିଆଣ୍ଟ ତୁଳନାରେ ମାନବ କୋଷରେ ଅଧିକ ସହଜରେ ପ୍ରବେଶ କରିବାକୁ ସକ୍ଷମ ।ଗବେଷକମାନେ ଏପରି କୌଣସି ପ୍ରମାଣ ପାଇନାହାନ୍ତି ଯେ, ଏହା ଅନ୍ୟ ଭାରିଆଣ୍ଟ ତୁଳନାରେ ଟୀକାରୁ ପ୍ରାପ୍ତ ଆଣ୍ଟିବଡିକୁ ଅକାମୀ କରିବାକୁ ଅଧିକ ସକ୍ଷମ। ଏହାର ଲକ୍ଷଣ ସାଧାରଣ ଥଣ୍ଡା ଏବଂ ଫ୍ଲୁ ପରି ।ଏହା କୋଭିଡ୍-୧୯ ମହାମାରୀ ଆରମ୍ଭରେ ଯେପରି ଗୁରୁତର ଅସୁସ୍ଥତା କିମ୍ବା ମୃତ୍ୟୁର କାରଣ ହେଉନାହିଁ। କିନ୍ତୁ ଏହା ଯୋଗୁଁ ଦୁର୍ବଳ ସ୍ୱାସ୍ଥ୍ୟ ଥିବା ଲୋକଙ୍କ ପାଇଁ ବିପଦ ରହିଛି। ଡାକ୍ତରମାନେ କହିଛନ୍ତି ଯେ ଏହି ନୂତନ ଭାରିଆଣ୍ଟ ଅନ୍ୟ ସାମ୍ପ୍ରତିକ ଭାରିଆଣ୍ଟ ତୁଳନାରେ ଅଧିକ ବିପଦପୂର୍ଣ୍ଣ ମନେହେଉ ନାହିଁ।ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଏହି ଭାରିଆଣ୍ଟର ଲକ୍ଷଣଗୁଡ଼ିକ ମଧ୍ୟ ସାଧାରଣ ଥଣ୍ଡା ସହିତ ସମାନ। କିନ୍ତୁ ସଠିକ୍ ଚିହ୍ନଟ ପାଇଁ ଆଣ୍ଟିଜେନ୍ ପରୀକ୍ଷା ଆବଶ୍ୟକ। ଜିନୋମିକ୍ ସିକ୍ୱେନ୍ସିଙ୍ଗ୍ ମାଧ୍ୟମରେ ଭାଇରସର ଭାରିଆଣ୍ଟଗୁଡ଼ିକୁ ଚିହ୍ନଟ କରାଯାଇଥାଏ।

ଆର୍ଜେଣ୍ଟିନା ନୌସେନା, ବାୟୁସେନାକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଇରାନ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):ବ୍ୟୁନୋସ ଆୟର୍ସ ଇରାନର ଇସଲାମିକ୍ ରେଭଲ୍ୟୁସନ ଗାର୍ଡ଼ସ କର୍ପସ (ଆଇଆରଜିସି)କୁ ଏକ ଆତଙ୍କବାଦୀ ସଂଗଠନ ଭାବରେ ଉପସ୍ଥାପନ କରିବା ପରେ ଇରାନର ବୈଦେଶିକ ମନ୍ତ୍ରଣାଳୟ ଏହାର ଜବାବରେ ଆର୍ଜେଣ୍ଟିନାର ନୌସେନା ଏବଂ ବାୟୁସେନାକୁ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛି। ବୁଧବାର ଜାରି ଏକ ବିବୃତିରେ ଇରାନର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଆର୍ଜେଣ୍ଟିନା ସରକାର ଆନ୍ତର୍ଜାତୀୟ ଆଇନର ମୌଳିକ ନୀତିର ଉଲ୍ଲଂଘନ କରି ଇସଲାମିକ୍ ଗଣରାଜ୍ୟର ସରକାରୀ ସଶସ୍ତ୍ର ବାହିନୀକୁ ଆତଙ୍କବାଦୀ ସଂଗଠନ ଭାବରେ ନାମିତ କରି ଇରାନ ବିରୋଧରେ ଏକ ଶତ୍ରୁତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।ଇରାନର ନିଷ୍ପତ୍ତି ପାରସ୍ପରିକତାର ନୀତି ଏବଂ ୨୦୧୯ର



ଆମେରିକା ଦ୍ୱାରା ଇସଲାମିକ ରେଭଲ୍ୟୁସନ ଗାର୍ଡ଼ସ କର୍ପସକୁ ଏକ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରାଯିବାର ଜବାବରେ ପ୍ରତିକାର ଶୀର୍ଷକ ଆଇନ ଉପରେ ଆଧାରିତ। ଆଇନ ଅନୁଯାୟୀ, ଯେଉଁ ଦେଶ ଆଇଆରଜିସିକୁ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରି ଆମେରିକାର ନିଷ୍ପତ୍ତିକୁ ସମର୍ଥନ କରିବେ ସେମାନଙ୍କ ବିରୋଧରେ ପାରସ୍ପରିକ ପଦକ୍ଷେପ ନିଆଯିବ ।ତେଣୁ, ଇରାନ ଆର୍ଜେଣ୍ଟିନାର ନୌସେନା ଏବଂ ବାୟୁସେନାକୁ ଆଇନର ବ୍ୟବସ୍ଥା ଅନୁଯାୟୀ ବିଚାର କରି ଉଭୟ ସାମରିକ ଶାଖାକୁ ଆତଙ୍କବାଦୀ ସଂଗଠନ ଭାବରେ ନାମିତ କରିଛି ବୋଲି ବିବୃତିରେ କୁହାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ଜୋର୍ ଦେଇ କହିଛି ଯେ, ଏହି ପଦକ୍ଷେପ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ତ ପରିଣାମ ପାଇଁ ଆର୍ଜେଣ୍ଟିନା ସରକାର ଉତ୍ତରଦାୟୀ ରହିବେ।

ପରମାଣୁ ସୂଚନା ପାଇଁ ଆମେରିକାର ୨୦ ମିଲିୟନ ଡଲାର ପୁରସ୍କାର ଘୋଷଣା

ଜାତିସଂଘ,ଆଇଏଇଏକୁ ନିନ୍ଦା କରିବାକୁ ଅନୁରୋଧ କଲା ଇରାନ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପାଇଁ ୨୦ ନିୟୁତ ଡଲାର ପର୍ଯ୍ୟନ୍ତ ଆମେରିକାର ପୁରସ୍କାର ଘୋଷଣାକୁ ନିନ୍ଦା କରିବାକୁ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଜାତିସଂଘ ଏବଂ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)କୁ ଅନୁରୋଧ କରି ଚେତାବନୀ ଦେଇଛନ୍ତି ଯେ, ଏହି ପଦକ୍ଷେପ ଦେଶର ପରମାଣୁ ପ୍ରତିଷ୍ଠାନ ଏବଂ ବୈଜ୍ଞାନିକମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଇରାନର ସରକାରୀ ଇସଲାମିକ୍ ରିପବ୍ଲିକ୍ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଜାତିସଂଘର ମହାସଚିବ ଆ[illegible]ନିଓ ଗୁଟେରେସ, ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷ ଏବଂ ଆଇଏଇଏ ନିର୍ଦ୍ଦେଶକ ରାଫେଲ ଗ୍ରୋସିଙ୍କୁ ଲେଖିଥିବା ଏକ ଚିଠିରେ ଆରାଘଚି ଏହି ଘୋଷଣାକୁ ଘୃଣ୍ୟ ବୋଲି ବର୍ଣ୍ଣନା କରି ଏହାକୁ କଡ଼ା ସ୍ୱରରେ ନିନ୍ଦା କରିବାକୁ ଅନୁରୋଧ କରିଛନ୍ତି।ସେ କହିଛନ୍ତି ଯେ, ଆମେରିକାର ଷ୍ଟେଟ୍ ଡିପାର୍ଟମେଣ୍ଟର ରିୱାର୍ଡସ ଫର୍ ଜଷ୍ଟିସ୍ ପ୍ରୋଗ୍ରାମ ମାଧ୍ୟମରେ ଘୋଷଣା କରାଯାଇଥିବା ଏବଂ ଆମେରିକାର କେନ୍ଦ୍ରୀୟ କମାଣ୍ଡ



ସେଣ୍ଟକମ୍ ଦ୍ୱାରା ପୁନଃପ୍ରକାଶିତ ଏହି ପ୍ରସ୍ତାବରେ ପରମାଣୁ ପ୍ରତିଷ୍ଠାନ, ଉପକରଣ, ବୈଜ୍ଞାନିକ ଏବଂ କର୍ମଚାରୀଙ୍କ ବିଷୟରେ ସୂଚନା ଲୋଡ଼ାଯାଇଥିଲା ଏବଂ ସୂଚନା ପ୍ରଦାନକାରୀଙ୍କର ସୁରକ୍ଷିତ ସମ୍ଭାବ୍ୟ ସ୍ଥାନାନ୍ତର ପାଇଁ କୁହାଯାଇଥିଲା। ସେ ୱାସିଂଟନ ଉପରେ ଇରାନର ପରମାଣୁ କାର୍ଯ୍ୟକ୍ରମ ବିରୋଧରେ ଗୁପ୍ତଚରମାନଙ୍କୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରି ଚେତାବନୀ ଦେଇଛନ୍ତି ଯେ, ଏଭଳି ପଦକ୍ଷେପ ପରମାଣୁ ବୈଜ୍ଞାନିକ ଏବଂ ବୈଷୟିକ କର୍ମଚାରୀମାନଙ୍କୁ ହତ୍ୟା, ଅନ୍ତର୍ଘାତ ଏବଂ ଅନ୍ୟାନ୍ୟ ସୁରକ୍ଷା ବିପଦର ସମ୍ମୁଖୀନ କରିପାରେ। ଆରାଘଚି ଯୁକ୍ତି ଦେଇଛନ୍ତି ଯେ, ଆଇଏଇଏ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ପରମାଣୁ ପ୍ରତିଷ୍ଠାନ ବିଷୟରେ ଗୋପନୀୟ ସୂଚନା ଖୋଜିବା ଏଜେନ୍ସିର ମନିଟରିଂ ସିଷ୍ଟମର ବିଶ୍ୱସନୀୟତା ଏବଂ ଅଖଣ୍ଡତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ସେ ଚେତାବନୀ ଦେଇଛନ୍ତି, ଯେତେବେଳେ ପରମାଣୁ ପ୍ରତିଷ୍ଠାନ, କର୍ମଚାରୀ ଏବଂ ସମ୍ବେଦନଶୀଳ ସୂଚନା ଆକ୍ରମଣ ଏବଂ ଅନ୍ତର୍ଘାତର ବିପଦର ସମ୍ମୁଖୀନ ହୁଏ, ସେତେବେଳେ ସୁରକ୍ଷା ଦାୟିତ୍ୱର ସାଧାରଣ କାର୍ଯ୍ୟକାରୀତା ଆଶା କରାଯାଇପାରିବ ନାହିଁ।ସେ ଗୁରୁତ୍ୱାରୋପ କରିଛନ୍ତି, ପରମାଣୁ ଅପ୍ରସାର ଚୁକ୍ତିନାମା (ଏନପିଟି)ର ଧାରା-୪ ଦେଶଗୁଡ଼ିକର ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ପରମାଣୁ ଶକ୍ତି ବିକାଶ ଏବଂ ବ୍ୟବହାର କରିବାର ଅଧିକାରକୁ ସ୍ୱୀକୃତି ଦିଏ। ଆରାଘଚି ଜାତିସଂଘ ସୁରକ୍ଷା ପରିଷଦକୁ ଆହ୍ୱାନ କରିଛନ୍ତି ଯେ ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ପାଇଁ ସମ୍ଭାବ୍ୟ ପରିଣାମକୁ ସମାଧାନ କରନ୍ତୁ ଏବଂ ବେଆଇନ କାର୍ଯ୍ୟ ପାଇଁ ୱାସିଂଟନକୁ ଉତ୍ତରଦାୟୀ କରନ୍ତୁ। ଆରାଘଚି ଗ୍ରୋସିଙ୍କୁ ଯାଞ୍ଚ ସମୟରେ ସଂଗୃହୀତ ଗୋପନୀୟ ସୂଚନାକୁ ସୁରକ୍ଷିତ ରଖିବା, ଗୁପ୍ତଚର ଉଦ୍ଦେଶ୍ୟରେ ଏହାର ଅପବ୍ୟବହାରକୁ ରୋକିବା ଏବଂ ଆଇଏଇଏ ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ସମ୍ମୁଖରେ ମାମଲା ଆଣିବାକୁ ଅନୁରୋଧ କରିଛନ୍ତି।

ବ୍ୟାଟେରି ବର୍ଜ୍ୟବସ୍ତୁ ରପ୍ତାନି ନିଷିଦ୍ଧ


ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):ଦେଶରେ ବ୍ୟାଟେରି ପୁନଃଚକ୍ରଣ ଶିଳ୍ପକୁ ଅଧିକ ସୁଦୃଢ଼ କରିବା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦର ସଂରକ୍ଷଣ ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ବ୍ୟବହାର ଅନୁପଯୋଗୀ ହୋଇଯାଇଥିବା କିଛି ପ୍ରକାର ବ୍ୟାଟେରିର ଅବର୍ଜନା ଓ ସ୍କ୍ରାପ୍ ରପ୍ତାନି ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି। ଏଥିରେ ଲିଥିୟମ୍-ଆୟନ ବ୍ୟାଟେରିରୁ ମିଳୁଥିବା ବ୍ଲାକ୍ ମାସ୍ ସାମିଲ ରହିଛି। ତୁରନ୍ତ ଏହି ନିଷ୍ପତ୍ତି ଲାଗୁ ହୋଇଛି। ପୁରୁଣା ଲିଥିୟମ୍-ଆୟନ ବ୍ୟାଟେରିକୁ ଭାଙ୍ଗି ଓ ଗୁଣ୍ଡ କରିବା ପରେ ଯେଉଁ କଳା ରଙ୍ଗର ଗୁଣ୍ଡ ମିଳେ ତାହାକୁ ବ୍ଲାକ୍ ମାସ୍ କୁହାଯାଏ। ଏଥିରେ ଲିଥିୟମ୍, କୋବାଲ୍ଟ ଓ ନିକେଲ୍ ଭଳି ମୂଲ୍ୟବାନ ଖଣିଜ ପଦାର୍ଥ ରହିଛି। ଏହି ଖଣିଜଗୁଡ଼ିକୁ ପୁନରୁଦ୍ଧାର କରି ନୂଆ ବ୍ୟାଟେରି ତିଆରିରେ ବ୍ୟବହାର କରାଯିବ।ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନସ୍ଥ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି କରିଛି। ଏହା ଅନୁଯାୟୀ, ପ୍ରାଥମିକ ସେଲ୍, ବ୍ୟାଟେରି ଓ ଇଲେକ୍ଟ୍ରିକ୍ ଆକ୍ୟୁମୁଲେଟରର ବ୍ୟବହୃତ ଅବର୍ଜନା ଓ ସ୍କ୍ରାପ୍ ରପ୍ତାନି ନୀତିରେ ପରିବର୍ତ୍ତନ କରାଯାଇଛି। ଏହି ବର୍ଜ୍ୟବସ୍ତୁରେ ସୀସା, କ୍ୟାଡ୍‌ମିୟମ୍ ଓ ମର୍କ୍ୟୁରି ନଥିବା ସର୍ତ୍ତରେ ଏହାକୁ ରପ୍ତାନି କରିବା ପାଇଁ ପୂର୍ବରୁ ଅନୁମତି ଥିଲା। ଏବେ ଏହାକୁ ନିଷିଦ୍ଧ ବର୍ଗକୁ ପରିବର୍ତ୍ତନ



କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।ଇଲେକ୍ଟ୍ରିକ୍ ଯାନ (ଇଭି), ସ୍ମାର୍ଟଫୋନ୍ ଓ ଶକ୍ତି ସଂରକ୍ଷଣ ବ୍ୟବସ୍ଥାରେ ଲିଥିୟମ୍-ଆୟନ ବ୍ୟାଟେରି ବ୍ୟବହାର ହୋଇଥାଏ। ଏହି ବ୍ୟାଟେରିଗୁଡ଼ିକର ଚାହିଦା ବଢ଼ିବା ସହ ଏଥିରୁ ମିଳୁଥିବା ଖଣିଜ ପଦାର୍ଥର ଗୁରୁତ୍ୱ ମଧ୍ୟ ବଢ଼ିଛି। ତେଣୁ ପୁରୁଣା ବ୍ୟାଟେରିରୁ ମୂଲ୍ୟବାନ ଖଣିଜ ପଦାର୍ଥ ବାହାର କରିବା ଭାରତ ପାଇଁ ଏକ ବଡ଼ ଶିଳ୍ପ ସୁଯୋଗ ଭାବେ ଦେଖାଦେଇଛି। ଭାରତରେ ବର୍ତ୍ତମାନ ବ୍ଲାକ୍ ମାସ୍‌ରୁ ଲିଥିୟମ୍, କୋବାଲ୍ ?ଟ ଓ ନିକେଲ୍ ଭଳି ଖଣିଜ ପଦାର୍ଥ ବାହାର କରିବାର କ୍ଷମତା ସୀମିତ ରହିଛି। ଫଳରେ କିଛି ପରିମାଣର ବ୍ୟାଟେରି ବର୍ଜ୍ୟବସ୍ତୁରୁ ମୂଲ୍ୟବାନ ଖଣିଜ ପଦାର୍ଥ ପୁନରୁଦ୍ଧାର ନକରି ବିଦେଶକୁ ରପ୍ତାନି କରାଯାଉଥିଲା। ଏହାଦ୍ୱାରା ଦେଶ ନିଜର ମୂଲ୍ୟବାନ ସମ୍ପଦ ହରାଉଥିବା ସରକାର ଅନୁଭବ କରିଛନ୍ତି। ଏହି କଟକଣା ଦ୍ୱାରା ଦେଶ ମଧ୍ୟରେ ବ୍ୟାଟେରି ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଓ ଖଣିଜ ପୁନରୁଦ୍ଧାର ଶିଳ୍ପର ବିକାଶ ହେବ ବୋଲି ଆଶା କରାଯାଉଛି। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାର ସେପ୍ଟେମ୍ବରରେ ୧,୫୦୦ କୋଟି ଟଙ୍କାର ଏକ ପ୍ରୋତ୍ସାହନ ଯୋଜନା ଆରମ୍ଭ କରିଥିଲେ।

ପାୟଲ ନାଗ ପାଇଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି

ଭୁବନେଶ୍ୱର୧୧।୧୧: ଓଡ଼ିଶାର ପାରା କ୍ରୀଡ଼ାବିତ୍ ପାୟଲ ନାଗଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ମହିଳା ପାରା କମ୍ପାଉଣ୍ଡ ଡବଲ୍ସ ବର୍ଗରେ ପାରା ତୀରନ୍ଦାଜ ପାୟଲ ନାଗ ରୌପ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆଜି କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଏବଂ ନିର୍ଦ୍ଦେଶକ ଡ଼ା. ୟେଦୁଲା ବିଜୟ ପାୟଲଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର କମିସନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ କହିଛନ୍ତି ଯେ, ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ପାୟଲ ନାଗ ରୌପ୍ୟ ପଦକ ହାସଲ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ପାୟଲଙ୍କ ଏହି ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ପ୍ରଦାନ କରିଛି। ପାୟଲଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିବା ସହ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ନିରନ୍ତର ଭାବେ କାର୍ଯ୍ୟ କରାଯାଉଛି ବୋଲି ସଚିବ ଭୂପେନ୍ଦ୍ର ସିଂହ ପୁନିଆ ମତପ୍ରକାଶ କରିଛନ୍ତି।



ଓଡ଼ିଶା ପୁରୁଷ କ୍ରିକେଟ୍ ଦଳରେ ବଲାଙ୍ଗିରର ୩ ଖେଳାଳି

ଓମକାର ମହାନ୍ତି, ଯୋଗେଶ୍ୱର ବାଗ ଓ ସିଦ୍ଧେଶ୍ୱର ବାଗଙ୍କୁ ମିଳିଲା ସୁଯୋଗ

ବଲାଙ୍ଗିର,୧୧।୧୧: ଚଳିତ ବର୍ଷ ଓଡ଼ିଶା ପୁରୁଷ କ୍ରିକେଟ୍ ଦଳରେ ବଲାଙ୍ଗିର ଜିଲ୍ଲାର ତିନି ଜଣ ପ୍ରତିଭାବାନ ଯୁବ କ୍ରିକେଟର ସ୍ଥାନ ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ଓମକାର ମହାନ୍ତି, ଯୋଗେଶ୍ୱର ବାଗ ଓ ସିଦ୍ଧେଶ୍ୱର ବାଗ ।

ବଲାଙ୍ଗିରର ଓମକାର ମହାନ୍ତି ଆସନ୍ତା ନଭେମ୍ବର ୧୪ ତାରିଖରୁ କୋଲକାତାଠାରେ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ପାଇଁ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତା ନଭେମ୍ବର ୧୪ରୁ ଆରମ୍ଭ ହୋଇ ୨୬ ତାରିଖରେ ଶେଷ ହେବ ।

ସେହିପରି ବଲାଙ୍ଗିରର ଯୁବ ଖେଳାଳି ଯୋଗେଶ୍ୱର ବାଗ ଓଡ଼ିଶା ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇ କୁଚ୍ ବିହାର ଟ୍ରଫିର ଦୁଇଟି ମ୍ୟାଚ୍ ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ନଭେମ୍ବର ୨୬ ତାରିଖରେ ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମଠାରେ ଗୋଆ ବିପକ୍ଷରେ ଓଡ଼ିଶା ଦଳ ଖେଳିବାକୁ ଥିବାବେଳେ ଡିସେମ୍ବର ୩ ତାରିଖରେ ବରଗଡ଼ର ବିକାଶ ଷ୍ଟାଡିୟମଠାରେ ପଶ୍ଚିମବଙ୍ଗ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ଅନ୍ୟପକ୍ଷରେ ଯୋଗେଶ୍ୱର ବାଗଙ୍କ ସାନଭାଇ ତଥା ବଲାଙ୍ଗିର ଜିଲ୍ଲାର ଆଉ ଜଣେ ଉଦୀୟମାନ କ୍ରିକେଟର ସିଦ୍ଧେଶ୍ୱର ବାଗ ମଧ ଓଡ଼ିଶା ୧୬ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି। ସେ ଆସନ୍ତା ନଭେମ୍ବର ୧୪ ତାରିଖରୁ କର୍ଣ୍ଣାଟକଠାରେ ଆରମ୍ଭ ହେବାକୁ ଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଦୁଇଟି ମ୍ୟାଚ୍ ପାଇଁ ମନୋନୀତ ହୋଇଛନ୍ତି ।



ବଲାଙ୍ଗିର ଜିଲ୍ଲାର ତିନି ଜଣ ଖେଳାଳି ଏକାସାଙ୍ଗରେ ଓଡ଼ିଶାର ବିଭିନ୍ନ ବୟସ ବର୍ଗ ଓ ସିନିୟର ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇବା ଖବର ଜିଲ୍ଲାର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହର ଲହରୀ ସୃଷ୍ଟି କରିଛି ।

ଏହି ଗୌରବମୟ ସଫଳତା ପାଇଁ ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ତିନି ଖେଳାଳିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଆଗାମୀ କ୍ରୀଡ଼ା ଜୀବନରେ ଅଧିକ ସଫଳତା କାମନା କରାଯାଇଛି ।

ବଲାଙ୍ଗିର ମାଟିର ଏହି ତିନି ପ୍ରତିଭା ଆଗାମୀ ଦିନରେ ଜାତୀୟ ସ୍ତରରେ ଜିଲ୍ଲା ଓ ଓଡ଼ିଶାର ଗୌରବ ବଢ଼ାନ୍ତୁ ।

ପୂର୍ବାଞ୍ଚଳ ମହିଳା ଟି-୨୦ ଦଳରେ ଓଡ଼ିଶାର ୩ ଖେଳାଳି

କଟକ, ୧୧।୧୧: ବିସିସିଆଇର ଘରୋଇ କ୍ରିକେଟ୍ ଋତୁ ୨୦୨୬-୨୭ ପାଇଁ ଆୟୋଜିତ ହେବାକୁ ଥିବା ସିନିୟର ମହିଳା ଇଣ୍ଟର ଜୋନାଲ ଟି-୨୦ ଟ୍ରଫିରେ ଓଡ଼ିଶାର ଖେଳାଳିମାନେ ସୁଯୋଗ ପାଇଛନ୍ତି। ପୂର୍ବାଞ୍ଚଳ (ଇଷ୍ଟ ଜୋନ୍) ଦଳର ୧୫ ଜଣିଆ ଚୂଡ଼ାନ୍ତ ଦଳରେ ଓଡ଼ିଶାର ତନ୍ମୟୀ ବେହେରା, ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ଶୁଭ୍ରା ଏନ୍. ସ୍ୱାଇଁ ସ୍ଥାନ ପାଇଛନ୍ତି। ସେହିପରି ଅନନ୍ୟା ମିଶ୍ରଙ୍କୁ ଷ୍ଟାଣ୍ଡବାଏ ଖେଳାଳି ଭାବେ ମନୋନୀତ କରାଯାଇଛି।ଆସନ୍ତା ନଭେମ୍ବର ୨୪ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆସାମର ଗୁଆହାଟୀଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମନୋନୀତ ତନ୍ମୟୀ ବେହେରା ବ୍ୟାଟର୍ ଭାବେ ଦଳରେ ସ୍ଥାନ ପାଇଥିବାବେଳେ ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଶୁଭ୍ରା ଏନ୍. ସ୍ୱାଇଁ ଅଲରାଉଣ୍ଡର୍ ଭାବେ ଦଳକୁ ପ୍ରତିନିଧିତ୍ୱ କରିବେ। ଏହା ସହିତ ଓଡ଼ିଶାର ମଧୁସ୍ମିତା ବେହେରାଙ୍କୁ ଇଷ୍ଟ ଜୋନ୍ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ଜି. ପୋଲାମାଙ୍କୁ ଦଳର ଶକ୍ତି ଓ ଶାରୀରିକ ସକ୍ଷମତା ପ୍ରଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ଓଡ଼ିଶାର ଖେଳାଳି ଓ ପ୍ରଶିକ୍ଷକଙ୍କ ଏହି ମନୋନୟନକୁ ନେଇ ଓଡ଼ିଶା କ୍ରିକେଟ୍ ମହଲରେ ଖୁସି ପ୍ରକାଶ ପାଇଛି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ମନୋନୀତ ଖେଳାଳି ଏବଂ ସହାୟକ ପ୍ରଶିକ୍ଷକ ଦଳକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ନ୍ୟୁଜିଲାଣ୍ଡ ଟେଷ୍ଟ୍ ଦଳ ଘୋଷିତ: ରାଚିନ, କନୱେ ଫେରିଲେ

ୱେଲିଂଟନ୧୧।୧୧:: ଭାରତ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ୍ ଶୃଙ୍ଖଳା ଲାଗି ବୁଧବାର ନ୍ୟୁଜିଲାଣ୍ଡ ଦଳ ଘୋଷିତ ହୋଇଛି। ଆହତ ଯୋଗୁଁ ବାଦ୍ ପଡ଼ିଥିବା ଦୁଇ ତାରକା ବ୍ୟାଟର୍ ରାଚିନ ରବୀନ୍ଦ୍ର, ଡେଭନ କନୱେ ଏବଂ ୱିକେଟକିପର ଟମ୍ ବ୍ଲଣ୍ଡେଲ ଦଳକୁ ଫେରିଛନ୍ତି। ଟ୍ୱେଣ୍ଟି-୨୦ ଶୃଙ୍ଖଳା ପୂର୍ବରୁ ହେଉଥିବା ପ୍ରମୋସନ ସୁଟ୍ ବେଳେ ରବୀନ୍ଦ୍ରଙ୍କ ଡାହାଣ କାନ୍ଧ ଖସି ଯାଇଥିଲା। ଫଳରେ ଭାରତ ବିପକ୍ଷ ପୂରା ଧଳାବଲ୍ ଶୃଙ୍ଖଳାରେ ସେ ଖେଳି ପାରି ନଥିଲେ। ସେହିପରି ପ୍ରଥମ ଦିନିକିଆ ପୂର୍ବ ଅଭ୍ୟାସ ବେଳେ କନୱେ ମସ୍ତିଷ୍କାଘାତ ଯୋଗୁଁ ଦଳରୁ ବାଦ୍ ପଡ଼ିଥିଲେ। ବ୍ଲଣ୍ଡେଲଙ୍କ ଜଙ୍ଘରେ ଆଘାତଜନିତ ସମସ୍ୟା ଦେଖାଯାଇଥିଲା। ଏବେ ଏହି ୩ ଜଣ ଦଳକୁ ଫେରିଛନ୍ତି। ହେଲେ ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାକୁ ୨-୧ରେ ଜିତିଥିବା ଦଳର ସଦସ୍ୟ ଥିବା ବେନ୍ ସିଅର୍ସ ଗୋଇଠି ଜନିତ ଓ ଜ୍ୟାକ୍ ଫକ୍ସ ପିଚା ଜନିତ ଆଘାତ ସମସ୍ୟା ଏବଂ ୱିଲ୍ ଓ'ରୁରକି ଖେଳିବା ପାଇଁ ପ୍ରସ୍ତୁତ କାର୍ଯ୍ୟକ୍ରମରେ ଥିବାରୁ ପ୍ରତ୍ୟାବର୍ତ୍ତନ କରି ପାରିନାହାନ୍ତି। ତେବେ ଟମ୍ ଲାଥମଙ୍କ ଅଧିନାୟକତ୍ୱରେ ଘୋଷିତ ଦଳକୁ ଜାକବ ଡଫି ଫେରିଛନ୍ତି। ଚଳିତ ମାସ ୧୯ରୁ ପ୍ରଥମ ଟେଷ୍ଟ୍ ୱେଲିଂଟନ୍‌ରେ ଏବଂ ୨୭ରୁ ଖ୍ରୀଷ୍ଟଚର୍ଚ୍ଚରେ ଦ୍ୱିତୀୟ ଟେଷ୍ଟ୍ ଖେଳାଯିବ। ନ୍ୟୁଜିଲାଣ୍ଡ ଟେଷ୍ଟ୍ ଦଳ: ଟମ୍ ଲାଥମ (ଅଧିନାୟକ), ଟମ ବ୍ଲଣ୍ଡେଲ (ୱିକେଟ୍‌କିପର), ଡେଭନ କନୱେ, ଜାକବ ଡଫି, ମ୍ୟାଟ୍ ହେନରି, କାଇଲ ଜାମିସନ, ଡାରିଲ ମିଚେଲ, ହେନରି ନିକୋଲ୍ସ, ଗ୍ଲେନ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର, ନାଥନ ସ୍ମିଥ, ବ୍ଲେୟର ଟିକ୍‌ନର, ୱିଲ ୟଙ୍ଗ।

ସୋମାୟାଙ୍କ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଉଦ୍ଧାର

ବେଙ୍ଗାଲୁରୁ୧୧।୧୧:: ପୂର୍ବତନ ଭାରତୀୟ ହକି ଅଧିନାୟକ ଏମ୍ ଏମ୍ ସୋମାୟାଙ୍କ ଚୋରି ହୋଇଥିବା ୧୯୮୦ ମସିହା ମସ୍କୋ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ସମେତ ସମସ୍ତ ମୂଲ୍ୟବାନ ସାମଗ୍ରୀକୁ ଉଦ୍ଧାର କରିଛି ବେଙ୍ଗାଲୁରୁ ପୁଲିସ। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଚୋରି ହୋଇଥିବା ୮ଟି ପଦକ, କ୍ୟାମେରା, କୋଡାଗୁ ଖଣ୍ଡା ଓ ଅଲିମ୍ପିକ୍ କିଟ୍ ବ୍ୟାଗ୍ ସହ ଅପରାଧରେ ବ୍ୟବହୃତ ଦୁଇଚକିଆ ଯାନକୁ ମଧ ପୁଲିସ ଜବତ କରିଛି। ବୁଧବାର ଏହି ସଫଳତା ପାଇଁ ବେଙ୍ଗାଲୁରୁ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି ସୋମାୟା। ସେ କହିଛନ୍ତି, ଚୋରି ହୋଇଥିବା ପଦକଗୁଡ଼ିକ ଫେରି ପାଇବା ପରେ ତାଙ୍କୁ ପୁଣି ଥରେ ସେହି ପଦକ ଜିତିବାର ଅନୁଭୂତି ହେଉଛି। ଏହି ପଦକଗୁଡ଼ିକ ତାଙ୍କ ଦୀର୍ଘ ବର୍ଷର କଠିନ ପରିଶ୍ରମ ଓ ସଂଘର୍ଷର ସ୍ମୃତି ବହନ କରୁଛି।ସେ କହିଛନ୍ତି, ହକି ଏକ ସୌଖିନ ଖେଳ ଥିବା ସମୟରେ ଏହି ପଦକଗୁଡ଼ିକ ଜିତିଥିଲେ। ସେତେବେଳେ ଖେଳାଳିଙ୍କ ପାଇଁ କୌଣସି ଆର୍ଥିକ ପୁରସ୍କାର ନଥିଲା। ପଦକ ହିଁ ସେମାନଙ୍କ ପରିଶ୍ରମର ଏକମାତ୍ର ସ୍ୱୀକୃତି ଥିଲା। ବିଶେଷ କରି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ତାଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ।






ସୂଚନାଯୋଗ୍ୟ ଯେ ଅକ୍ଟୋବର ୨୮ ତାରିଖରେ ଇନ୍ଦିରାନଗର ଥାନା ଅଧୀନ ଏଚ୍‌ଏଏଲ୍ ତୃତୀୟ ଷ୍ଟେଜ୍‌ସ୍ଥିତ ସୋମାୟାଙ୍କ ବାସଭବନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା।

ପୁଲିସ ରାଜାଜୀନଗରରୁ ଦୁଇଟି ପଦକ ଏବଂ ହୋସକୋଟେରୁ ଅବଶିଷ୍ଟ ୬ଟି ପଦକ ସହ ଅନ୍ୟ ସାମଗ୍ରୀ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ପଦକ ମଧ୍ୟରେ ୧୯୮୦ ମସ୍କୋ ଅଲିମ୍ପିକ୍ସର ସ୍ୱର୍ଣ୍ଣ, ୧୯୮୨ ଏସୀୟ କ୍ରୀଡ଼ାର ରୌପ୍ୟ, ୧୯୮୬ ସିଓଲ୍ ଏସୀୟ କ୍ରୀଡ଼ାର କାଂସ୍ୟ ଏବଂ ୧୯୮୨ ଆମଷ୍ଟରଡାମ୍ ଚାମ୍ପିଅନ୍ସ ଟ୍ରଫିର କାଂସ୍ୟ ପଦକ ରହିଛି। ଏହାବ୍ୟତୀତ ଇଟାଲୀର ଲେଫାନୋ ପ୍ରତିଯୋଗିତାର ସ୍ୱର୍ଣ୍ଣ ପଦକ, ୧୯୮୪ ଲସ୍ ଏଞ୍ଜେଲସ୍ ଓ ୧୯୮୮ ସିଓଲ୍ ଅଲିମ୍ପିକ୍ସର ଅଂଶଗ୍ରହଣ ପଦକ ଏବଂ ଗୁରୁ ଗୋବିନ୍ଦ ସିଂହଙ୍କ ୩୦୦ତମ ଜନ୍ମବାର୍ଷିକୀ ଉତ୍ସବ ଅବସରରେ ପ୍ରଦତ୍ତ ଏକ ରୌପ୍ୟ ପଦକ ମଧ ରହିଛି।

ଡବ୍ଲ୍ୟୁଟିଏ ଫାଇନାଲ୍ସ ସେମିରେ ନୋସ୍କୋଭା

ଇଣ୍ଡିଆନ୍‌ୱେଲ୍ସ୧୧।୧୧:: ବର୍ଷର ଶେଷ ଟେନିସ ପ୍ରତିଯୋଗିତା ଚଳିତ ଡବ୍ଲ୍ୟୁଟିଏ ଫାଇନାଲ୍ସର ସେମିଫାଇନାଲ୍‌ରେ ଚେକ୍‌ଗଣରାଜ୍ୟର ଲିଣ୍ଡା ନୋସ୍କଭା ସ୍ଥାନ ପକ୍କା କରିଛନ୍ତି। ବୁଧବାର ନୋସ୍କଭା ସିଧାସଳଖ ୬-୩, ୬-୩ ସେଟ୍‌ରେ ଆମେରିକାର କୋକୋ ଗଫ୍‌ଙ୍କୁ ପରାସ୍ତ କରି ଏହା ନିଶ୍ଚିତ କରିଥିଲେ। ବିଶ୍ୱର ଏକ ନମ୍ବର ଏଲିନା ରିବାକିନା ଅସୁସ୍ଥତା କାରଣରୁ ଏହି ପ୍ରତିଯୋଗିତାରୁ ଓହରି ଯାଇଥିଲେ। ଫଳରେ ତାଙ୍କ ସ୍ଥାନରେ ୱିମ୍ବଲଡନ୍ ବିଜୟିନୀ ନୋସ୍କଭା ସାମିଲ ହେବା ସହ ଡବ୍ଲ୍ୟୁଟିଏ ପଦାର୍ପଣରେ ସେମିଫାଇନାଲ୍‌ରେ ପହଞ୍ଚି ବଡ଼ ସଫଳତା ଅର୍ଜନ କରିଛନ୍ତି।ଅନ୍ୟଏକ ଗ୍ରୁପ୍-୧ ମ୍ୟାଚ୍‌ରେ ଆମେରିକାର ଜେସିକା ପେଗୁଲା ୬-୨, ୭-୫ ସେଟ୍‌ରେ ୟୁକ୍ରେନ୍‌ର ମାର୍ତା କୋସ୍ଟ୍ୟୁକ୍‌ଙ୍କୁ ହରାଇଛନ୍ତି। ଏହି ପରାଜୟ ସହ କୋସ୍ଟ୍ୟୁକ୍ ସେମିଫାଇନାଲ୍‌ର ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଏହି ଗ୍ରୁପରେ ଗଫ୍ ଓ ପେଗୁଲା ସଂପ୍ରତି ଗୋଟିଏ ଲେଖାଏଁ ବିଜୟ ଓ ପରାଜୟ ପାଇଛନ୍ତି। ଗୁରୁବାର ଶେଷ ଗ୍ରୁପ୍ ମ୍ୟାଚ୍ ପରେ ନୋସ୍କଭାଙ୍କ ସହ ଏହି ଗ୍ରୁପ୍‌ରୁ କିଏ ସେମିଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିବ ନିଶ୍ଚିତ ହେବ।



ଏମ୍‌ସିଏ 'ବାଟୋଗ୍ରାଫି'ରେ ପ୍ରଦର୍ଶିତ ହେବ ସଚିନଙ୍କ ୨୬ ଐତିହାସିକ ବ୍ୟାଟ୍

ମୁମ୍ବାଇ: ଭାରତୀୟ କିଂବଦନ୍ତି କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କ ୨୬ଟି ଐତିହାସିକ ବ୍ୟାଟ୍ ସହ କିଛି ସ୍ମରଣୀୟ ସାମଗ୍ରୀ ମୁମ୍ବାଇସ୍ଥିତ ଏମ୍‌ସିଏ ଶରଦ ପାୱାର କ୍ରିକେଟ୍ ସଂଗ୍ରହାଳୟରେ ପ୍ରଦର୍ଶିତ ହେବ। 'ବ୍ୟାଟୋଗ୍ରାଫି' ନାମକ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀରେ ସଚିନଙ୍କ କ୍ରିକେଟ୍ ଯାତ୍ରାର କାହାଣୀକୁ ସେହି ବ୍ୟାଟ୍‌ଗୁଡ଼ିକ ମାଧ୍ୟମରେ ବର୍ଣ୍ଣନା କରିଯିବ। ଏଥିରେ ସଚିନ ହାସଲ କରିଥିବା ୧୦୦ ଶତକରେ ଅନ୍ତର୍ଭୁକ୍ତ କିଛି ବ୍ୟାଟ୍ ସହ ତାଙ୍କ କ୍ରୀଡ଼ାଜୀବନ ସହ ଜଡ଼ିତ ଅନ୍ୟାନ୍ୟ ସାମଗ୍ରୀ (ହେଲ୍‌ମେଟ୍, ଗ୍ଲେଭ୍ସ, ପ୍ୟାଡ୍) ମଧ ରହିବ।



ଏସବୁ ସଚିନ ଉପହାର ଭାବେ ଏମ୍‌ସିଏକୁ ପ୍ରଦାନ କରିବେ। ଫଳରେ ଦର୍ଶକମାନେ ସଚିନଙ୍କ ବିଭିନ୍ନ ମାଇଲ୍‌ଖୁଣ୍ଟର ଇତିହାସ ବିଷୟରେ ସୂଚନା ପାଇପାରିବେ ବୋଲି ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ) ସଭାପତି ଅଜିଙ୍କ୍ୟ ନାଏକ କହିଛନ୍ତି। ଏହି ସଂଗ୍ରହାଳୟ ଚଳିତ ମାସ ୧୬ ତାରିଖରେ ଉଦ୍‌ଘାଟିତ ହେବ। ୧୩ ବର୍ଷ ତଳେ ଏହି ତାରିଖରେ ସଚିନ ନିଜର ୨୦୦ତମ ଟେଷ୍ଟ୍ ଘରୋଇ ପଡ଼ିଆ ୱାଙ୍ଖେଡେରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିବା ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ଏହି ସ୍ମୃତି ଉଜ୍ଜୀବିତ ରଖିବା ଲାଗି ଏମ୍‌ସିଏ ଏଭଳି ଯୋଜନା କରିଛି।

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଓଡ଼ିଶା...

ବୌଦ୍ଧ ଐତିହ୍ୟସ୍ଥଳୀ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପରିଦର୍ଶନ କରିବା ସହ ଓଡ଼ିଶାର ପର୍ଯ୍ୟଟକମାନେ ତୋତ୍ତୋରିର ସମୁଦ୍ରକୂଳ, ପର୍ବତ ଓ ସ୍ୟାଣ୍ଡ ଡ୍ୟୁନ୍ସ (ବାଲୁକା ସ୍ତୂପ) ଅନୁଭବ କରିପାରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ, ଆଜି ସ୍ୱାକ୍ଷରିତ ହୋଇଥିବା ଏହି ଚୁକ୍ତି ଦୁଇ ଅଞ୍ଚଳ ମଧ୍ୟରେ ଜ୍ଞାନ, ସଂସ୍କୃତି, ବିଶ୍ୱାସ ଏବଂ ସୁଯୋଗର ଏକ ଜୀବନ୍ତ ସେତୁ ପାଲଟିବ, ଯାହା ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ଦୁଇ ଅଞ୍ଚଳର ଜନସାଧାରଣଙ୍କ ଜୀବନଶୈଳୀକୁ ସମୃଦ୍ଧ କରିଚାଲିବ।

ତୋତ୍ତୋରି ପ୍ରିଫେକ୍ ?ଚର୍ ?ର ଗଭର୍ଣ୍ଣର ଶ୍ରୀ ଶିଞ୍ଜୀ ହିରାଇ ନିଜ ବକ୍ତବ୍ୟ ଆରମ୍ଭରେ ଓଡ଼ିଆ ଭାଷାରେ "ମୁଁ ଓଡ଼ିଶାକୁ ଭଲପାଏ" ବୋଲି କହି ଉପସ୍ଥିତ ସମସ୍ତଙ୍କ ହୃଦୟ ଜିଣିଥିଲେ। ଓଡ଼ିଶାର ବିକାଶମୂଳକ ପ୍ରଚେଷ୍ଟାକୁ ଉଚ୍ଚ ପ୍ରଶଂସା କରିବା ସହ ଉଭୟ ଅଞ୍ଚଳ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ନିଜର ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଆର୍ଥିକ ସହଯୋଗ, ସାଂସ୍କୃତିକ ଆଦାନପ୍ରଦାନ ଏବଂ ବ୍ୟବସାୟ ଓ ଜନସାଧାରଣଙ୍କ ମଧ୍ୟରେ ଗଭୀର ଭାଗିଦାରୀ ମାଧ୍ୟମରେ ଏକ ସ୍ଥାୟୀ ସମ୍ପର୍କ ଗଢ଼ିତୋଳିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ଏବଂ ତୋତ୍ତୋରି ମଧ୍ୟରେ ମିଳିତ ସହଯୋଗିତାର ବ୍ୟାପକ ସମ୍ଭାବନା ରହିଛି ଏବଂ ଏହା ଦ୍ୱିପାକ୍ଷିକ ଅଭିବୃଦ୍ଧି ପାଇଁ ନୂତନ ମାର୍ଗ ପ୍ରଶସ୍ତ କରିବ ବୋଲି ଗଭର୍ଣ୍ଣର ଶ୍ରୀ ହିରାଇ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶାର ଶିକ୍ଷ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶିକ୍ଷ ସମୃଦ୍ଧି ସହ କୌଶଳ ବିକାଶର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ତୋତ୍ତୋରି ପ୍ରିଫେକ୍ ?ଚର୍ ? ସହିତ ଓଡ଼ିଶାର ଏହି ମୈତ୍ରୀ ଭାଗିଦାରୀ ଆମର ଶିକ୍ଷ ସହଯୋଗିତା, ପ୍ରଯୁକ୍ତିବିଦ୍ୟା ବିନିମୟ ଏବଂ ପୁଞ୍ଜିନିବେଶ ସମ୍ପର୍କକୁ ସୁଦୃଢ଼ କରିବା ସହ ଦକ୍ଷତା ବିକାଶ ଓ କାରିଗରୀ ଶିକ୍ଷା କ୍ଷେତ୍ରକୁ ଅଧିକ ଆଗକୁ ନେଇଯିବ।

ଏହି ଅବସରରେ ଓଡ଼ିଶାର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗ (ଏମଏସଏମଇ), ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ବକ୍ତବ୍ୟରେ କହିଥିଲେ ଯେ ପ୍ରଯୁକ୍ତିବିଦ୍ୟା ସହଯୋଗିତା, ଯୁଗ୍ମ ଉତ୍ପାଦ ବିକାଶ, ଉତ୍ପାଦନ ସଂଯୋଗ, ବଜାର ପ୍ରବେଶ ଏବଂ ଉତ୍ତମ ବ୍ୟବସାୟିକ ପଦ୍ଧତିର ବିନିମୟ ମାଧ୍ୟମରେ ଓଡ଼ିଶାର ଏମଏସଏମଇ ଓ ଷ୍ଟାର୍ଟଅପ୍ ?ଗୁଡ଼ିକ ତୋତ୍ତୋରି ସହିତ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ସମ୍ପର୍କ ଗଢ଼ିତୋଳିବାର ବ୍ୟାପକ ସମ୍ଭାବନା ରହିଛି।

ଏହି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ କୋଲକାତାସ୍ଥିତ ଜାପାନର କନ୍ ?ସୁଲ୍-ଜେନେରାଲ୍ ? ମିଷ୍ଟର ଇକିକାୱା ୟୋସିହିସା, ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ପ୍ରମୁଖ ବିଶିଷ୍ଟ ଶିକ୍ଷପତି, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷ ବିଭାଗ ନିର୍ଦ୍ଦେଶିକା ଶ୍ରୀମତୀ ଆବୋଲି ସୁନୀଲ ନରାବନେ ଧନ୍ୟବାଦ ଜ୍ଞାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ଜାପାନର ତୋତ୍ତୋରି ପ୍ରଦେଶର ଗଭର୍ଣ୍ଣର ମିଷ୍ଟର ଶିଞ୍ଜୀ ହିରାଇ ଏହି ମୈତ୍ରୀ ଚୁକ୍ତି ପାଇଁ ଓଡ଼ିଶାକୁ ଏକ ୮୦ ଜଣିଆ ପ୍ରତିନିଧି ଦଳ ନେଇ ଆସିଛନ୍ତି। ଏହି ପ୍ରତିନିଧି ଦଳରେ ତୋତ୍ତୋରିର ବିଭିନ୍ନ ଶିକ୍ଷ ସଂସ୍ଥା, ବୈଷୟିକ ଅନୁଷ୍ଠାନ, ବ୍ୟାଙ୍କ, ଆର୍ଥିକ ସଂସ୍ଥା ଏବଂ ବାଣିଜ୍ୟ ବ୍ୟବସାୟିକ ସଂସ୍ଥାର ସଦସ୍ୟମାନେ ଅଛନ୍ତି। ଚୁକ୍ତି ସ୍ୱାକ୍ଷରିତ ପରେ ଏହି ଦଳ ଭୁବନେଶ୍ୱର ସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପରିଦର୍ଶନରେ ଯାଇ ସେଠାରେ ଛାତ୍ରଛାତ୍ରୀ, ଫାକଲ୍ ?ଟି ମେମ୍ବର୍ ?ସ ଏବଂ ଅଧିକାରୀ ମାନଙ୍କ ସହିତ ମତ ବିନିମୟ କରିଥିଲେ।

ସ୍ୱଚ୍ଛ...

ଭାବେ ପାଳନ କରାଯାଇଛି।

ଏହି ପୁରସ୍କାର ସମାରୋହରେ ସ୍ୱତନ୍ତ୍ର ଶାସନ ସଚିବ ତଥା ସ୍ୱଚ୍ଛ ଭାରତ ମିଶନ୍ ? (ସହରାଂଚଳ)ର ମିଶନ ନିର୍ଦ୍ଦେଶକ ଶ୍ରୀ ବିନୟ କୁମାର ଦାଶ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ଭୁବନେଶ୍ୱର ମହାନଗର ନିଗମର କମିଶନର, ପୁରୀ ମହାନଗର ନିଗମର ପ୍ରତିନିଧି ଏବଂ ଆସିକା ପୌରପାଳିକାର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କ ସମେତ ରାଜ୍ୟ ପ୍ରତିନିଧି ଦଳର ସଦସ୍ୟମାନେ ଉପସ୍ଥିତ ରହି ଏହି ଗୌରବମୟ ଉପଲବ୍ଧିର ଅଂଶୀଦାର ହୋଇଥିଲେ।ଏହି ସଫଳତା ରାଜ୍ୟର ସମସ୍ତ ସହରରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ସୁସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତିକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଚ୍ଛ, ସମାବେଶୀ ଓ ବାସଯୋଗ୍ୟ ସହର ଗଠନର ସଂକଳ୍ପକୁ ଆଗକୁ ବଢ଼ାଇବା ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।

ଦେଶର...

ସହରଗୁଡ଼ିକୁ ସମ୍ମାନିତ କରିଛନ୍ତି। ସ୍ୱଚ୍ଛ ଉପକୂଳ ସହର ବର୍ଗରେ ଓଡ଼ିଶାର ପୁରୀ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛି। ଏହି ବର୍ଗରେ କେରଳର ଅଲପୁଝା ଦ୍ୱିତୀୟ ଏବଂ ମହାରାଷ୍ଟ୍ରର ରତ୍ନଗିରି ତୃତୀୟ ସ୍ଥାନରେ ରହିଛି। ଧାର୍ମିକ ଓ ପର୍ଯ୍ୟଟନ ସହର ଭାବେ ପରିଚିତ ପୁରୀର ଏହି ସଫଳତା ସହରର ସ୍ୱଚ୍ଛତା ପରିଚାଳନାକୁ ନେଇ ନୂଆ ଚର୍ଚ୍ଚା ସୃଷ୍ଟି କରିଛି।ସେହିପରି ସ୍ୱଚ୍ଛ ରିଭରଫ୍ରଣ୍ଟ ଟାଉନ ବର୍ଗରେ ମଧ୍ୟପ୍ରଦେଶର ରିଭା ପ୍ରଥମ ହୋଇଥିବା ବେଳେ ଛତିଶଗଡ଼ର ବିଳାସପୁର ଦ୍ୱିତୀୟ ଓ ଉତ୍ତରପ୍ରଦେଶର ବାରଣାସୀ ତୃତୀୟ ସ୍ଥାନ ହାସଲ କରିଛି।୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହର ବର୍ଗରେ ଗ୍ରେଟର ବିଶାଖାପାଟଣା ସ୍ୱଚ୍ଛତା ରାଙ୍କିଂରେ ଶୀର୍ଷ ସ୍ଥାନ ହାସଲ କରିଛି। ଏହି ବର୍ଗରେ ମଧ୍ୟପ୍ରଦେଶର ଜବଲପୁର ଦ୍ୱିତୀୟ ଓ ଉତ୍ତରପ୍ରଦେଶର ଲକ୍ଷ୍ନୌ ତୃତୀୟ ସ୍ଥାନରେ ରହିଛି। ସେହିପରି ୩ରୁ ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ବର୍ଗରେ ମଧ୍ୟପ୍ରଦେଶର ଉଜ୍ଜୈନ ପ୍ରଥମ ହୋଇଛି। ଚଣ୍ଡିଗଡ଼ ଦ୍ୱିତୀୟ ଏବଂ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ତୃତୀୟ ସ୍ଥାନ ଅଧିକାର କରିଛି।

ଜଗନ୍ନାଥ...

ହଜାର ୭୬୪ କୋଟି ଟଙ୍କା କେବଳ ମହିଳାମାନଙ୍କ ବିକାଶ ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ରଖାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରିଷ୍ଠ ନାଗରିକମାନଙ୍କ ଜଗନ୍ନାଥ ଦର୍ଶନର ସ୍ୱପ୍ନକୁ ସାକାର କରିବା ପାଇଁ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା' ଜରିଆରେ ଜିଲ୍ଲାଗୁଡ଼ିକରୁ ଏସି ବସରେ ବରିଷ୍ଠ ନାଗରିକଙ୍କୁ ଆଣି ଦର୍ଶନ ଓ ମହାପ୍ରସାଦ ସେବନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ଏଥିସହିତ, 'ମଧୁବାବୁ ପେନସନ ଯୋଜନା'ର ସେଚୁରେଶନ୍ କାର୍ଯ୍ୟକ୍ରମ ଅଧୀନରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ଯୋଗ୍ୟ ବ୍ୟକ୍ତି ଆବେଦନ କଲେ, ସେମାନେ ବ୍ରତ ସାରି ଘରେ ପହଞ୍ଚିବା ବେଳକୁ ସାମାଜିକ ସୁରକ୍ଷା ଭତ୍ତା ପାଇପାରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶ ଭି, ବିରାଶତ ଭି' ମଡେଲକୁ ପାଥେୟ କରି ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ, ପୁରୀଠାରେ ବିଶ୍ୱସ୍ତରୀୟ ମ୍ୟୁଜିୟମ ଓ ରିସର୍ଚ୍ଚ ସେଣ୍ଟର ସ୍ଥାପନ ଏବଂ ପୁରୀକୁ ମହାନଗର ନିଗମରେ ପରିଣତ କରି ଏକ ବିଶ୍ୱସ୍ତରୀୟ ଧର୍ମୀୟ-ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ି ତୋଳିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଉକ୍ତ ସମାରୋହରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ପିପିଲି ବିଧାୟକ ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସୁରୁଖୁରୁରେ ସମସ୍ତ ବ୍ୟବସ୍ଥା ସମ୍ପାଦନ କରିଥିବାରୁ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ଓ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ଅପ୍ରତ୍ୟାଶିତ...

ଏହି ବନ୍ୟାରେ ସବୁଠାରୁ ବଡ଼ ସଫଳତା ହେଉଛି ଜିଲ୍ଲାରେ କୌଣସି ଜୀବନହାନି ଘଟିନାହିଁ। ଲୋକଙ୍କର ସମ୍ପତ୍ତି ଓ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବାରୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଦୁଇ ଦିନ ମଧ୍ୟରେ ପାନୀୟ ଜଳ ଓ ତିନି ଦିନ ମଧ୍ୟରେ ବିଦ୍ୟୁତ ସେବା ପୁନରୁଦ୍ଧାର କରିବା ସହ ରିଲିଫ ବଣ୍ଟନ କାର୍ଯ୍ୟ ଜାରି ରଖିଛି। ତେଣୁ ସରକାରଙ୍କ ପରିଚାଳନାରେ କୌଣସି ତ୍ରୁଟି ନଥିଲା ଓ ଏହି ବନ୍ୟା ମନୁଷ୍ୟକୃତ ନୁହେଁ ବରଂ ପ୍ରକୃତିର ଅତ୍ୟଧିକ ବର୍ଷା କାରଣରୁ ହିଁ ଘଟିଛି ବୋଲି ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ଦୃଢ଼ତାର ସହ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ଗତକାଲି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରି ସମାନ ସଫେଇ ଦେଇଥିଲେ । ସେ ସ୍ପଷ୍ଟ କରିଥିଲେ ଯେ ଏହା କୌଣସି ମନୁଷ୍ୟକୃତ ବନ୍ୟା ନୁହେଁ, ପୂର୍ବାନୁମାନଠାରୁ ବହୁ ଅଧିକ (୩୦୦ ମିଲିମିଟରରୁ ଉର୍ଦ୍ଧ୍ୱ) ବର୍ଷା ଯୋଗୁଁ ହିଁ ଏଭଳି ପରିସ୍ଥିତି ଉପୁଜିଥିଲା ଏବଂ ଜିଲ୍ଲାର ସମସ୍ତ ଡ୍ୟାମର ଜଳସ୍ତର ଉପରେ କଡ଼ା ନଜର ରଖାଯାଇ ଠିକ୍ ସମୟରେ ନିୟମ ଅନୁସାରେ ହିଁ ପାଣି ଛଡ଼ାଯାଇଥିଲା। ଏହାସହ ସେ ଡ୍ୟାମଗୁଡ଼ିକର ବୈଷୟିକ ସ୍ଥିତି ବାବଦରେ ବୁଝାଇ କହିଥିଲେ ଯେ କିଛି ଜଳଭଣ୍ଡାରରେ ଅଟୋମେଟିକ୍ ଗେଟ୍ ରହିଛି ଯାହା ଜଳସ୍ତର ବଢ଼ିଲେ ଆପେ ନିୟନ୍ତ୍ରିତ ହୁଏ। ଭଞ୍ଜନଗର ତଥା ସୋରଡ଼ା ଭଳି ଜଳଭଣ୍ଡାରର ଜଳଧାରଣ କ୍ଷମତା ଓ କେନାଲ ମାଧ୍ୟମରେ ନିଷ୍କାସନ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ନିର୍ଦ୍ଦିଷ୍ଟ ନିୟମାବଳୀ ମୁତାବକ କାର୍ଯ୍ୟ କରିଥାଏ, ତେଣୁ ଜଳ ପରିଚାଳନାରେ କୌଣସି ତ୍ରୁଟି ହୋଇନଥିବା ସେ ଦୃଢ଼ତାର ସହ କହିଥିଲେ।

ଗତ ୩ଦିନ ପୂର୍ବରୁ ପୂର୍ବତନ ମୁଖ୍ୟ ସଚିବ ତଥା ଜଳସମ୍ପଦ ସଚିବ ସୁରେଶ ମହାପାତ୍ର ସୋସିଆଲ ମିଡିଆରେ ନିଜର ଦୀର୍ଘ ପ୍ରଶାସନିକ ଅନୁଭୂତିର ଉଲ୍ଲେଖ କରି ଜଳସମ୍ପଦ ବିଭାଗର ଦୂରଦୃଷ୍ଟିର ଅଭାବ ଓ ଭୁଲ ପରିଚାଳନା କାରଣରୁ ଗଞ୍ଜାମବାସୀ ଏଭଳି ଜଳବନ୍ଦୀ ଦୁର୍ଦ୍ଦଶା ଭୋଗିଲେ। ପ୍ରବଳ ବର୍ଷାର ପୂର୍ବାନୁମାନ ସତ୍ତ୍ୱେ ଜଳଭଣ୍ଡାରଗୁଡ଼ିକୁ ପୂର୍ବରୁ ଆବଶ୍ୟକ ପରିମାଣରେ ଖାଲି କରାଗଲା ନାହିଁ ଓ ଶେଷ ମୁହୂର୍ତ୍ତରେ ଭୟଭୀତ ହୋଇ ଏକାସଙ୍ଗେ ୩୦ରୁ ୪୦ଟି ଗେଟ୍ ଖୋଲିଦିଆଗଲା। ଫଳରେ ଡ୍ୟାମ୍ ଏକ 'ୱାଟର ବମ୍ ?' ଭଳି କାମ କଲା ଓ ଉପରମୁଣ୍ଡର ପ୍ରବଳ ବର୍ଷା ସାଙ୍ଗକୁ ଡ୍ୟାମରୁ ହଠାତ୍ ନିଷ୍କାସିତ ବିପୁଳ ଜଳ ମିଶି ଋଷିକୁଲ୍ୟା ଅବବାହିକାରେ ଭୟଙ୍କର ବନ୍ୟା ସୃଷ୍ଟି କଲା, ଯାହାଫଳରେ ସାଧାରଣ ଲୋକଙ୍କୁ ସତର୍କ ହେବା ପାଇଁ ସାମାନ୍ୟ ସମୟ ମଧ ମିଳିଲାନାହିଁ ବୋଲି ଅଭିଯୋଗ କରିଥିଲେ।

ଆଉ ଶ୍ରୀ ମହାପାତ୍ରଙ୍କ ଏଭଳି ଅଭିଯୋଗକୁ ସମର୍ଥନ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୩ପୃଷ୍ଠାର ଚିଠି ଲେଖି ଓ ପିସିସି ସଭାପତି ଭକ୍ତ ଦାସ ସାମ୍ବାଦିକ ସମ୍ମିଳନୀ କରି ଗଞ୍ଜାମ ବନ୍ୟା ମନୁଷ୍ୟକୃତ ବୋଲି ଅଭିଯୋଗ କରିଥିଲେ। ମୁଖ୍ୟ ସଚିବ ଆଜି ସାମ୍ବାଦିକ ସମ୍ମିଳନୀ କରି ସଷ୍ଟୀକରଣ ଦେବାପରେ ବିଜେଡି ତାଙ୍କୁ କଟାକ୍ଷ କରିଛି । ଆଉ ବିଜେପି ମଧ ସିଧାସଳଖ ସୁରେଶ ମହାପାତ୍ରଙ୍କୁ ଟାର୍ଗେଟ୍ କରିଛି। ବିଜେପି ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ ଇତିହାସକୁ ମନେ ପକାଇ ଦେଇ ପ୍ରଶ୍ନ କରିଛନ୍ତି ଯେ, ୨୦୧୧ରେ ସୁରେଶ ମହାପାତ୍ର ଜଳସମ୍ପଦ ସଚିବ ଥିବାବେଳେ ସିଏଜି ରିପୋର୍ଟ ଅନୁସାରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଯେଉଁ ବନ୍ୟା ହୋଇ ୮୦ ଜଣଙ୍କ ଜୀବନ ଯାଇଥିଲା ଓ ମହାନଦୀ ବିବାଦବେଳେ ଛତିଶଗଡ଼ର ଶହେଟି ବ୍ୟାରେଜରେ ଓଡ଼ିଶାର କ୍ଷତି ହେବନି ବୋଲି ଯେଉଁ ବୟାନ ସେ ଦେଇଥିଲେ, ତାହା କ'ଣ ଥିଲା ? ତେଣୁ ସୁରେଶ ମହାପାତ୍ର ଇତିହାସ ନଭୁଲି ରାଜନୈତିକ ଉଦ୍ଦେଶ୍ୟ ରଖି ବିଭ୍ରାନ୍ତିକର ମତାମତ ଦେବାରୁ ଦୂରେଇ ରୁହନ୍ତୁ ବୋଲି ବିଜେପି ସତର୍କ କରାଇ ଦେଇଛି।

ସାଧାରଣ ଜନତାର ସ୍ୱର
ସ୍ୱାଧିକାର
Swadhikar

ଛାତ୍ରନେତା ଭବିଷ୍ୟତର ଗେମ୍ ଚେଞ୍ଜର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨ା୧୧ (ସ୍ୱାଧିକାରନ୍ୟୁଜ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପ୍ରଦେଶ ତରଫରୁ ରାଜ୍ୟସ୍ତରୀୟ ଛାତ୍ରନେତା ସମ୍ମିଳନୀ ବରମୁଣ୍ଡା ପଡିଆ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ରାଜ୍ୟର କୋଣ ଅନୁକୋଣରୁ ସମସ୍ତ କ୍ୟାମ୍ପସରୁ ୮୦୦୦ ରୁ ଉର୍ଦ୍ଧ ଛାତ୍ର ନେତା ଯୋଗ ଦେଇଥିଲେ । ଏହି ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ବକ୍ତା ଭାବରେ ଏବିଭିପି ର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼.ବୀରେନ୍ଦ୍ର ସିଂହ ସୋଲାଙ୍କି ବିଶେଷ ଭାବେ ଉପସ୍ଥିତ ଥିଲେ। ଏଥିସହିତ ରାଂଚି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଖିତି ଭୂଷଣ ଦାସ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଧାରଣ ସମ୍ପାଦକ ସୁଶ୍ରୀ ରିୟା ଛାଓଡି, ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ ସମ୍ପାଦିକା ସୁଶ୍ରୀ ଦିପ୍ତିମୟୀ ପ୍ରତିହାରୀ ,ଓଡ଼ିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବରାଇ ଓ ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ ସଭାପତି ଡ଼.ଦେବେଶ ଶଙ୍କର ହୋତା ବିଶେଷ ଭାବେ ଉପସ୍ଥିତ ଥିଲେ।



ଏହି ଛାତ୍ରନେତା ସମ୍ମିଳନୀରେ ଚଳିତ ବର୍ଷର ଛାତ୍ର ସଂସଦ ନିର୍ବାଚନରେ ପ୍ରତିନିଧିତ୍ୱ କରୁଥିବା ସମସ୍ତ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଗଦର୍ଶନ ପ୍ରଦାନ କରିଥିଲେ।ଭାରତ ସମେତ ଓଡ଼ିଶାର ଜେନ ଜି ବିଦ୍ୟାର୍ଥ ପରିଷଦ ସହିତ ରହିଛନ୍ତି ଏବଂ ଯାହାର ଫଳ ସ୍ୱରୂପ ଆଜି ଏବିଭିପି ରାଜ୍ୟର ସମସ୍ତ କୋଣ ଅନୁକୋଣରେ ବିପୁଳ ସମର୍ଥନ ପାଇ ବିଜୟୀ ହୋଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, "ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରାଇବା ନେଇ ଅନେକ ପ୍ରଶ୍ନ ଉଠିଥିଲା। କ୍ୟାମ୍ପସ୍ ନିର୍ବାଚନ ପାଇଁ ଏବିଭିପି ପ୍ରସ୍ତୁତ ଅଛି କି ନାହିଁ, ସେ ନେଇ ଭିନ୍ନ ଭିନ୍ନ ମତ ରହିଥିଲା। ରାଜ୍ୟ ଏବିଭିପି ନେତାମାନେ ନିଜର ବିଜୟ ନେଇ ମୋତେ ଆଶ୍ୱାସନା ଦେବା ପରେ ହିଁ ମୁଁ କ୍ୟାମ୍ପସ୍ ନିର୍ବାଚନ ପାଇଁ ଅନୁମତି ଦେଇଥିଲି। ଶେଷରେ, ଏବିଭିପି ଏହି ନିର୍ବାଚନରେ ବଡ଼ ସଫଳତା ହାସଲ କଲା। ଏହାକୁ ହିଁ ସଂଗଠନର ଶକ୍ତି କୁହାଯାଏ।"

ଯୁବକମାନଙ୍କୁ "ଗେମ୍ ଚେଞ୍ଜର" ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ବିପୁଳ ଜନସମାଗମ ସଂଗଠନ ପ୍ରତି ଛାତ୍ର ଓ ଯୁବକମାନଙ୍କର ବଢ଼ୁଥିବା ବିଶ୍ୱାସକୁ ଦର୍ଶାଉଛି। ମୁଖ୍ୟମନ୍ତ୍ରୀ ଏବିଭିପି ନେତାମାନଙ୍କୁ "ରାଷ୍ଟ୍ରକୁ ପ୍ରାଥମିକତା" ଦେବାକୁ ଏବଂ ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, "ମୁଁ ଛାତ୍ର ଓ ଯୁବକମାନଙ୍କୁ ପରାମର୍ଶ ଦେଇଛି ଯେ, ସେମାନେ ଅନ୍ୟ କେଉଁଠାରେ ଚାକିରି ଖୋଜିବା ପରିବର୍ତ୍ତେ ନିଜେ ନିଯୁକ୍ତି ସୃଷ୍ଟିକାରୀ ହୁଅନ୍ତୁ।" ଛାତ୍ରଛାତ୍ରୀଙ୍କ ପାଇଁ ନିଜ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ଆଲୋଚନା କଲେ ଏବଂ କହିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରାଥମିକତା ତାଲିକାରେ ଯୁବକ, ମହିଳା ଓ କୃଷକମାନେ ଅନ୍ତର୍ଭୁକ୍ତ ଅଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆଠ ବର୍ଷର ବ୍ୟବଧାନ ପରେ ଗତ ମାସରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଜେଡି ସରକାରଙ୍କ ସମୟରେ ବନ୍ଦ ହୋଇଯାଇଥିବା ଏହି କ୍ୟାମ୍ପସ୍ ନିର୍ବାଚନକୁ ପୁନଃ ଆରମ୍ଭ କରିବା ପାଇଁ ବିଜେପି ନିଜର ୨୦୨୪ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା।

ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼ ବୀରେନ୍ଦ୍ର ସିଂହ ସୋଲାଙ୍କି କହିଛନ୍ତି ଯେ ଓଡ଼ିଶା ଆଜି ସମଗ୍ର ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୨୦୮ କଲେଜରେ ସଭାପତି ଏବଂ ୮ଟି ବିଶ୍ୱବିଦ୍ୟାଳୟରେ ସମ୍ପୂର୍ଣ୍ଣ କ୍ଲିନ୍ ସ୍ୱିପ ସହ ଆଜି ଏବିଭିପି ରାଜ୍ୟ ଇତିହାସ ରେ ରେକର୍ଡ କରିଛି। ରାଂଚି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ର ପ୍ରାକ୍ତନ କୁଳପତି ପ୍ରଫେସର କ୍ଷିତି ଭୂଷଣ ଦାସ କହିଛନ୍ତି,ଯେ ଆଗାମୀ ବର୍ଷ ତମାମ ଏବିଭିପି ପକ୍ଷରୁ ଜାରି ହୋଇଥିବା ସଂକଳ୍ପ ପତ୍ରକୁ ନେଇ ବିଦ୍ୟାର୍ଥୀ ପରିଷଦ କାର୍ଯ୍ୟ କରିବା ଆବଶ୍ୟକ ଏବଂ ଯାହା ଏବିଭିପି ପ୍ରାରମ୍ଭ ମଧ୍ୟ କରି ସାରିଛି। ଏବିଭିପି ଓଡ଼ିଶାର ରାଜ୍ୟ ସମ୍ପାଦକ ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତ ପ୍ରତିନିଧି ଏବଂ ମିଡିଆ,ପୁରାତନ କାର୍ଯ୍ୟକର୍ତ୍ତା,ବିଦ୍ୟାର୍ଥୀ ପରିଷଦର ଶୁଭେଚ୍ଛୁ ମାନଙ୍କୁ ଆଭାର ବ୍ୟକ୍ତ କରିଛନ୍ତି।

ପୁଣି ଚର୍ଚ୍ଚାରେ ଡାକ୍ତର ମୋତିଲାଲ ଗୌଡ଼

ଭୁବନେଶ୍ୱର, ୧୨ା୧୧ (ସ୍ୱାଧିକାରନ୍ୟୁଜ): ଦୀର୍ଘ ପ୍ରାୟ ୧୦ବର୍ଷ ପରେ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି ବିବାଦୀୟ ଡାକ୍ତର ମୋତିଲାଲ ଗୌଡ଼। ତାଙ୍କ ବିରୋଧରେ ଚାଲିଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ରାଜ୍ୟ ସରକାର ତ୍ୱରାନ୍ୱିତ କରିଛନ୍ତି। ରାଜ୍ୟ ସରକାରଙ୍କ ଶ୍ରମ କମିଶନର ତଥା ତଦନ୍ତକାରୀ ଅଧିକାରୀ ଇନ୍ଦ୍ରମଣି ତ୍ରିପାଠୀ ଏହି ମାମଲାରେ ସାକ୍ଷ୍ୟ ପ୍ରଦାନ ନିମନ୍ତେ ୩ଜଣ ଅବସରପ୍ରାପ୍ତ କର୍ମଚାରୀ ଓ ଜଣେ ସେବାରତ କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ସମନ ଜାରି କରିଛନ୍ତି।



ସୂଚନା ଅନୁସାରେ, ରାଜ୍ୟ କାରଖାନା ନିର୍ଦ୍ଦେଶାଳୟର ପୂର୍ବତନ ସହକାରୀ ନିର୍ଦ୍ଦେଶକ (ମେଡିକାଲ) ଡାକ୍ତର ଗୌଡ଼ଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ତଦନ୍ତ ରାଜ୍ୟ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ କରୁଛନ୍ତି। ସେ ଏହି ମାମଲାରେ ଆଜି ଅବସରପ୍ରାପ୍ତ ଏଷ୍ଟାବ୍ଲିସମେଣ୍ଟ ଅଫିସର ଚନ୍ଦ୍ରକଳା ହାଁସଦା, ଅବସରପ୍ରାପ୍ତ ପିଅନ ନିରୂପମା ସାହୁ, ଅବସରପ୍ରାପ୍ତ ଲାବୋରେଟୋରୀ ଆଟେଣ୍ଡାଣ୍ଟ ସୁଦର୍ଶନ ନାୟକ ଓ ବର୍ତ୍ତମାନର ପିଅନ-କମ୍-ଚୌକିଦାର ସତ୍ୟନାରାୟଣ ବାଘଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ୨୬ ତାରିଖ ଅପରାହ୍ନ ୩ଟାରେ ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ହାଜର ହୋଇ ଏହି ସାକ୍ଷୀମାନେ ନିଜର ବୟାନ ରେକର୍ଡ କରିବେ ବୋଲି ଜଣାପଡ଼ିଛି। ଏହି ସମସ୍ତ ସାକ୍ଷୀଙ୍କୁ ଆବଶ୍ୟକୀୟ ଦସ୍ତାବିଜ ସହିତ ତଦନ୍ତରେ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଡାକ୍ତର ଗୌଡ଼ଙ୍କୁ ଚାକିରିରୁ ନିଲମ୍ବିତ କରିବା ସହ ତାଙ୍କ ବିରୁଦ୍ଧରେ ରାଜ୍ୟ ସରକାର ୨୦୧୬ ଜୁଲାଇ ୧୧ତାରିଖରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ବହୁଚର୍ଚ୍ଚିତ ତଥା ଦୀର୍ଘଦିନର ମାମଲାକୁ ତ୍ୱରାନ୍ୱିତ କରି ଶୀଘ୍ର ଫଇସଲା କରିବା ଉଦ୍ଦେଶ୍ୟରେ କାରଖାନା ଓ ବଏଲର୍ସ ନିର୍ଦ୍ଦେଶାଳୟର ୪ଜଣ କର୍ମଚାରୀଙ୍କୁ ନୋଟିସ୍ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ କାରଖାନା ଓ ବଏଲର୍ସ ନିର୍ଦ୍ଦେଶାଳୟର ତତ୍କାଳୀନ ସହକାରୀ ନିର୍ଦ୍ଦେଶକ (ମେଡିକାଲ) ଡାକ୍ତର ମୋତିଲାଲ ଗୌଡ଼ ଏକ ଜାଲ୍ ଗେଜେଟ୍ ବିଜ୍ଞପ୍ତି ପ୍ରସ୍ତୁତ କରି ବିଭିନ୍ନ କଳକାରଖାନା ଓ ନାଲକୋ ଭଳି ନବରତ୍ନ କମ୍ପାନୀର ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ କୋଟି କୋଟି ଟଙ୍କାର ଚୁକ୍ତି ହାତେଇଥିଲେ। ଏହି ମେଗା ମେଡିକାଲ ଚେକଅପ୍ ଦୁର୍ନୀତି ସାମ୍ନାକୁ ଆସିବା ପରେ ରାଜ୍ୟ କ୍ରାଇମବ୍ରାଂଚର ଅର୍ଥନୈତିକ ଅପରାଧ ଶାଖା ତାଙ୍କୁ ୨୦୧୬ ଜୁନ ମାସରେ ଗିରଫ କରିଥିଲା ଓ ଭିଜିଲାନ୍ସ ପକ୍ଷରୁ ମଧ୍ୟ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ରାଜ୍ୟ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ତତକାଳୀନ ପ୍ରମୁଖ ସଚିବ ୨୦୧୬ ମସିହା ଜୁଲାଇ ୧୧ ତାରିଖରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ବର୍ଷ ବର୍ଷ ଧରି ଝୁଲି ରହିଥିବା ଏହି ବିଭାଗୀୟ ପ୍ରୋସିଡିଂକୁ ଏବେ ସମୟବଦ୍ଧ ଭାବେ ଶେଷ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

୪୫.୫୭ କୋଟିର ନିଶାଦ୍ରବ୍ୟ ଓ ଚୋରା ମଦ ଜବତ

ଭୁବନେଶ୍ୱର, ୧୨ା୧୧ (ସ୍ୱାଧିକାରନ୍ୟୁଜ): ଓଡ଼ିଶାରେ ୪୫.୫୭ କୋଟିର ନିଶାଦ୍ରବ୍ୟ ଓ ଚୋରା ମଦ ଜବତ। ୭,୮୨୬ ମାମଲା ରୁଜୁ ସହ ୩,୭୬୪ ଜଣ ଗିରଫ। ୭,୮୨୬ଟି ମାମଲା ରୁଜୁ, ୩,୭୬୪ ଜଣ ଗିରଫ; ୩,୨୦୧ କେଜି ଗଞ୍ଜେଇ, ୬.୩୬ କେଜି ହେରୋଇନ୍ ଓ ୪.୨୮ ଲକ୍ଷ ଲିଟର ଚୋରା ମଦ ଜବତ ଭୁବନେଶ୍ୱର: ପାର୍ବଣ ଋତୁରେ ରାଜ୍ୟରେ ବେଆଇନ ମଦ ଓ ନିଶାଦ୍ରବ୍ୟର ଉତ୍ପାଦନ, ବିକ୍ରୟ ଏବଂ ପରିବହନକୁ ରୋକିବା ଉଦ୍ଦେଶ୍ୟରେ ଅବକାରୀ ବିଭାଗ ପକ୍ଷରୁ ଚଳିତ ବର୍ଷ ଅକ୍ଟୋବର ୧୦ରୁ ନଭେମ୍ବର ୧୦ ମଧ୍ୟରେ ରାଜ୍ୟବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ଧରପଗଡ଼ ଅଭିଯାନରେ ମୋଟ ୪୫.୫୭ କୋଟି ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଓ ଚୋରା ମଦ ଜବତ କରାଯାଇଛି।



ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ମୋଟ ୭,୮୨୬ଟି ମାମଲା ରୁଜୁ କରାଯିବା ସହ ୩,୭୬୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ସମୟରେ ୩,୨୦୧ କେଜି ଗଞ୍ଜେଇ, ୬,୩୬୬ ଗ୍ରାମ ହେରୋଇନ୍, ୧୫୦.୫ ଲିଟର କଫ୍ ସିରପ୍, ୧୪,୧୯୩ କେଜି ମହୁଲ ଫୁଲ, ୧,୦୪୫ ଲିଟର ନକଲି ବିଦେଶୀ ମଦ ଏବଂ ୪,୨୮,୫୮୫ ଲିଟର ଚୋରା ଭାଟି ମଦ ଜବତ କରାଯାଇଛି। ଏଥିସହ ୪୦,୭୦,୪୧୦ ଲିଟର ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପୋଚ ନଷ୍ଟ କରାଯାଇଥିବା ବେଳେ ଏହି ବେଆଇନ କାର୍ଯ୍ୟକଳାପରେ ବ୍ୟବହୃତ ୪୪୨ଟି ଗାଡ଼ି ଜବତ ହୋଇଛି।

ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ ହେବ ୱାଲମି

ଭୁବନେଶ୍ୱର, ୧୨ା୧୧ (ସ୍ୱାଧିକାରନ୍ୟୁଜ): ରାଜ୍ୟର ଜଳସମ୍ପଦ ପରିଚାଳନାକୁ ଅଧିକ ଆଧୁନିକ, ବୈଜ୍ଞାନିକ ଓ ସୁଦୃଢ଼ କରିବା ନିମନ୍ତେ ଓଡ଼ିଶାର ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ୱାଲମି)କୁ ସେଣ୍ଟର ଫର୍ ଏକ୍ସେଲେନ୍ସି ଭାବେ ବିକଶିତ କରାଯିବ। ଏଥିପାଇଁ ରାଜ୍ୟ ସରକାର ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଯୋଜନା ୨୦୨୬-୨୭ ଓ ୨୦୨୭-୨୮ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବ। ଏହି ଉନ୍ନତୀକରଣ ଅଧୀନରେ ଅନୁଷ୍ଠାନରେ ସ୍ମାର୍ଟ ଡିଜିଟାଲ୍ ଶ୍ରେଣୀଗୃହ, ଆଧୁନିକ ତାଲିମ ସୁବିଧା, ଉନ୍ନତ ଛାତ୍ରାବାସ, ସମ୍ମିଳନୀ କକ୍ଷ ଓ ଅଡିଟୋରିୟମ୍ ଆଦିର ବିକାଶ କରାଯିବ। ଏହାଦ୍ୱାରା ତାଲିମ, ଗବେଷଣା ଓ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ଉନ୍ନତ ପରିବେଶ ସୃଷ୍ଟି ହେବ।



ଜଳସମ୍ପଦ ବିଭାଗରେ ମଞ୍ଜୁରୀପ୍ରାପ୍ତ ୫,୨୩୫ ଜଣ ଯନ୍ତ୍ରୀଙ୍କ ବୃତ୍ତିଗତ ଦକ୍ଷତା ବିକାଶ ଏହି ପଦକ୍ଷେପର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ। ନବନିଯୁକ୍ତ ଯନ୍ତ୍ରୀଙ୍କ ପାଇଁ ଆରମ୍ଭିକ ତାଲିମ ସହ ଆଧୁନିକ ଜଳସେଚନ ପ୍ରଯୁକ୍ତି, ବନ୍ୟା ପରିଚାଳନା, ଜଳର ଦକ୍ଷ ଉପଯୋଗ ଓ ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନର ମୁକାବିଲା ଆଦି ବିଷୟରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ଏଥିସହ ଆଇଆଇଏସ୍‌ସି ବେଙ୍ଗାଲୁରୁ, ଆଇଆଇଟି ରୁରକୀ, ଆଇଆଇଟି ମାଡ୍ରାସ୍, ଆଇଆଇଟି ଗୁଆହାଟୀ, ନିଓଟ୍ ଚେନ୍ନାଇ ଏବଂ ଭାରତୀୟ ମାନକ ବ୍ୟୁରୋ ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସହ ସହଯୋଗିତା ମାଧ୍ୟମରେ ଗବେଷଣା ଓ ଜ୍ଞାନ ବିନିମୟକୁ ଅଧିକ ସମୃଦ୍ଧ କରାଯିବ।

'ସୂର୍ଯ୍ୟବନ' ଇକୋ-ରିସର୍ଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଅନୁଗୋଳରେ ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିକୁ ନୂଆ ଗତି : ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୨ା୧୧ (ସ୍ୱାଧିକାରନ୍ୟୁଜ): ଅନୁଗୋଳ ମାଟି କେବଳ ଶିଳ୍ପ, କୋଇଲା କିମ୍ବା ଖଣିଜ ପଦାର୍ଥର ଜିଲ୍ଲା ନୁହେଁ, ବରଂ ଏହା ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ, ସଂସ୍କୃତି ଏବଂ ସ୍ୱାଭିମାନର ଭୂମି । ଏହି ମାଟିରେ ପର୍ଯ୍ୟଟନର ବିକାଶ ଦିଗରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବା ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ ବୋଲି ବୁଧବାର ଅନୁଗୋଳ ଗୁରୁଧି ଠାରେ 'ସୂର୍ଯ୍ୟବନ' ଇକୋ-ରିସର୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି, ଏହି ପ୍ରକଳ୍ପ କେବଳ ଏକ ସାଧାରଣ ହୋଟେଲ୍ ନୁହେଁ, ବରଂ ଏହା ଏକ ବିଶ୍ୱସ୍ତରୀୟ ଫାଇଭ୍ ଷ୍ଟାର୍ ଇକୋ-ରିସର୍ଟ ହେବ। ଏଠାରେ କେବଳ ବ୍ୟାବସାୟିକ ଲାଭ କ୍ଷତି ଦେଖାଯାଇ ନାହିଁ, ବରଂ ସ୍ଥାନୀୟ ଅଂଚଳର ବିକାଶକୁ ପ୍ରାଥମିକତା ଦିଆଯାଇଛି। ଏହି ପ୍ରକଳ୍ପ ସାଙ୍ଗରେ ହସ୍ପିଟାଲିଟି ଇଣ୍ଡଷ୍ଟ୍ରିର ଏକ "ଓପନ୍ ଲାବୋରେଟୋରୀ' ବା ପ୍ରଶିକ୍ଷଣ ପ୍ରତିଷ୍ଠାନ ମଧ୍ୟ ଗଢ଼ିଉଠିବ। ଯେଉଁଠାରୁ ସ୍ଥାନୀୟ ଯୁବକଯୁବତୀମାନେ ୨ରୁ ୫ ବର୍ଷ ପର୍ଯ୍ୟନ୍ତ ତାଲିମ ନେଇ ଦେଶ ଓ ଦୁନିଆରେ ନିଜ ଭବିଷ୍ୟତ ଗଢ଼ିପାରିବେ। ଏପରିକି ବାହାରେ କାର୍ଯ୍ୟରତ ଆମର ଓଡ଼ିଆ ପିଲାମାନେ ମଧ୍ୟ ନିଜ ମାଟିକୁ ଫେରି ଏଠାରେ ଉତ୍କୃଷ୍ଟ ଆତିଥେୟତାର ସେବା ଯୋଗାଇବାର ସୁଯୋଗ ପାଇବେ।



ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ହେଲା ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବା ଏବଂ ଗ୍ରାମାଂଚଳର ଯୁବକମାନଙ୍କୁ ରୋଜଗାର ପ୍ରଦାନ କରିବା । ଆଠମଲ୍ଲିକର ବୁଣାକାର, ଢେଙ୍କାନାଳର କାରିଗରଙ୍କ ସମେତ ସ୍ଥାନୀୟ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ବିନା ସାର ଓ କୀଟନାଶକରେ ପ୍ରସ୍ତୁତ ଅର୍ଗାନିକ୍ ପନିପରିବା, ଚାଉଳ, ଡାଲି ଏବଂ ଆମର ପାରମ୍ପରିକ ମାଣ୍ଡିଆ ଆଦି ପୌଷ୍ଟିକ ଖାଦ୍ୟ ସାମଗ୍ରୀକୁ ଏହି ହୋଟେଲର ଖାଦ୍ୟ ସାଙ୍ଗରେ ଯୋଡ଼ାଯିବ। ଦିଲ୍ଲୀ ଭଳି ବଡ଼ ସହରରେ ଆମର ପାରମ୍ପରିକ ଖଲିରେ ଖାଦ୍ୟ ପରଷିବା ଏବଂ ମାଣ୍ଡିଆକୁ ହେଲ୍‌ଦି ଫୁଡ୍ ଭାବେ ବ୍ରାଣ୍ଡିଂ କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ ହେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳ ଏବଂ ସାତକୋଶିଆ ଅଂଚଳର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ଅତୁଳନୀୟ । କପିଳାସ, ମା' ହିଙ୍ଗୁଳା ପୀଠ, ତାଳଚେର ରାଜପ୍ରସାଦ ଏବଂ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ଭଳି ସ୍ଥାନଗୁଡ଼ିକ ମହାନଦୀ ସଭ୍ୟତାର ମୂକସାକ୍ଷୀ । ଭାରତ ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନାରେ ସାତକୋଶିଆର ବିକାଶ ପାଇଁ ବଡ଼ ପରିମାଣର ଅର୍ଥ ବରାଦ କରାଯାଇଛି । ଜଙ୍ଗଲ, ବାଘ, କୁମ୍ଭୀର ଏବଂ ହାତୀ ଆଦି ବନ୍ୟପ୍ରାଣୀଙ୍କ ସୁରକ୍ଷା ସାଙ୍ଗକୁ ସ୍ଥାନୀୟ ଲୋକଙ୍କ ଚାଷବାସ ଓ ଜନଜୀବନକୁ ସମନ୍ୱିତ କରି କିପରି ଏକ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିବ, ସେନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ଟିକରପଡ଼ା ରାସ୍ତାର କୃଷ୍ଣଚୂଡ଼ା ଓ ହଳଦିଆ-ନାଲିଆ ଫୁଲଭରା ପ୍ରାକୃତିକ ଶୋଭା ଏକ ସ୍ୱିଜରଲ୍ୟାଣ୍ଡ ଭଳି ମନମୁଗ୍ଧକର ପରିବେଶ ସୃଷ୍ଟି କରୁଛି ।

ଜଙ୍ଗଲ କୋଳରେ ଏକ ଅନ୍ତର୍ଜାତୀୟ ଫାଇଭ୍ ଷ୍ଟାର୍ ଇକୋ-ରିସର୍ଟ ଏବଂ ହସ୍ପିଟାଲିଟି ଇଣ୍ଡଷ୍ଟ୍ରିର ଏକ "ଓପନ୍ ଲାବୋରେଟୋରୀ' ପ୍ରତିଷ୍ଠା କରାଯାଉଛି । ଏହି ପ୍ରକଳ୍ପ କେବଳ ଏକ ବ୍ୟବସାୟିକ ପଦକ୍ଷେପ ନୁହେଁ, ବରଂ ଏହା ମହାପ୍ରଭୁ ଓ ମା' ବୁଢ଼ୀ ଠାକୁରାଣୀଙ୍କ ଆଶୀର୍ବାଦ ଏବଂ ସମସ୍ତଙ୍କ ସହଯୋଗରେ ଏକ ଜନକଲ୍ୟାଣକାରୀ ପ୍ରକଳ୍ପ ଭାବେ ସଫଳ ହେବ । ଟିକରପଡ଼ା ରାସ୍ତାର ପ୍ରାକୃତିକ ସୌନ୍ଦର୍ଯ୍ୟ, ମହାନଦୀ ସଭ୍ୟତାର ଐତିହାସିକ ଗୌରବ ଏବଂ ଏହି ଅଂଚଳର ସାଂସ୍କୃତିକ ପରମ୍ପରାକୁ ସାଙ୍ଗରେ ନେଇ ଅନୁଗୋଳ ଜିଲ୍ଲାକୁ ଦେଶର ଏକ ପ୍ରମୁଖ ଇକୋ-ଟୁରିଜିମ୍ ହବ୍ ଭାବେ ପରିଣତ କରାଯିବ ବୋଲି ସେ କହିଛନ୍ତି ।

ଉଲ୍ଲେଖନୀୟ,ଏହା ପୂର୍ବରୁ ଶ୍ରୀ ପ୍ରଧାନ ତାଳଚେର ଠାରେ ଐତିହାସିକ "ପ୍ରଜାମଣ୍ଡଳ ଭବନ'କୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ । ଏହି ଅବସରରେ ମତବ୍ୟକ୍ତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଅତ୍ୟନ୍ତ ସୁନ୍ଦର ଓ ଆକର୍ଷକ ଭାବେ ନିର୍ମିତ ଏହି ନୂତନ ଭବନଟି ଆମ ତାଳଚେର ସହରର ଏକ ପ୍ରମୁଖ ବୌଦ୍ଧିକ ଓ ସାଂସ୍କୃତିକ କେନ୍ଦ୍ର ଭାବେ ପରିଣତ ହେବ । ଏହି ନୂତନ ଭବନରେ ବିଭିନ୍ନ ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସମାଜର ବିଭିନ୍ନ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଗୁଡ଼ିକ ସୁରୁଖୁରୁରେ ସମ୍ପାଦିତ ହୋଇପାରିବ । ଏହି ନୂତନ ଭବନର ଉପଲବ୍ଧି ଦ୍ୱାରା ସହରର ଜନସାଧାରଣ ଓ ବିଭିନ୍ନ ବର୍ଗର ଲୋକମାନେ ବହୁଳ ଭାବରେ ଉପକୃତ ହୋଇପାରିବେ ବୋଲି ସେ ଆଶାପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ସ୍ଥାନୀୟ ବିଧାୟକମାନେ ଉପସ୍ଥିତ ଥିଲେ ।

ପୋଖରୀରେ ପଶି ବଡ଼ ଭାଇକୁ ହାଣିଲା ସାନ ଭାଇ

ଉଦଳା, ୧୨ା୧୧ (ସ୍ୱାଧିକାରନ୍ୟୁଜ): ସାନ ଭାଇକୁ କୋଳେଇ କାଖେଇ ବଡ଼ କରିଥିଲା ଭାଇ। ହେଲେ ସେଇ ବଡ଼ ଭାଇ ଓ ଭାଉଜଙ୍କୁ କରାଢ଼ି ହାଣି ପକାଇଲା ସାନ ଭାଇ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କପ୍ତିପଦା ଥାନା ବଡ଼ ଗୁଡ଼ୁଗୁଡ଼ିଆ ଗ୍ରାମରେ । ଗ୍ରାମର ଗୋବର୍ଦ୍ଧନ ମହାକୁଡ଼ ଏବଂ ତାଙ୍କ ସ୍ତ୍ରୀ ମଞ୍ଜୁଲତା ମହାକୁଡ଼ଙ୍କୁ କୁରାଢ଼ିରେ ହାଣି ଲହୁଲୁହାଣ କରିଛି ସାନ ଭାଇ କାଳିଆ ମହାକୁଡ଼। ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ମଞ୍ଜୁଲତା ଘରେ ବସିଥିବା ବେଳେ, କାଳିଆ ସେଠାରେ ପହଞ୍ଚି ତାଙ୍କୁ ଆକ୍ରମଣ କରିଥିଲା। ମଞ୍ଜୁଲତାଙ୍କ ହାତକୁ ହାଣିବାର ଦେଖିବା ମାତ୍ରେ ବିରୋଧ କରିଥିଲେ ବଡ଼ ଭାଇ ଗୋବର୍ଦ୍ଧନ। କାଳିଆ ତାଙ୍କୁ ମଧ୍ୟ ପ୍ରାଣାନ୍ତକ ଆକ୍ରମଣ କରିଥିଲା। ଏପରିକି ଆକ୍ରମଣରୁ ବଞ୍ଚିବା ପାଇଁ ବଡ଼ ଭାଇ ପୋଖରୀ ଭିତରକୁ ପଶି ଯାଇଥିଲେ । ହେଲେ ଏହା ସତ୍ତ୍ୱେ ବି କାଳିଆ ସେହି ପୋଖରୀରେ ପଶି ବଡ଼ ଭାଇକୁ ହାଣିଥିଲା ।

ଉଭୟ ଭାଇ ଭାଉଜଙ୍କୁ ହାଣି ଗୁରୁତର କରିବା ପରେ ଘଟଣାସ୍ଥଳରୁ ସାନଭାଇ ଫେରାର ହୋଇଯାଇଛି। ସ୍ଥାନୀୟ ଲୋକେ ଗୁରୁତର ଦୁଇ ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। କପ୍ତିପଦା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସଡ଼କ ଦୁର୍ଘଟଣାରେ ଯୁବକଙ୍କ ଅକାଳ ମୃତ୍ୟୁ

ପାରଳାଖେମୁଣ୍ଡି, ୧୨ା୧୧ (ସ୍ୱାଧିକାରନ୍ୟୁଜ): ଗଜପତିଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଜିରାଙ୍ଗ ନିକଟରେ ମହେନ୍ଦ୍ରତନୟା ନଦୀକୁ ବାଇକ୍ ଖସିପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାରୁ ଦୁଇଟି ବାଇକ୍‌ରେ ଚାରି ଜଣ ସାଙ୍ଗ ଗଜପତି ଜିଲ୍ଲା ବୁଲିବାକୁ ଆସିଥିବାବେଳେ ଏହି ଅଘଟଣ ଘଟିଛି। ଗଞ୍ଜାମ ଜିଲ୍ଲାରୁ ଚାରି ଜଣ ଯୁବକ ଦୁଇଟି ବାଇକ୍‌ରେ ଗଜପତି ଜିଲ୍ଲାକୁ ଆସିଥିଲେ। ଚନ୍ଦ୍ରଗିରିରେ ବୁଲାବୁଲି କରିବା ପରେ ଜଣେ ସାଙ୍ଗଙ୍କ ଘରେ ରାତ୍ରିଯାପନ କରିଥିଲେ। ବୁଧବାର ସକାଳେ ସେଠାରୁ ମହେନ୍ଦ୍ରଗିରି ଅଭିମୁଖେ ବାହାରିଥିଲେ। ସକାଳ ପ୍ରାୟ ୯ଟାରେ ଜିରାଙ୍ଗ ନିକଟସ୍ଥ ପୋଲ ପାଖରେ ଗୋଟିଏ ବାଇକ୍ ଭାରସାମ୍ୟ ହରାଇ ମହେନ୍ଦ୍ରତନୟା ନଦୀକୁ ଖସିପଡ଼ିଥିଲା। ଫଳରେ ବାଇକ୍‌ରେ ଥିବା ଦୁଇ ଜଣ ଯୁବକ ନଦୀକୁ ଖସି ପଡ଼ିଥିଲେ। ଏହି ଦୁର୍ଘଟଣାରେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ସ୍ୱର୍ଗତ ଦାଶରଥି ଆପଟଙ୍କ ପୁଅ ରାଜକୁମାର ଆପଟ (୨୬)ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଆହତ ଯୁବକ ହେଲେ ବସନ୍ତ ନାୟକଙ୍କ ପୁଅ ଗଣେଶ ନାୟକ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପଠାଯାଇଛି। ମୃତ ରାଜକୁମାରଙ୍କ ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ। ପୂର୍ବରୁ ବାପାଙ୍କୁ ହରାଇଥିବା ରାଜକୁମାରଙ୍କ ପରିବାରରେ ମା' ହିଁ ଏକମାତ୍ର ଆଶ୍ରୟ। ମା'ଙ୍କ ଅବସ୍ଥା ମଧ୍ୟ ଶୋଚନୀୟ। ଏଭଳି ସ୍ଥିତିରେ ପୁଅର ଅକାଳ ମୃତ୍ୟୁ ପରିବାରକୁ ଅସହାୟ କରିଦେଇଛି। ଜଣେ ଗରିବ ମା' ନିଜ ପୁଅକୁ ହରାଇ ଏବେ ଗଭୀର ଶୋକରେ ଭାଙ୍ଗିପଡ଼ିଛନ୍ତି। ଦୁର୍ଘଟଣା ପରେ ଗାରାବନ୍ଧ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅନିଶ୍ଚିତତା ଭିତରେ ଶ୍ରୀମନ୍ଦିର ଧାଡ଼ି ଦର୍ଶନ ବ୍ୟବସ୍ଥା

ପୁଣି ବଦଳିବ ରାମ୍ପ ଡିଜାଇନ୍ !

ପୁରୀ, ୧୨ା୧୧ (ସ୍ୱାଧିକାରନ୍ୟୁଜ): ଅନିଶ୍ଚିତତା ଭିତରେ ଶ୍ରୀମନ୍ଦିର ଧାଡି ଦର୍ଶନ ବ୍ୟବସ୍ଥା । ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥାକୁ ନେଇ ପୁଣି ଚର୍ଚ୍ଚା। ବାହାରି ପାରୁନି ନିଷ୍କର୍ଷ, ଅନିଶ୍ଚିତତା ଭିତରେ ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥା। ଶ୍ରୀମନ୍ଦିରରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ଚାଲିଛି ଯୋଜନା ପରେ ଯୋଜନା। କେତେବେଳେ କାଠର ରାମ୍ପ ତ ଆଉ କେତେବେଳେ ଫୋଲ୍ଡିଂ ରାମ୍ପ। ବଦଳୁଛି ଡିଜାଇନ୍, ବଢ଼ୁଛି ଅପେକ୍ଷା। ଆଇଆଇଟି ଭୁବନେଶ୍ୱରର ବୈଷୟିକ ସହଯୋଗରେ ନୂଆ ମଡେଲ୍ ପ୍ରସ୍ତୁତ ହୋଇଥିବା ବେଳେ ଏବେ ୮ଟି ରାମ୍ପରେ ଏକଘଣ୍ଟା ମଧ୍ୟରେ ୧୦ହଜାର ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା କରିବାକୁ ଯୋଜନା ରହିଥିବା କହିଥିଲେ ଆଇନ ମନ୍ତ୍ରୀ। ତେବେ ଗତକାଲି ପରିଚାଳନା କମିଟିର ସଦସ୍ୟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ପ୍ରସ୍ତାବିତ ଧାଡି ଦର୍ଶନ ରାମ୍ପକୁ ଯାଞ୍ଚ କରିଥିବା ବେଳେ ଏଥିରେ ପୁର୍ନବାର ସୁଧାର ଓ ପରିବର୍ତ୍ତନ ଆବଶ୍ୟକ ବୋଲି ହୃଦବୋଧ କରିଥିଲେ। ଯାହାକୁ ନେଇ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପରିଚାଳନା କମିଟିର ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ପ୍ରତିକ୍ରିୟା ରଖିଛନ୍ତି। ତେବେ ପ୍ରସ୍ତାବିତ ରାମ୍ପରେ ପାହାଚ ବ୍ୟବସ୍ଥା ଯୋଗୁଁ ଭକ୍ତଙ୍କ ଯାତାୟାତରେ ଅସୁବିଧା ହେବ ବୋଲି ପରିଲକ୍ଷିତ କରିଛନ୍ତି ପରିଚାଳନା କମିଟିର ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା। ଅନ୍ୟପଟେ ଧାଡି ଦର୍ଶନ ଯୋଗୁଁ କିଭଳି ମହାପ୍ରଭୁଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ ଅସୁବିଧା ନହେବ ସେଥିପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ସମସ୍ତ ନିଯୋଗର ସେବକଙ୍କ ପରାମର୍ଶ ଆଧାରରେ ଏହି ବ୍ୟବସ୍ଥା ଲାଗୁ କରାଯିବ କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ।



ମହାପ୍ରଭୁଙ୍କ ଦର୍ଶନ ପାଇଁ ଦୈନିକ ଶ୍ରୀକ୍ଷେତ୍ରକୁ ଛୁଟି ଆସୁଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ପର୍ବପର୍ବାଣୀ ଓ ଛୁଟିଦିନରେ ଭିଡ଼ ଆହୁରି ବଢ଼ୁଛି। ନାଟମଣ୍ଡପ ଓ ଜଗମୋହନରେ ଭିଡ଼ ନିୟନ୍ତ୍ରଣ ସହ ସମସ୍ତ ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନ କରାଇବା ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ଧାଡ଼ି ଦର୍ଶନ ଯୋଜନା। କାର୍ତ୍ତିକ ମାସପରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏଥିରେ ପୁର୍ନବାର ତ୍ରୁଟି ପରିଲକ୍ଷିତ କରିଛି ଶ୍ରୀମନ୍ଦିର ପରିଚାଳନା କମିଟି।

ସେପଟେ ନାଟମଣ୍ଡପରେ ଧାଡି ଦର୍ଶନ ବ୍ୟବସ୍ଥା ହେଲେ ମହାପ୍ରଭୁଙ୍କ ନୀତିକାନ୍ତିରେ ବ୍ୟାଘାତ ସୃଷ୍ଟି ହେବାସହ ଶ୍ରୀମନ୍ଦିର ଭିତରେ ଏହି ବ୍ୟବସ୍ଥା ଆଦୌ ସମ୍ଭବ ନୁହେଁ ବୋଲି କହିଛନ୍ତି ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର। ତେଣୁ ବର୍ତ୍ତମାନ ସମୟରେ କେତେ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ତାହାକୁ ସମୀକ୍ଷା କରି ଧାଡି ଦର୍ଶନ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ଲାଗୁ କରାଯାଉ କହିଛନ୍ତି ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର। ଅନ୍ୟପଟେ ଶୃଙ୍ଖଳିତ ଦର୍ଶନ ପାଇଁ ସରକାରଙ୍କ ଧାଡି ଦର୍ଶନ ବ୍ୟବସ୍ଥାକୁ ସ୍ୱାଗତ କରିଛନ୍ତି ଭକ୍ତ ।

ବଜେଟ୍ ବ୍ୟୟ ୩୪ ପ୍ରତିଶତ

ଭୁବନେଶ୍ୱର, ୧୨ା୧୧ (ସ୍ୱାଧିକାରନ୍ୟୁଜ): ଚଳିତ ଆର୍ଥିକ ବର୍ଷର ସାତମାସରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବଜେଟ୍‌ରେ ବରାଦ ଅର୍ଥରୁ ମାତ୍ର ୩୪ ପ୍ରତିଶତ ଖର୍ଚ୍ଚ କରିବାରେ ସଫଳ ହୋଇଛି । ବଜେଟ୍‌ରେ ବିଭାଗ ପାଇଁ ୧୦,୭୦୬ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଆଇଏମଏଫଏସ୍‌ର ଆକଳନ ଅନୁଯାୟୀ ଏଥିରୁ ୩୬୫୪ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି ।

ବିଭାଗ ପାଇଁ ରାଜ୍ୟ ଯୋଜନାରେ ବରାଦ ହୋଇଥିବା ଅର୍ଥରୁ ୪୦ ପ୍ରତିଶତ ବ୍ୟୟ ହୋଇଥିବାବେଳେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ବରାଦଅର୍ଥରୁ୨୮ ପ୍ରତିଶତରୁ କମ୍ ବ୍ୟୟହୋଇଛି । କେନ୍ଦ୍ରୀୟ ଯୋଜନା ପାଇଁ ବରାଦ ହୋଇଥିବା ୧୮୭ କୋଟି ଟଙ୍କା ଅର୍ଥରୁ ଟଙ୍କାଟିଏ ବି ଖର୍ଚ୍ଚ ହୋଇନାହିଁ । ସେହିଭଳି ରାଜ୍ୟ ଅର୍ଥ କମିଶନ ବରାଦ କରିଥିବା ଅର୍ଥରୁ ୩୯ ପ୍ରତିଶତ ବ୍ୟୟ ହୋଇଥିବାବେଳେ କେନ୍ଦ୍ରୀୟ ଅର୍ଥ କମିଶନଙ୍କ ଅର୍ଥ ଏବଂ ଷ୍ଟାମ୍ପ ଡ୍ୟୁଟି ଅର୍ଥରୁ ଟଙ୍କାଟିଏ ଖର୍ଚ୍ଚ ହୋଇନାହିଁ । ତେବେ ସବୁଠାରୁ ଅଧିକ ଅର୍ଥ ପ୍ରଶାସନିକ ବାବଦରେ ବ୍ୟୟ ହୋଇଛି । ବଜେଟ୍‌ରେ ଏଥିପାଇଁ ୭୪୨.୭୮ କୋଟି ଟଙ୍କା ଥିବାବେଳେ ଏଥିରୁ ୪୯ ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଛି ।

ନଗର ଉନ୍ନୟନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ସହରାଞ୍ଚଳ ପରିବହନ ପାଇଁ ୩୭୦ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଏଥିରୁ ୧୦ପ୍ରତିଶତ ଅର୍ଥ ବି ଖର୍ଚ୍ଚ ହୋଇପାରିନଥିବା ଜଣାଯାଇଛି । ସେହିଭଳି ସମୃଦ୍ଧ ସହର ଯୋଜନାରେ ୪ ପ୍ରତିଶତରୁ କମ୍ ଅର୍ଥ ବ୍ୟୟ ହୋଇଛି । ସହରୀ ଯୋଜନା ପାଇଁ ୯୬ କୋଟି ଟଙ୍କାର ବ୍ୟୟ ହୋଇଥିବାବେଳେ ଏଥିରୁ ଟଙ୍କାଟିଏ ଖର୍ଚ୍ଚ ହୋଇନଥିବାବେଳେ ନୂତନ ସହର ବିକାଶ ଯୋଜନାରେ ବି ଅନୁରୂପ ସ୍ଥିତି । ଏଥିପାଇଁ ୫୦ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଖର୍ଚ୍ଚ ଶୂନ ରହିଛି ।

ସହରାଞ୍ଚଳରେ ସ୍ୱରେଜ ପ୍ରକଳ୍ପ କାର୍ଯ୍ୟକାରୀ କ୍ଷେତ୍ରରେ ଅର୍ଥ ବ୍ୟୟ ସନ୍ତୋଷଜନକ ରହିଛି । ବରାଦ ଅର୍ଥ ମଧ୍ୟରୁ ୬୦ ପ୍ରତିଶତ ବ୍ୟୟ ହୋଇଛି । ତେବେ ଡ୍ରେନେଜ ପାଇଁ ବଜେଟ୍‌ରେ ୩୭୦ କୋଟି ଟଙ୍କା ରହିଥିଲେ ବି ଏଥିରୁ ୧୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇପାରି ନାହିଁ ।

ସେହିଭଳି ପିଏମଏୱାଇ ଅର୍ବାନ ବନ୍ଧୁ ଯୋଜନାରେ ଖର୍ଚ୍ଚ ୧୦ ପ୍ରତିଶତରୁ କମ୍ ରହିଥିବାବେଳେ ଆହାର ଯୋଜନାରେ ଅର୍ଥ ଖର୍ଚ୍ଚ କିନ୍ତୁ ୬୬ ପ୍ରତିଶତରୁ ଅଧିକ ରହିଛି । ଏହି ଯୋଜନାପାଇଁ ବଜେଟ୍‌ରେ ୯୦ କୋଟି ଟଙ୍କା ରହିଥିଲା । ସେହିଭଳି ଦକ୍ଷତା ବିକାଶ ଓ ସମ୍ପଦ ପରିଚାଳନା ପାଇଁ ବଜେଟ୍‌ରେ ୭୦ କୋଟି ଟଙ୍କା ରହିଥିବାବେଳେ ଏଥିରୁ ୪୦ ପ୍ରତିଶତ ଅର୍ଥ ବି ବ୍ୟୟ ହୋଇପାରି ନାହିଁ । ମୁଖ୍ୟମନ୍ତ୍ରୀ ସ୍ମାର୍ଟସିଟି ମିଶନରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଏଥିରୁ ଆର୍ଥିକ ବର୍ଷର ସାତମାସ ମଧ୍ୟରେ ଟଙ୍କାଟିଏ ବି ଖର୍ଚ୍ଚ ହୋଇଛି । ଗରିମା ଯୋଜନାର ବି ଅନୁରୂପ ଅବସ୍ଥା । କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସ୍ୱଚ୍ଛ ଭାରତ ମିଶନରେ ୨୦ ପ୍ରତିଶତ ଅର୍ଥ ବି ବ୍ୟୟ ହୋଇପାରୁ ନାହିଁ । ରାଜ୍ୟ ସରକାର ଚଳିତ ମାସରେ ବିଧାନସଭାରେ ଅତିରିକ୍ତ ଖର୍ଚ୍ଚଦାବି ଆଗତ କରିବାକୁ ଯାଉଥିବାବେଳେ ବଜେଟ୍‌ରେ ବରାଦ ଅର୍ଥ ଖର୍ଚ୍ଚ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ବିଭାଗଗୁଡ଼ିକୁ ତାଗିଦା କରାଯାଉଛି । ତେବେ କ୍ଷେତ୍ର ସ୍ତରରେ କର୍ମଚାରୀ ଅଭାବ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଭଳି କେତେକ ବିଭାଗ ଅର୍ଥ ଖର୍ଚ୍ଚରେ ମନ୍ଥରତା ପ୍ରଦର୍ଶନ କରୁଥିବା ଏବେ ସରକାରଙ୍କ ପାଇଁ ଚିନ୍ତାର କାରଣ ହେବାରେ ଲାଗିଛି ।

Printed, Published & Owned by Sandhyarani Pati, Printed at Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin : 751001, Published at : Ekanakhandi, Kendrapara, Dist- Kendrapara, Odisha, Pin - 754211, Ph. No : 09937054455, Corporate Office : Swadhikar Bhawan, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate, Bhubaneswar-751010, Near NSIC Office, Dist - Khordha (Odisha) Ph. No.: (0674) 2533445.
Editor : Akshaya Kumar Pati
ସଂପାଦକ : ଅକ୍ଷୟ କୁମାର ପତି